ଜଳନ୍ଧରରେ ସ୍ୱରାଜ ପଲ୍‌ଙ୍କ ଜନ୍ମ। ତାଙ୍କ ବାପା ପ୍ୟାରେ ଲାଲ ଷ୍ଟିଲ୍ ବାଲ୍‌ଟି ଓ ଅନ୍ୟ କୃଷି ଉପକରଣ ନିର୍ମାଣ ଫ୍ୟାକ୍ଟ୍ରି ଖୋଲିଥିଲେ। ବାଲ୍ୟ ଜୀବନରୁ ଲର୍ଡ ପଲ୍ ବାପାଙ୍କ ବ୍ୟବସାୟିକ ସଂସ୍ଥା କଥା ବୁଝାବୁଝି କରୁଥିଲେ। ଜଳନ୍ଧରରେ ହାଇସ୍କୁଲ ଶିକ୍ଷା ଶେଷକରି ୧୯୪୯ରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସ୍ୱରାଜ ଆମେରିକା ଯାଇ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରୁ ସ୍ନାତକ ଓ ସ୍ନାତକୋତ୍ତର ହୋଇଥିଲେ। ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରି ସେ ଭାରତକୁ ଫେରିବା ସହ ପାରିବାରିକ ବ୍ୟବସାୟିକ ପ୍ରତିଷ୍ଠାନ ଏପିଜେ ସୁରେନ୍ଦ୍ର ଗ୍ରୁପ୍‌ରେ ଯୋଗଦେଇଥିଲେ। କିନ୍ତୁ ସ୍ୱରାଜ ପଲ୍‌ଙ୍କ ଭାଗ୍ୟରେ ଭିନ୍ନ କିଛି ଲେଖାଥିଲା। ୧୯୬୬ରେ ଲ୍ୟୁକୋମିଆରେ ପୀଡ଼ିତା ଝିଅ ଅମ୍ବିକାଙ୍କ ଚିକିତ୍ସା ପାଇଁ ସେ ବ୍ରିଟେନ୍ ଯାଇଥିଲେ। ଦୁର୍ଭାଗ୍ୟବଶତଃ ଅମ୍ବିକା ମାତ୍ର ୪ ବର୍ଷ ବୟସରେ ଆଖି ବୁଜିଦେଇଥିଲେ। ପରବର୍ତ୍ତୀ ସମୟରେ ସ୍ୱରାଜ ବ୍ରିଟେନ୍‌ରେ କାପାରୋ ଗ୍ରୁପ୍ ପ୍ରତିଷ୍ଠା କରି ଇସ୍ପାତ୍ ଏବଂ ଇଞ୍ଜିନିୟରିଂ ଉତ୍ପାଦର ଡିଜାଇନ୍, ମାନୁଫାକ୍ଚରିଂ, ମାର୍କେଟିଂ ଓ ଡିଷ୍ଟ୍ରିବ୍ୟୁଶନ୍ ଭଳି ବିବିଧ କ୍ଷେତ୍ରରେ ବ୍ୟବସାୟିକ ସାମ୍ରାଜ୍ୟ ଗଢ଼ିପାରିଥିଲେ। ଏତିକି ନୁହେଁ, ସେ ଅମ୍ବିକା ଫାଉଣ୍ଡେଶନ୍ ନାମରେ ଏକ ଦାତବ୍ୟ ଟ୍ରଷ୍ଟ ପ୍ରତିଷ୍ଠା କରି ସାରା ବିଶ୍ୱରେ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ବିପୁଳ ଅର୍ଥ ଦାନ କରିଥିଲେ। ଲଣ୍ଡନ୍‌ର ଅମ୍ବିକା ପଲ୍ ଚିଲ୍ଡ୍ରେନ୍ସ ଜୁ ଏହି ଫାଉଣ୍ଡେଶନ୍‌ର ଏକ ବଡ଼ ଅବଦାନ।

ସ୍ୱରାଜ ପଲ୍ ୨୦୧୫ରେ ନିଜ ପୁଅ ଅଙ୍ଗଦ ପଲ୍ ଓ ୨୦୨୨ରେ ସ୍ତ୍ରୀ ଅରୁଣାଙ୍କୁ ହରାଇ ଉଭୟଙ୍କ ସ୍ମୃତିରେ ଅନୁରୂପ ମାନବହିତୈଷୀ ପ୍ରୟାସ ଜାରି ରଖିଥିଲେ। ଲଣ୍ଡନରେ ମୁଖ୍ୟାଳୟ ଥିବା କାପାରୋ ଗ୍ରୁପ୍ ଅଧୀନରେ ବ୍ରିଟେନ୍, ଉତ୍ତର ଆମେରିକା, ଭାରତ ଓ ମଧ୍ୟପ୍ରାଚ୍ୟ ସମେତ ବିଶ୍ୱର ବିଭିନ୍ନ ଭାଗରେ ୪୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ସ୍ୱରାଜଙ୍କ ପୁଅ ଆକାଶ ପଲ୍ କାପାରୋ ଇଣ୍ଡିଆର ଅଧ୍ୟକ୍ଷ ଏବଂ କାପାରୋ ଗ୍ରୁପ୍ ଡାଇରେକ୍ଟର ଅଛନ୍ତି। ୧୯୯୬ରେ ତତ୍କାଳୀନ କଞ୍ଜରଭେଟିଭ୍ ପ୍ରଧାନମନ୍ତ୍ରୀ ଜନ୍ ମେଜରଙ୍କ ଅମଳରେ ସ୍ୱରାଜ ଲେବର ପାର୍ଟିରୁ ହାଉସ୍ ଅଫ୍ ଲର୍ଡ୍ସକୁ ଯାଇଥିଲେ। ସେହି ସମୟରେ ତାଙ୍କୁ ଲର୍ଡ ଉପାଧି ମିଳିଥିଲା। ୨୦୦୮ ଡିସେମ୍ବରରେ ତାଙ୍କୁ ଲର୍ଡ୍ସର ଉପବାଚସ୍ପତି ନିଯୁକ୍ତ କରାଯାଇଥିଲା। ୨୦୦୯ରେ ସ୍ୱରାଜ ପଲ୍‌ଙ୍କୁ ପ୍ରିଭି କାଉନ୍ସିଲରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଲର୍ଡ୍ସରେ ମର୍ଯ୍ୟାଦାଜନକ ଡେପୁଟି ସ୍ପିକର ହେବାରେ ଲର୍ଡ ସ୍ୱରାଜ ପଲ୍ ଥିଲେ ପ୍ରଥମ ଭାରତୀୟ ବଂଶୋଦ୍ଭବ। ୨୦୦୦ରୁ ୨୦୦୫ ମଧ୍ୟରେ ସେ ଭାରତ-ବ୍ରିଟେନ୍ ରାଉଣ୍ଡ୍ ଟେବୁଲ୍‌ର ଅଧ୍ୟକ୍ଷତା କରିଥିଲେ। ୧୯୮୩ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ। ଲର୍ଡ ପଲ୍ ଭାରତ ଓ ବ୍ରିଟେନ୍ ସମ୍ପର୍କର ସେତୁ ପାଲଟି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ତାଙ୍କ ଅବର୍ତ୍ତମାନରେ ବହୁ ବିଶିଷ୍ଟ ବ୍ୟକ୍ତି ସ୍ମୃତିଚାରଣ କରିଛନ୍ତି।

## ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ...

ଏହାକୁ ପ୍ରାଣୀପ୍ରେମୀମାନେ ତୀବ୍ର ବିରୋଧ କରିବା ସହ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ୩ ଜଣିଆ ଖଣ୍ଡପୀଠ ପୂର୍ବ ରାୟରେ ପରିବର୍ତ୍ତନ କରିଛନ୍ତି। ଦିଲ୍ଲୀ-ଏନ୍‌ସିଆର୍ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମାମଲାରେ ପକ୍ଷ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଗଷ୍ଟ ୧୧ ନିର୍ଦ୍ଦେଶନାମାକୁ ମ୍ୟୁନିସିପାଲ୍ କର୍ତ୍ତୃପକ୍ଷ ଅନୁପାଳନ ଜାରି ରଖିବା ସହ ଦିଲ୍ଲୀ, ଗାଜିଆବାଦ, ନୋଏଡ଼ା, ଫରିଦାବାଦ ଓ ଗୁରୁଗ୍ରାମରୁ ବୁଲା କୁକୁରଙ୍କୁ ଧରିବା ଏବଂ ତୁରନ୍ତ କୁକୁର ଆଶ୍ରୟସ୍ଥଳ ନିର୍ମାଣ କରିବାକୁ କୁହାଯାଇଛି। ରାସ୍ତାରୁ ବୁଲା କୁକୁରଙ୍କୁ ନେଇଯାଇ ଆଶ୍ରୟ ସ୍ଥଳରେ ସ୍ଥାୟୀ ଭାବେ ରଖିବାକୁ ପୂର୍ବରୁ ଦିଆଯାଇଥିବା ରାୟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଥିବା ଖଣ୍ଡପୀଠ କହିଛନ୍ତି। ତେବେ ଯେଉଁ କୁକୁର ଜଳାତଙ୍କରେ ଆକ୍ରାନ୍ତ କିମ୍ବା ସେଭଳି ସନ୍ଦେହ କରାଯାଉଛି ଓ ଯେଉଁମାନେ ଆକ୍ରମଣାତ୍ମକ ହୋଇଛନ୍ତି, ସେମାନଙ୍କ ପାଇଁ ସ୍ଥାନାନ୍ତରଣ ଲାଗୁ କରା ନ ଯାଉ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ବୁଲା କୁକୁରଙ୍କ ପାଇଁ ପ୍ରତି ମ୍ୟୁନିସିପାଲ ୱାର୍ଡରେ ନିର୍ଦ୍ଦିଷ୍ଟ ଖାଦ୍ୟପ୍ରଦାନ ସ୍ଥଳ (ଫିଡିଂ ସ୍ପେସ୍) ନିର୍ମାଣ କରିବାକୁ ଅଦାଲତ ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ନିର୍ଦ୍ଦିଷ୍ଟ ମ୍ୟୁନିସିପାଲ ୱାର୍ଡର ଲୋକସଂଖ୍ୟା ଏବଂ ବୁଲାକୁକୁରଙ୍କ ଘନତାକୁ ନଜରରେ ରଖି ଫିଡିଂ ସ୍ଥାନ ନିର୍ମାଣ କରିବାକୁ ହେବ। କେବଳ ସେହିଠାରେ କୁକୁରଙ୍କୁ ଖାଦ୍ୟ ଦିଆଯାଏ ବୋଲି ବିଜ୍ଞାପନ ବୋର୍ଡ ଲଗାଇବାକୁ କୁହାଯାଇଛି। କୌଣସି ପରିସ୍ଥିତିରେ ବି ରାସ୍ତାରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ଅନୁମତି ଦିଆଯିବ ନାହିଁ। ଯେଉଁମାନେ ନିୟମ ଉଲ୍ଲଂଘନ କରି ରାସ୍ତାରେ କୁକୁରଙ୍କୁ ଖାଇବାକୁ ଦେବେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।




# ସମୟ ମାଗିଲେ ସରକାର

## କେନ୍ଦୁଝର ଡିଏମ୍‌ଏଫ୍ ଦୁର୍ନୀତି ମାମଲା

କେନ୍ଦୁଝର/ହାଟଡ଼ିହୀ,୨୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍‌ଏଫ୍ ଅନୁଦାନରେ ବ୍ୟାପକ ଅପବ୍ୟବହାର, ହେରଫେର ଏବଂ ଅନିୟମିତତା ନେଇ ଗୁରୁବାର ହାଇକୋର୍ଟରେ ମାମଲାର ଶୁଣାଣି ହୋଇଛି। ଘଟଣାରେ ଓଡିଏମଏଫ ରୁଲ ୨୦୧୫ର ୧୮ବି ଅନୁସାରେ ଉଚିତ ପଦକ୍ଷେପ ନେଇ ରିପୋର୍ଟ ଦାଖଲ ନିମନ୍ତେ ରାଜ୍ୟସ୍ତରୀୟ କମିଟିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାହା ଦାଖଲ ହୋଇ ନ ଥିବା ବେଳେ ସରକାରୀ ଓକିଲ ରିପୋର୍ଟ ଦାଖଲ ନେଇ ଅଧିକ ସମୟ ମାଗିଥିବା ଜଣାପଡ଼ିଛି।

ପ୍ରକାଶ ଯେ, କେନ୍ଦୁଝର ଡିଏମ୍‌ଏଫ୍ ଅନୁଦାନରେ ବ୍ୟାପକ ଅପବ୍ୟବହାର, ହେରଫେର ଏବଂ ଅନିୟମିତତା ନେଇ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ମାମଲା ଦାୟର ହୋଇଥିଲା। ଗୁରୁବାର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ଜଜ୍ ମୁରହରି ଶ୍ରୀ ରମଣଙ୍କ ୨ ଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ୨ ଜାନୁୟାରୀ ୨୦୨୫ ହାଇକୋର୍ଟଙ୍କ ୨ ଜଣିଆ ଖଣ୍ଡପୀଠ ଓଡିଏମଏଫ ରୁଲ ୨୦୧୫ର ୧୮ବି ଅନୁସାରେ ଉଚିତ ପଦକ୍ଷେପ ନେଇ ରିପୋର୍ଟ ଦାଖଲ ନିମନ୍ତେ ରାଜ୍ୟସ୍ତରୀୟ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୌଣସି ରିପୋର୍ଟ ଦାଖଲ ହୋଇ ନ ଥିଲା। ଶୁଣାଣି ସମୟରେ ଅତିରିକ୍ତ ସରକାରୀ ଓକିଲ ଶାଶ୍ୱତ ଦାସ ରିପୋର୍ଟ ଦାଖଲ ନିମନ୍ତେ ଅଧିକ ୨ ମାସ ସମୟ ମାଗିଥିବା ଜଣାପଡ଼ିଛି। ଶୁଣାଣି ସମୟରେ ଶ୍ରୀ ଦାସ ଉପସ୍ଥାପନା କରିଥିଲେ, ବିଭିନ୍ନ ବିଭାଗକୁ ରାଜ୍ୟସ୍ତରୀୟ କମିଟି ରିପୋର୍ଟ ମାଗିଛନ୍ତି। ୧୨ଟି ବିଭାଗ ମଧ୍ୟରୁ ୫ଟି ବିଭାଗ ରିପୋର୍ଟ ଦାଖଲ କରିଛନ୍ତି। ତେଣୁ ହାଇକୋର୍ଟ ଆସନ୍ତା ୨୨ ଅକ୍ଟୋବରକୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, କେସ ନଂ. ଡବ୍ଲ୍ୟୁପି(ସି)ପିଆଇଏଲ -୨୬୬୦୧/୨୦୨୪ ଅନୁସାରେ ୫ ମାର୍ଚ୍ଚ ୨୦୨୫ରେ ରାଜ୍ୟ ସ୍ତରୀୟ କମିଟିର କନଭେନର(ଆବାହକ) ପ୍ରଦ୍ୟୁମ୍ନ କୁମାର ମହାକୁଡ଼ ଏକ ସତ୍ୟପାଠ ଦାଖଲ କରି ପ୍ରଥମେ ୮ ସପ୍ତାହ ଅଧିକ ସମୟ ମାଗିଥିଲେ। ରାଜ୍ୟସ୍ତରୀୟ କମିଟି ତରଫରୁ ମଗାଯାଇଥିବା ୮ ସପ୍ତାହ ସମୟ ପରେ ଆହୁରି ୧୫ ସପ୍ତାହ ଅଧିକ ବିତି ସାରିଥିଲା । ପୁନଶ୍ଚ ଦ୍ୱିତୀୟ ଥର ପାଇଁ ଅତିରିକ୍ତ ସରକାରୀ ଓକିଲ ଦାସ ହାଇକୋର୍ଟଙ୍କୁ ୨ ମାସ ସମୟ ପ୍ରଦାନ ପାଇଁ ପ୍ରାର୍ଥନା କରିଥିଲେ।

# ସୃଷ୍ଟି ହେଲା ଲଘୁଚାପ, ଆଜିଠାରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣବଳୟ ଶୁକ୍ରବାର ଲଘୁଚାପର ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଶନିବାର ଅତିରୁ ଅତି ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଝାରସୁଗୁଡ଼ାକୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଦେବଗଡ଼, ଅନୁଗୋଳ, କନ୍ଧମାଳ, କଳାହାଣ୍ଡି, ବାଲେଶ୍ୱର, ଭଦ୍ରକ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବଜ୍ରପାତ ବିପଦ ନେଇ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବରଗଡ଼, ଢେଙ୍କାନାଳ, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଆଦି ଜିଲାକୁ ସତର୍କ କରାଯାଇଛି।

### ୭ଜିଲାରେ ନିଅଣ୍ଟିଆ ବର୍ଷା

ଜୁନ୍ ପହିଲାରୁ ଅଗଷ୍ଟ ୨୨ ସୁଦ୍ଧା ରାଜ୍ୟରେ ହାରାହାରି ୭୬୪.୦ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୮୧୧.୯ ମିମି ତୁଳନାରେ ଏହା ୬% କମ୍ ବର୍ଷା ରେକର୍ଡ କରାଯାଇଛଇ। ବିଶେଷକରି ୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। କଳାହାଣ୍ଡି ଓ ରାୟଗଡ଼ାରେ ୩୦% କମ୍ ବର୍ଷା ହୋଇଛି। ସେହିପରି ବଲାଙ୍ଗୀରରେ ୨୮%, ଗଜପତିରେ ୨୭%, ପୁରୀରେ ୨୮%, ଖୋର୍ଦ୍ଧା ଓ ଯାଜପୁରରେ ୨୧% ଲେଖାଏ କମ୍ ବର୍ଷା ରେକର୍ଡ ହୋଇଛି। ୨ ଜିଲାରେ ସ୍ୱାଭାବିକଠାରୁ ଅଧିକ ଓ ୨୧ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି।

# ଖଣିଜ ଗ୍ରେଡ୍ ହେରଫେରର ସନ୍ଦେହ, ୨ ଟ୍ରକ୍ ଅଟକ

## ପୋଲିସ, ଖଣି ଖନନ ବିଭାଗର ଖୋଳତାଡ଼

ଯୋଡ଼ା/ବଡ଼ବିଲ,୨୨।୮ (ମାନସ ମହାନ୍ତି/ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଠାକୁରାଣୀସ୍ଥିତ ଏକ ଖଣି କମ୍ପାନୀରୁ ଲୁହାପଥର ପରିବହନ ବେଳେ ଗ୍ରେଡ୍ ହେରଫେର ଅଭିଯୋଗ ହୋଇଛି। ସନ୍ଦେହରେ ୨ ଟ୍ରକ୍‌କୁ ବଡ଼ବିଲ ପୋଲିସ ଅଟକ ରଖିଛି। ଖଣି ବିଭାଗ ଓ ପୋଲିସ ମିଳିତଭାବେ ଘଟଣାର ଯାଞ୍ଚ ଆରମ୍ଭ କରିଥିବା ବରିଷ୍ଠ ଖଣି ଅଧିକାରୀ ଦୀପକ ଧୁରୁଆ କହିଛନ୍ତି।

ସୂଚନା ମୁତାବକ, ଗୁରୁବାର ରାତିରେ ଉକ୍ତ ୨ ଗାଡ଼ି ଖଣିରୁ ଲୁହାପଥର ବୋଝେଇ କରି ଗନ୍ତବ୍ୟସ୍ଥଳକୁ ଯାଉଥିଲା। ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ବଡ଼ବିଲ ପୋଲିସ ଓ ଯୋଡ଼ା ଖଣି ବିଭାଗ ଗାଡ଼ି ୨ଟିକୁ ଅଟକାଇଥିଲେ। ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଉଭୟ ଗାଡ଼ିରେ ଥିବା ଲୁହାପଥରର ନମୁନା ପରିବହନ ଅନୁମୋଦିତ ନମୁନା ସହିତ ମେଳ ପାଇଁ ପୁନଃ ଡେପୁଟି ଡାଇରେକ୍ଟର କେମିକାଲ ଆନାଲିସିସ୍ (ଡିଡିସିଏ)କୁ ପଠା ଯାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟା ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ସକାଳେ ଖଣି ବିଭାଗର ଏକ ଟିମ୍ ଷ୍ଟାକ୍ ଭେରିଫିକେଶନ ପାଇଁ ଠାକୁରାଣୀସ୍ଥିତ ଖଣିକୁ ଯାଇଥିଲା। ପରିବହନ ଅନୁମୋଦନ ପାଇଁ ଷ୍ଟାକ୍‌ର ନମୁନା କେତେ ଥିଲା ଏବଂ ପରିବହନ ହେଉଥିବା ୨ ଟ୍ରକ୍‌ରେ କେଉଁ ମାନର ଖଣିଜ ପରିବହନ ହେଉଥିଲା ଖଣି ବିଭାଗ ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଆରମ୍ଭ କରିଥିବା ଖଣି ଅଧିକାରୀ ଧୁରୁଆ ସୂଚନା ଦେଇଛନ୍ତି। ଧୁରୁଆ କହିଛନ୍ତି, ଖଣି ବିଭାଗର ଡିଡିସିଏ ଏହାର ଯାଞ୍ଚ କରିବା ପରେ ପରିବହନ ହେଉଥିବା ଗାଡ଼ିଗୁଡ଼ିକରେ ଥିବା ଲୁହାପଥରର ମାନ ଜଣାପଡ଼ିଯିବ। ଏଥିରେ ଅନିୟମିତତା ଥିଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖଣି ଉପ ନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲ କହିଛନ୍ତି, ନିଲାମ ମାଧ୍ୟମରେ ଖଣି ହାତେଇ ଥିବା କିଛି ଖଣି ଲିଜ୍‌ଧାରୀ ପ୍ରତି ଟନ୍ ପିଛା ନିଲାମ ପ୍ରିମିୟମ ଅର୍ଥକୁ କିପରି ଚଞ୍ଚକତାକରି ହ୍ରାସ କରାଯିବ, ସେ ନେଇ ଲୁହାପଥର ଓ ମାଙ୍ଗାନିଜ ପଥରର ଗ୍ରେଡ୍‌ରେ ଉଚ୍ଚମାନର ଖଣିଜକୁ ନିମ୍ନମାନର ଦର୍ଶାଇ ପରିବହନ କରୁଥିବା ନଜିର ରହିଛି। ରାଜ୍ୟ ସରକାର ଏହାକୁ ରୋକିବା ପାଇଁ ଖଣି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଖଣିର ଅନୁମୋଦିତ ଷ୍ଟାକ୍ ଯାଞ୍ଚକୁ ଆହୁରି କଡ଼ାକଡ଼ି କରାଯାଉଛି।

# ୨ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ୨ ମାଓବାଦୀ।

ମାଲକାନଗିରି, ୨୨।୮ (ଦୁର୍ଯ୍ୟୋଧନ ପାତ୍ର)

ତେଲେଙ୍ଗାନା ରାଚକୋଣ୍ଡା ପୋଲିସ ନିକଟରେ ୪୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସୁଧାକର ଓରଫ ଟିଏଲଏମ୍ ଚଲମ୍‌ଙ୍କ ସ୍ତ୍ରୀ କାକଡାଲା ସୁନିତା ଓ ଚେତୁରୀ ହରିଶ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି।

ପ୍ରକାଶ ଯେ, ଗତ ଜୁନ୍‌ରେ ଛତିଶଗଡ ଅବୁଝମାଡରେ ହୋଇଥିବା ଗୁଳି ବିନିମୟରେ ସୁଧାରକ ନିହତ ହୋଇଥିଲେ। ତେବେ ସୁଧାକରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ସୁନିତାଙ୍କ ଉପରେ ପୋଲିସର ନଜର ରହିଥିଲା। ସୁନିତା ଦଣ୍ଡକାରଣ୍ୟ ସ୍ପେସାଲ ଜୋନ୍ କମିଟିର ବରିଷ୍ଠ ସଦସ୍ୟା ଥିଲେ। ତେବେ ସୁଧାକରଙ୍କ ମୃତ୍ୟୁ ପରେ ସୁନିତା ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏଥିସହ ସରକାରଙ୍କ ଥଇଥାନ ନୀତିରେ ଅନୁପ୍ରାଣିତ ହୋଇ ଏପରି ପଦକ୍ଷେପ ନେଇଥିବା କହିଛନ୍ତି। ସେହିପରି ଅନ୍ୟଜଣେ ମାଓବାଦୀ ଚେତୁରୀ ହରିଶ ମଧ୍ୟ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇ ଇଛା କରି ଆତ୍ମସମର୍ପଣ କରିଥିବା ପୁଲିସ ଅଧିକାରୀ ଜି. ସୁଧୀର ବାବୁ ସୂଚନା ଦେଇଛନ୍ତି।

# ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

ପାଟଣା,୨୨।୮ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଭୀମପୁର ଗ୍ରାମରେ ଜଣେ ଯୁବକଙ୍କୁ ହାତୀ କଚାଡ଼ି ମାରିଛି। ମୃତକ ହେଲେ ପାଟଣା ବ୍ଲକ୍ କ୍ଷୀରେଇଟାଙ୍ଗିରି ପଞ୍ଚାୟତ ଭୁଲୁଦା ଗ୍ରାମ ବାଘମରା ସାହିର ଭଗବାନ ମହାନ୍ତଙ୍କ ପୁଅ ସିପିନ ଓରଫ ରମୁ ମହାନ୍ତ(୨୨)। ପ୍ରକାଶ ଯେ, ରେଞ୍ଜ୍‌ରେ ୩୦ ଟିକିଆ ହାତୀପଲ ଉତ୍ପାତ କରୁଛି। ପଲରୁ ଏକ ହାତୀ ଅଲଗା ହୋଇ ବୁଲୁଛି। ଶୁକ୍ରବାର ସନ୍ଧ୍ୟାରେ ସିପିନ ଘରଠାରୁ ୨୨ କି.ମି. ଦୂର ଭୀମପୁରକୁ ହାତୀ ଦେଖିବାକୁ ଯାଇଥିଲେ। ସେଠାରେ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଧରି ବିଲ ଭିତରେ କଚାଡ଼ି ଦେବା ସହ ଦାନ୍ତରେ ଅନ୍ତବୁଜୁଳା ବିଦାରି ଦେଇଥିଲା। ପାଟଣା ବନପାଳ ନିରଞ୍ଜନ ସେଠୀ ଘଟଣାସ୍ଥଳରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ପଠାଇଥିଲେ। ସରକାରୀ ନିୟମ ମୁତାବକ ସମ୍ପର୍କୀୟଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଓଡ଼ିଶା ଗସ୍ତରେ ନବୀନଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକ

## ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବାକୁ ଆସିଥିବା ଚର୍ଚ୍ଚା

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସେ ଭୁବନେଶ୍ୱର ଆସିବା ପରେ ନବୀନ ନିବାସରେ ଏକ ସ୍ଥାନରେ ବସିଛନ୍ତି ଯେଉଁଠି ପାଖରେ ନବୀନ ପଟ୍ଟନାୟକ ମଧ୍ୟ ଅଛନ୍ତି। ତାଙ୍କ ସହ ନବୀନଙ୍କ ସହଯୋଗୀ ଭି.କେ. ପାଣ୍ଡିଆନ୍ ଏବଂ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡା ଓ ଅନ୍ୟ ଜଣେ ଡାକ୍ତରଙ୍କ ସହ କିଛି କଥାବାର୍ତ୍ତା ହେଉଥିବାର ଭିଡିଓ ଦଳ ପକ୍ଷରୁ ଛଡ଼ାଯାଇଛି। କିଛିଦିନ ତଳେ ନବୀନ ଡିହାଇଡ୍ରେଶନ ସମସ୍ୟା କାରଣରୁ ଅସୁସ୍ଥ ହୋଇ ସ୍ଥାନୀୟ ଘରୋଇ ହସ୍ପିଟାଲ ସମ୍ ଅଲ୍‌ଟିମେଟ୍‌ରେ ଚିକିତ୍ସିତ ହୋଇଥିଲେ। ୪ ଦିନ ଚିକିତ୍ସିତ ହେବାପରେ ନବୀନ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ତେବେ ନବୀନଙ୍କୁ ଦେଖିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ପାଇଁ ପ୍ରେମ୍ ପଟ୍ଟନାୟକ ଓଡ଼ିଶା ଆସିଛନ୍ତି ବୋଲି ଚର୍ଚ୍ଚା ଚାଲିଛି। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସେ ନବୀନ ନିବାସରେ ଥିବା ବେଳେ କେବେ ଫେରିବେ ସେନେଇ କୌଣସି ଖବର ଜଣାପଡ଼ି ନାହିଁ।

## ଅପରାଧ

# ଗୁଣି ସନ୍ଦେହରେ ଆଉ ଜଣଙ୍କୁ ହତ୍ୟା, ୪ ଅଟକ

## ୧୫ ଦିନ ଭିତରେ ୨ ହତ୍ୟାକାଣ୍ଡ, ଜଣଙ୍କୁ ମରଣାନ୍ତକ ଆକ୍ରମଣ

ରାୟଗଡ଼ା,୨୨।୮ (ଆଶିଷ ରଞ୍ଜନ ପଣ୍ଡା)

ସଚେତନତା ଅଭାବରୁ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସକୁ ନେଇ ଅପରାଧ ବଢ଼ିବାରେ ଲାଗିଛି। ରାୟଗଡ଼ା ବ୍ଲକ୍ ଶେଷଖାଲ ଥାନା ଅଞ୍ଚଳରେ ଗୁଣିଗାରେଡ଼ି ସନ୍ଦେହରେ ଗତ ୧୫ଦିନ ମଧ୍ୟରେ ୨ଟି ହତ୍ୟାକାଣ୍ଡ ଘଟିଥିବାବେଳେ ଅନ୍ୟ ଜଣେ ମରଣାନ୍ତକ ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି। ଶେଷଖାଲ ଥାନା ଅଧୀନ କାରୁବାଇ ପଞ୍ଚାୟତ ଅନ୍ତର୍ଗତ ସାନସିଗୁରୁ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କୁ କେତେଜଣ ଯୁବକ ସଂଘବଦ୍ଧ ଭାବେ କଟୁରିରେ ଆକ୍ରମଣକରି ହତ୍ୟା କରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ମୃତକ ହେଲେ ନାରାୟଣ ମାଣ୍ଡାଙ୍ଗି (୬୦)। ଏ ନେଇ ମୃତକଙ୍କ ପୁଅ ପ୍ରେମା ମାଣ୍ଡାଙ୍ଗି ଶେଷଖାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ମାମଲାରେ ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି।

ମୃତକଙ୍କ ପୁଅ ପ୍ରେମାଙ୍କ ଅଭିଯୋଗ ଅନୁଯାୟୀ, ନାରାୟଣ ସବୁଦିନ ରାତିରେ ତାଙ୍କ କୁଡ଼ିଆକୁ ଆସି ରାତ୍ରିଭୋଜନ କରି ନିଜ କୁଡ଼ିଆକୁ ଶୋଇବାକୁ ଯାଇଥାନ୍ତି। ହେଲେ ଗୁରୁବାର ରାତିରେ ସେ ଖାଇବାକୁ ନ ଆସିବାରୁ ବାଧହୋଇ ସେ ବାପାଙ୍କୁ ଡାକିବାକୁ ଯାଇଥିଲେ। ହେଲେ ସେଠାରେ ବାପାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଜଣାଇବା ସହ ତାଙ୍କ ବାପାଙ୍କୁ ଗ୍ରାମର କେତେଜଣ ଯୁବକ ହତ୍ୟା କରିଥିବା ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଅଞ୍ଚଳର ଜଣେ ନେତା ତଥା ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା କହିଛନ୍ତି, ଜିଲାରେ ଡ୍ରପ୍‌ଆଉଟ କାରଣରୁ ଯୁବକ ଉପଯୁକ୍ତ ଶିକ୍ଷା ନ ପାଇ ଏଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅପରାଧ ଆଡ଼କୁ ମୁହାଁଉଛନ୍ତି।

ସୂଚନାଯୋଗ୍ୟ, ଗୁଣିଗାରେଡ଼ି ସନ୍ଦେହରେ ଗତ ୮ତାରିଖରେ ଶେଷଖାଲା ଥାନା ଅନ୍ତର୍ଗତ ବଡ଼ଆଲୁବାଡ଼ି ପଞ୍ଚାୟତ ବୁରୁସୁବାଡ଼ି ଗ୍ରାମର ରାମାରାଓ ଜିଲାକାରାଙ୍କୁ ଲୋକେ ବିଷ ପିଆଇ ପୋଡ଼ି ହତ୍ୟା କରିଥିଲେ। ସେହିପରି ଗତ ୧୯ ତାରିଖରେ ଶେଷଖାଲ ଥାନା ଅଧୀନ ବୈରାଗୀ ହାଲୁଆ ପଞ୍ଚାୟତର ବଡ଼ଲୁକୁଟି ଗ୍ରାମରେ ବାସା କଣ୍ଡାଗରି (୫୦)ଙ୍କୁ ଗ୍ରାମର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି।

# ତତ୍କାଳୀନ ୨ ଫାଣ୍ଡି ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

ଝାରସୁଗୁଡ଼ା, ୨୨।୮ (ଆଶିଷ ରଞ୍ଜନ ଦାଶ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଶୁକ୍ରବାର ଝାରସୁଗୁଡ଼ା ଜିଲା ଦୌରାଜଜ୍ କୋର୍ଟରେ ତତ୍କାଳୀନ ୨ ଜଣ ଫାଣ୍ଡି ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକଙ୍କ ସୂଚନା ଅନୁଯାୟୀ, ଉକ୍ତ ହତ୍ୟାକାଣ୍ଡର ସାକ୍ଷୀ ରହିଥିବା ତତ୍କାଳୀନ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଶଶିଭୂଷଣ ପୋଢ଼ଙ୍କ ସାକ୍ଷ୍ୟ ଗ୍ରହଣ କୋର୍ଟରେ କରାଯାଇଥିଲା। ଶଶିଭୂଷଣଙ୍କ ସହଯୋଗୀ ଭାବେ ଏଏସ୍‌ଆଇ ଗୋପାଳ ଦାସ ଗାନ୍ଧୀଛକ ଫାଣ୍ଡିରେ କାମ କରୁଥିଲେ। ସେହି ସମୟରେ ଏହି ଫାଣ୍ଡି ଅଞ୍ଚଳରେ ନବ ଦାସଙ୍କୁ ହତ୍ୟା କରାଯାଇଥିଲା। ସେହିପରି ଶୁକ୍ରବାର ଦ୍ୱିତୀୟ ସାକ୍ଷୀ ଭାବେ ଶଶିଭୂଷଣ ମିଶ୍ରଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ନବ ଦାସ ହତ୍ୟାକାଣ୍ଡ ସମୟରେ ସେ ରାମପୁର ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ହତ୍ୟାକାଣ୍ଡର ମୁଖ୍ୟ ସାକ୍ଷୀ ତଥା ବ୍ରଜରାଜନଗର ଥାନାର ତତ୍କାଳୀନ ଆଇଆଇସି ପ୍ରଦ୍ୟୁମ୍ନ ସ୍ୱାଇଁଙ୍କ ସହିତ ସେ ହତ୍ୟାକାଣ୍ଡ ସ୍ଥଳରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୯ରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନବ ଦାସ ଯୋଗଦେବାକୁ ଯାଉଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଗୋପାଳ ଦାସଙ୍କୁ ଗିରଫ କରାଯାଇଥିଲା। ଘଟଣାସ୍ଥଳରେ ଗୋପାଳ ଗୁଳି ଚଳାଇ ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ମାଡ଼ ମାରିଥିଲେ।

# ଯୁବତୀଙ୍କ ତଣ୍ଟି କାଟି ବିଷ ପିଇଲେ ଯୁବକ

## ଗୁରୁତର ଯୁବତୀ, ଯୁବକ ମେଡିକାଲରେ ଭର୍ତ୍ତି

ବଲାଙ୍ଗୀର/ପାଟଣାଗଡ଼,୨୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାୟାବର୍ହା ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଛୁରିରେ ଜଣେ ଯୁବତୀଙ୍କ ତଣ୍ଟି କାଟି ଦେଇ ସେଠାରୁ ଫେରାର ହେବା ପରେ ନିଜ ଗାଁରେ ବିଷପାନ କରିଦେଇଥିବା ଜଣାପଡ଼ିଛି। କେଉଁ କାରଣରୁ ଯୁବକ ଜଣକ ଯୁବତୀଙ୍କ ତଣ୍ଟି କାଟି ନିଜେ ବିଷପାନ କଲେ ତାହା ଜଣାପଡ଼ିନାହିଁ। ତେବେ ପ୍ରେମସମ୍ପର୍କରୁ ଏଭଳି କାଣ୍ଡ ଘଟିଥିବା କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ଣରେ ମାୟାବର୍ହା ଗାଁର ଜଣେ ଯୁବତୀଙ୍କ ଘରକୁ ପାଟଣାଗଡ଼ ଥାନା ଅନ୍ତର୍ଗତ ପଣ୍ଡରିପାଣି ଗାଁର ହଳଧର ବରିହା (୨୫) ଆସିଥିଲେ। ସମ୍ପର୍କୀୟ ହୋଇଥିବାରୁ ଝିଅ ପରିବାର ଲୋକେ ତାଙ୍କୁ ଉଚିତ ଆତିଥ୍ୟ ପ୍ରଦାନ କରିଥିଲେ। ଖାଇ ସାରିବା ପରେ ହଳଧର ରାତିରେ ତାଙ୍କ ଘରେ ଶୋଇଥିଲେ। ଗୁରୁବାର ଭୋର ସମୟରେ ସମ୍ପୃକ୍ତ ଯୁବତୀଙ୍କ ମାଆ ଗାଁ ଭିତରକୁ ପାଣି ଆଣିବା ପାଇଁ ବାହାରିଥିଲେ। ଏହାର ସୁଯୋଗ ନେଇ ହଳଧର ଏକ ଧାରୁଆ ଛୁରିରେ ଘରେ ଶୋଇଥିବା ଯୁବତୀଙ୍କ ତଣ୍ଟି କାଟି ସେଠାରୁ ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ଯୁବତୀ ଜଣକ ନିଜ ବାପାଙ୍କ ପାଖକୁ ଦୌଡ଼ି ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ବୁର୍ଲା ଭିମ୍‌ସାର ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଯୁବତୀଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିବା ଯୁବକ ହଳଧର ତାଙ୍କ ଗାଁ ପଣ୍ଡରିପାଣିରେ ପହଞ୍ଚି ନିଜ କ୍ଷେତରେ ବିଷପାନ କରି ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ପାଟଣାଗଡ଼ ଉପଖଣ୍ଡ ସ୍ତରୀୟ ହସ୍ପିଟାଲକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିବା ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ବଲାଙ୍ଗୀରରୁ ବୁର୍ଲା ଭିମ୍‌ସାର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଯୁବତୀଙ୍କ ବାପା ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଚଳନ୍ତା କାର୍‌ରୁ ଷ୍ଟଣ୍ଟ୍ କରି ଦଣ୍ଡ ଗଣିଲେ

ଭୁବନେଶ୍ୱର,୨୨।୮ (ସତ୍ୟଜିତ୍ ରାଉତ)



ଚଳନ୍ତା କାର୍‌ରେ ଯୁବକମାନେ ବିପଦପୂର୍ଣ୍ଣ ଷ୍ଟଣ୍ଟ ଦେଖାଉଛନ୍ତି।

୧୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ବିପଦପୂର୍ଣ୍ଣ ଭାବେ ଗାଡିଚଳାଇ ଷ୍ଟଣ୍ଟ ଦେଖାଇ ଜରିମାନା ଗଣିଛନ୍ତି କାର୍ ଚାଳକ। ଏହାର ଭିଡିଓ ଭାଇରାଲ ହେବା ପରେ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ-୨) ପକ୍ଷରୁ ୧୦ହଜାର ଟଙ୍କା ଚାଲାଣ କଟାଯାଇଛି। ଉକ୍ତ କାର୍ (ଓଡ୦୫ସିଏ୦୨୮୭)ଟି କଟକ ଜିଲା ଚୌଦ୍ୱାର ଅଞ୍ଚଳର ସତ୍ୟଭାମା ସାହୁଙ୍କ ନାମରେ ରହିଛି। ଉପଯୁକ୍ତ ଡିଏଲ୍ ନ ଥିବା ସତ୍ତ୍ୱେ ଗାଡି ଚାଳନା କରିଥିବାରୁ ୫ ହଜାର ଓ ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା କରିଥିବାରୁ ୫ହଜାର ଟଙ୍କା ଚାଲାଣ କଟାଯାଇଛି। କାରଟି ଶୁକ୍ରବାର ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ସେ ଏହି ଷ୍ଟଣ୍ଟ ଦେଖାଇଥିଲା। ଗାଡିଟି ଅପରାହ୍ଣ ପ୍ରାୟ ୧ଟା ୫୫ରେ ପଳାଶୁଣୀ ଓଭରବ୍ରିଜ୍‌ରେ ଯାଉଥିବା ବେଳେ ସେଥିରେ ପଛସିଟ୍‌ରେ ବସିଥିବା ଦୁଇଜଣ ଓ ଆଗ ସିଟ୍‌ରେ ବସିଥିବା ଜଣେ ଯୁବକ କାର୍ ଡୋରରୁ ବାହାରି ବିପଦପୂର୍ଣ୍ଣ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ।

# ଆରଜି ଗ୍ୟାଙ୍ଗର ୨ ଗିରଫ: ୨ ଦେଶୀ ପିସ୍ତଲ, ୪ ଗୁଳି ଜବତ

ବାଲେଶ୍ୱର, ୨୨।୮ (ବାଞ୍ଛାନିଧି ଦେ)



ଜବତ ବନ୍ଧୁକ, ଗୁଳି ସହ ଗିରଫ ୨ ଅଭିଯୁକ୍ତ।

ବାଲେଶ୍ୱର ସମେତ ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ଆତଙ୍କ ସୃଷ୍ଟି କରି ବାଲି ବ୍ୟବସାୟ, ଗୋଚାଲାଣ ଓ ଲଘୁଖଣିଜ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଆରଜି ଗ୍ୟାଙ୍ଗର ୨ଜଣଙ୍କୁ ବାଲେଶ୍ୱର ଟାଉନ ଥାନା ପୋଲିସ ଗିରଫ କରିଛି। ଉଭୟେ ବାଲିଘାଟଠାରେ ଥିବା ଖବରପାଇ ଆଇଆଇସି ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ବିଳମ୍ବିତ ରାତିରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଅଭିଯୁକ୍ତଦ୍ୱୟ ହେଲେ ମୟୂରଭଞ୍ଜ ବୈଶିଙ୍ଗା ଥାନା ପାଟୁଳିପୁରା ଗ୍ରାମର ସଞ୍ଜିବ ଦେହୁରୀ ଓ ବାଲେଶ୍ୱର ସଦର ଥାନା ଫୁଲାଡ଼ି ଗ୍ରାମର ପ୍ରଶାନ୍ତ କୁମାର ବାରିକ। ସେମାନଙ୍କଠାରୁ ୨ଟି ଦେଶୀ ପିସ୍ତଲ ସହ ମାଗାଜିନ୍, ୪ଟି ଜୀବନ୍ତ ଗୁଳି, ୪ଟି ମୋବାଇଲ ଓ ଗୋଟିଏ ବାଇକ୍ (ନଂ. ଓଡ଼ି୦୧ଏଜେଡ୍-୮୭୫୯) ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୨୧୬/୨୫) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି।

# ନାବାଳିକା ଅସଦାଚରଣ ମାମଲା: ୨ଅଭିଯୁକ୍ତଙ୍କୁ ଜେଲ

ସମ୍ବଲପୁର,୨୨।୮ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଗତ ୨୦୧୯ ମସିହାରେ ଘଟିଥିବା ନାବାଳିକା ଅସଦାଚରଣ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଏହି ମାମଲାର ବିଚାରକରି ତାଙ୍କ ରାୟରେ ରେଢ଼ାଖୋଲ ଥାନା ଅନ୍ତର୍ଗତ କନକପଡ଼ାର ୨ଅଭିଯୁକ୍ତ ସୁଦାମ ସେଠୀ(୨୫) ଓ ଟିକିନା ସେଠୀ(୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସୁଦାମଙ୍କୁ ଦଫା ୧୦ ପୋକ୍‌ସୋ ଆଇନରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ, ଟିକିନାଙ୍କୁ ଦଫା ୧୦ ପୋକ୍‌ସୋ ଆଇନ୍‌ରେ ୬ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୩୪୧ରେ ଉଭୟ ଅଭିଯୁକ୍ତଙ୍କୁ ସମାନ ୧ ମାସ ଲେଖାଏଁ କାରାଦଣ୍ଡ ଓ ୫ ଶହ ଟଙ୍କା ଲେଖାଏଁ ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୫ ଦିନ ଲେଖାଏଁ ସରଳ କାରାଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାରେ ବିଚାରପତି ୧୨ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଦ୍ୱୟଙ୍କୁ ଉକ୍ତ ଦଣ୍ଡବିଧାନ କରିଛନ୍ତି। ତେବେ ଉଭୟ ଦଣ୍ଡକୁ ସେମାନେ ଏକସଙ୍ଗେ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

ରେଢ଼ାଖୋଲ ଥାନା ଅଞ୍ଚଳରେ ପରିବାର ସହିତ ରହୁଥିବା ନାବାଳିକା(୧୨) ଗତ ୨୦୧୯ ଅକ୍ଟୋବର ୧୩ ତାରିଖ ସନ୍ଧ୍ୟାରେ ତାଙ୍କ ଗ୍ରାମ ମୁଣ୍ଡରେ ହେଉଥିବା ଜହ୍ନିଓଷା ଦେଖିବାକୁ ଯାଉଥିଲେ। ଏହି ସମୟରେ ବାଟରେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଏକାକୀ ଦେଖି ଅସଦାଚରଣ କରି ବିଭିନ୍ନ ଧମକଚମକ ଦେବାକୁ ଲାଗିଲେ। ଫଳରେ ପୀଡ଼ିତା ଜଣକ ଭୟଭୀତ ହୋଇ ପାଟି କରିଥିଲେ। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଛାଡ଼ି ଚମ୍ପଟ୍ ମାରିଥିଲେ। ପରେ ନାବାଳିକା ଘରକୁ ଫେରି ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ତା'ପର ଦିନ ନାବାଳିକାଙ୍କୁ ସାଙ୍ଗରେ ନେଇ ତାଙ୍କ ପିତା ରେଢ଼ାଖୋଲ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

"କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ଅମାବାସ୍ୟା, ଶ୍ରୀମନ୍ଦିରରେ ସପ୍ତପୁରୀ ଭୋଗ



# ନିଷ୍କ୍ରିୟ ସିଆଇସି



## ଦିଲ୍ଲୀକା ବାବୁ

### ଦିଲୀପ ଚେରିଏନ୍

ସେପ୍ଟେମ୍ବର ୧୪ ସୁଦ୍ଧା ସେଣ୍ଟ୍ରାଲ ଇନ୍‌ଫରମେଶନ କମିଶନ (ସିଆଇସି) ବା କେନ୍ଦ୍ରୀୟ ସୂଚନା ଆୟୋଗ ମୁରବିହୀନ ହୋଇଯାଇପାରେ। ମୁଖ୍ୟ ସୂଚନା ଆୟୋଗ ହୀରାଲାଲ ସମାରିଆ ଅବସର ନେବା ପରେ ଯଦି ସରକାର ତ୍ୱରିତ ପଦକ୍ଷେପ ନ ନିଅନ୍ତି, ତେବେ ଦେଶର ଟ୍ରାନ୍ସପରେନ୍ସି ୱାଚଡଗ୍ ସିଆଇସି ପୁନର୍ବାର ନେତୃତ୍ୱବିହୀନ ହୋଇଯିବ। ୨୦୨୩ରେ ୱାଇ.କେ. ସିହ୍ନା ଯେତେବେଳେ ଅବସର ନେଇଥିଲେ ସେତେବେଳେ ସୁପ୍ରିମକୋର୍ଟ ହସ୍ତକ୍ଷେପ ନ କରିବା ପର୍ଯ୍ୟନ୍ତ ସିଆଇସି ପଦବୀ ଖାଲି ରହିଥିଲା। ଶୀର୍ଷ ଅଦାଲତ ମଧ୍ୟ କେନ୍ଦ୍ରକୁ ଚେତାଇ ଦେଇଥିଲେ ଯେ, ଜଣେ କାର୍ଯ୍ୟରତ କମିଶନଙ୍କ ବିନା ଆର୍‌ଟିଆଇ ନିୟମ 'ପ୍ରଭାବଶୂନ୍ୟ ନିୟମ' ହେବାର ଆଶଙ୍କା ରହିଛି। ସ୍ପଷ୍ଟତଃ ଏହି ଚେତାବନୀକୁ ସରକାର ଠିକ୍ ଭାବେ ବୁଝି ନ ଥିଲେ। ତେବେ ସମ୍ପୂର୍ଣ୍ଣ ବିଷୟ ଖାଲି ପଡୁଥିବା ମୁଖ୍ୟଙ୍କ ପଦବୀ ସମ୍ପର୍କିତ ନୁହେଁ। ନିର୍ଦ୍ଧାରିତ ୧୦ କମିଶନର ପଦବୀ ମଧ୍ୟରୁ ୨ଟିକୁ ଛାଡ଼ିଦେଲେ ବାକି ୮ଟି ପଦବୀ ପୂରଣ ପାଇଁ ଗତ ଅଗଷ୍ଟରେ ୧୬୧ ଜଣଙ୍କ ଆବେଦନ ଗ୍ରହଣ କରାଯାଇଥିଲେ ମଧ୍ୟ ବର୍ଷେ ହେଲା ତାହାସବୁ ଖାଲି ପଡ଼ିଛି। ଫଳରେ ଅତ୍ୟଧିକ ଆବେଦନ ଓ ଅଭିଯୋଗ ପଡ଼ିରହିଛି ଏବଂ ନାଗରିକମାନେ ନିଷ୍ପତ୍ତିକୁ ଦୀର୍ଘଦିନ ଅପେକ୍ଷା କରି ରହିଛନ୍ତି। ଏଣୁ ଆରଟିଆଇ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ ହୋଇଯାଇଛି। ଏହା ଏକ ଅମଲାତାନ୍ତ୍ରିକ ଶିଥିଳତା ନା ଯୋଜନାବଦ୍ଧ ଭାବେ ଏହାକୁ ଦୁର୍ବଳ କରିଦେବାର ଏକ ପ୍ରୟାସ? ନାଗରିକଙ୍କର ଜାଣିବାର ଅଧିକାରକୁ ଅଣଦେଖା କରାଯାଉଛି। ଯଦି ସିଆଇସି ଏହିଭଳି ଚାଲେ, ତେବେ ଭାରତର ସବୁଠୁ ସଶକ୍ତ ଗଣତାନ୍ତ୍ରିକ ସାଧନ କେବଳ କାଗଜକଲମରେ ଅଟକିଯିବ। ୱାଚ୍‌ଡଗ୍ ନିଷ୍କ୍ରିୟ ହୋଇଗଲେ କିମ୍ବା ଖରାପ ସ୍ଥିତିରେ ରହିଲେ ସାଧାରଣ ଜନତାଙ୍କୁ ହିଁ ଏଥିପାଇଁ ମୂଲ୍ୟ ଦେବାକୁ ହେବ।

### ବେପରୁଆ କାମ

ଭାରତର ନିର୍ବାଚନ କମିଶନ (ଇସିଆଇ) ହେଉଛି ଏମିତି ଏକ ସଂସ୍ଥା ଯାହାର କାର୍ଯ୍ୟକୁ କେବଳ ଦେଖିବା, କିନ୍ତୁ ତା' ସମ୍ପର୍କରେ କିଛି କହିପାରିବା ନାହିଁ। ଗୋଟିଏ ପଟେ ବିହାରର ଭୋଟର ତାଲିକା ସଂଶୋଧନରେ କିଛି ଭୁଲ୍ କାମ ହୋଇ ନ ଥିବା ଜୋର୍ ଦେଇ କହିବା ସହ ବିରୋଧୀଙ୍କ ଅଭିଯୋଗଗୁଡ଼ିକ ଉପରେ ଅସନ୍ତୋଷ ପ୍ରକାଶ କରି ସେସବୁକୁ ଏହା ଖାରଜ କରିଦେଇଛି। ଅନ୍ୟପଟେ ସମାନ ପ୍ରକାର ସମସ୍ୟା ପଶ୍ଚିମବଙ୍ଗରେ ସାମ୍ନାକୁ ଆସିଛି। ସେଠାରେ ୪ ଜଣ ଅଧିକାରୀ ଭୋଟର ଡାଟାବେସ୍ ପାଇଁ ରହିଥିବା ସଂରକ୍ଷିତ ତଥ୍ୟ ଇତ୍ୟାଦିକୁ ଅନ୍ୟଙ୍କୁ ଶେୟାର କରିବା ଯୋଗୁ ରାଜ୍ୟ ସରକାର ସେମାନଙ୍କୁ ଦଣ୍ଡିତ କରିବାରେ ବିଳମ୍ବ କରିଥିଲେ, ଯେଉଁଥିପାଇଁ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥଙ୍କୁ ଦିଲ୍ଲୀ ଯିବାକୁ ପଡ଼ିଥିଲା। ଇସିଆଇ ଗମ୍ଭୀରତାର ସହ ନେଇ ଏହା ଏକ ବଡ଼ ତ୍ରୁଟି ବୋଲି ଦର୍ଶାଇବା ସହ ଅଗଷ୍ଟ ୨୧ ସୁଦ୍ଧା ଆଦେଶ ପାଳନ କରିବାକୁ କହିଥିଲେ। ଦେଖିବାକୁ ଗଲେ ତଥ୍ୟର ଅତ୍ୟଧିକ ମୂଲ୍ୟ ରହିଥିବା ଏବକାର ଯୁଗରେ ଭୋଟର ତାଲିକା ଉପରେ ବେପରୁଆ ଭାବେ କାମ କରିବା ସିଧାସଳଖ ନିର୍ବାଚନର ସ୍ୱଚ୍ଛତା ପ୍ରତି ଏକ ବିପଦ। ପଶ୍ଚିମବଙ୍ଗରେ କମିଶନ ତାଙ୍କ ଶକ୍ତି ଦେଖାଇପାରନ୍ତି, କିନ୍ତୁ ଅପରପକ୍ଷେ ବିହାର ଘଟଣାକୁ ଅସ୍ୱୀକାର କରିବାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ବିରୋଧୀ ଦଳଗୁଡ଼ିକ ଏହାର ସୁଯୋଗ ନେଇ ସମାଲୋଚନା କରିଛନ୍ତି। ଏହାସହ ସଧାରଣରେ ବିଶ୍ୱାସ କମିବା ଯୋଗୁ ଇସିଆଇକୁ ଆଉ ଏକ ଝଟକା ଲାଗିଛି। ଶେଷବେଳକୁ ନିଲମ୍ବନ ଏବଂ ସମୟସୀମା ସବୁ ବନ୍ଦ ହୋଇପାରେ, କିନ୍ତୁ ଏକଥା ସତ ଯେ,କମିଶନ ନିର୍ଦ୍ଦିଷ୍ଟ ଭାବେ ସମସ୍ୟାକୁ ଟାଳିବ ପାଇଁ ସଂଗ୍ରାମ କରୁଛି। ଗୋଟିଏ ରାଜ୍ୟରେ ଡେଟାକୁ ନେଇ ବେପରୁଆ କାମ କରାଯାଉଥିବାବେଳେ ଅନ୍ୟ ଏକ ରାଜ୍ୟରେ ସମସ୍ୟାକୁ ଅସ୍ୱୀକାର କରାଯାଉଛି।

### ଭାଗ୍ୟ ସହାୟ ହେଉନାହିଁ

ପ୍ରତିବର୍ଷ ଅନେକ ଲକ୍ଷ ୟୁପିଏସ୍‌ସି ଆଶାୟୀଙ୍କ ମଧ୍ୟରୁ ଖୁବ୍ କମ୍ ପ୍ରତିଶତ, ଅର୍ଥାତ୍ ପାଖାପାଖି ୧,୦୦୦ ସଫଳ ହୋଇଥାନ୍ତି। ଏପରିକି ୨୦୦-୨୫୦ ଆଇଏଏସ୍, ଆଇପିଏସ୍ କିମ୍ବା ଆଇଏଫ୍ଏସ୍ ପାଇବାକୁ ଯୋଗ୍ୟ ହୋଇଥାନ୍ତି। କିନ୍ତୁ ପ୍ରକୃତ ଖେଳ ଆରମ୍ଭ ହୋଇଯାଏ ପ୍ରଶିକ୍ଷଣ ଓ କ୍ୟାଡର ଆବଣ୍ଟନରେ। ଦେଖାଯାଏ ଟପ୍ପରମାନେ ଯାହା ଚାହିଁଥାନ୍ତି ତାହା ସବୁବେଳେ ପାଇ ନ ଥାନ୍ତି, ଯାହା ୨୦୧୫ର ଟପ୍ପର ଟିନା ଦବିଙ୍କ ଘଟଣାରୁ ଜଣାପଡ଼େ। ତାଙ୍କର ପସନ୍ଦ ଥିଲା ହରିୟାଣା କିନ୍ତୁ ଏହା ପରିବର୍ତ୍ତେ ସେ ପାଇଲେ ରାଜସ୍ଥାନ କ୍ୟାଡର। ନିଯୁକ୍ତି ବ୍ୟବସ୍ଥାରେ ସଂରକ୍ଷଣ ପଦ୍ଧତିକୁ ବ୍ୟବହାର କରାଯାଇ ରାଜ୍ୟ ଭିତର ଓ ବାହାର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଆଣିବାକୁ ଚେଷ୍ଟା କରାଯାଏ। କୌଣସି କ୍ୟାଡର ସ୍ଥାନୀୟ ଅଧିକାରୀଙ୍କୁ କିଭଳି ଟପି ନ ଯାଏ ତାହା ମଧ୍ୟ ନିଶ୍ଚିତ କରାଯାଇଛି। ତଥାପି ରାଜ୍ୟଗୁଡ଼ିକୁ ସେମାନଙ୍କ ରାଜ୍ୟର ଅଧିକାରୀମାନଙ୍କୁ ଭାଗ ଦିଆଯାଉଛି। ସିଭିଲ ସର୍ଭିସ ଆବଣ୍ଟନ ପାଇଁ ଦେଶକୁ ୫ଟି ଭୌଗୋଳିକ କ୍ଷେତ୍ରରେ ବିଭକ୍ତ କରାଯାଇଛି ଏବଂ ପ୍ରାର୍ଥୀମାନେ ଏଗୁଡ଼ିକ ମଧ୍ୟରୁ ପସନ୍ଦ କରନ୍ତି। ଏହି ଔପଚାରିତାକୁ ଛାଡ଼ି ୟୁପିଏସ୍‌ସି ଅଧିକାରୀଙ୍କ ପାଇଁ ନିଷ୍ପତ୍ତି ନେଇଥାଏ, ଯେଉଁଥିରେ ନିଜ ରାଜ୍ୟରେ ନିଯୁକ୍ତି ପାଇଁ ଜଣେ ପ୍ରାର୍ଥୀଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ନ ଥାଏ। ସାରା ଦେଶରେ ସର୍ଭିସଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ହେଲେ ଯେଉଁ ରାଜ୍ୟରେ ଅଧିକାରୀଙ୍କ ଅଭାବ ରହିଛି ସେଠାକୁ ନୂଆ ତଥା ଯୁବ ଅଧିକାରୀଙ୍କୁ ପଠାଯାଉ। ଏହା ଏକ ଭଲ ପଦକ୍ଷେପ। ହେଲେ ବହୁ ସମୟରେ ଯୁବ ତଥା ନୂଆ ଅଧିକାରୀଙ୍କ ପାଇଁ ଭାଗ୍ୟ ସହାୟ ହେଉ ନଥିବା ଦେଖାଯାଉଛି।

Email: dilipcherian@gmail.com

# ନିଯୁକ୍ତି ବୃଦ୍ଧି କରିବ ପର୍ଯ୍ୟଟନ



### ନଟବର ଖୁଣ୍ଟିଆ

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟମୟୀ ସାଂସ୍କୃତିକ ପରମ୍ପରା, କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର, ହସ୍ତତନ୍ତ ଓ ହସ୍ତଶିଳ୍ପର ଚମତ୍କାରିତା ସମସ୍ତଙ୍କୁ ଆକର୍ଷିତ କରେ। ପୁରୀ, ଗୋପାଳପୁର, ଚନ୍ଦ୍ରଭାଗା, ପାରାଦୀପ,ଚାନ୍ଦିପୁର ଆଦି ବେଳାଭୂମିର ନୈସର୍ଗିକତା, ସାତକୋଶିଆ ଗଣ୍ଡର ଭୀମକାନ୍ତ ଦୃଶ୍ୟ ମଧ୍ୟରେ ଲୁଚି ରହିଥିବା ଅପୂର୍ବ ଶୋଭା, ଭିତରକନିକା ଓ ଶିମିଳିପାଳ ଅଭୟାରଣ୍ୟ, ନୌକା ବିହାର ପାଇଁ ଚିଲିକା ହ୍ରଦଠାରୁ ଆରମ୍ଭ କରି ହୀରାକୁଦ ଜଳଭଣ୍ଡାର, କଟକ ଯୋବ୍ରା ବ୍ୟାରେଜ, ପାରାଦୀପଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ କ୍ରିକ୍‌ରେ ଅଛି ପର୍ଯ୍ୟଟନ ପାଇଁ ଅପୂର୍ବ ସୁଯୋଗ। ଓଡ଼ିଶା ଯଦି ଯୋଜନାବଦ୍ଧ ଭାବରେ ପର୍ଯ୍ୟଟନ ପାଇଁ ଥିବା ଅପାର ସୁଯୋଗକୁ ଉପଯୋଗ କରେ ତେବେ କୃଷି ପରେ ପର୍ଯ୍ୟଟନ ହିଁ ନିଯୁକ୍ତି ଯୋଗାଇପାରନ୍ତା।

କୋଭିଡ ପୂର୍ବରୁ ଆମେ ସସ୍ତ୍ରୀକ ଶ୍ରୀଲଙ୍କା ଭ୍ରମଣରେ ଯାଇଥିଲୁ। ଆମ ଭ୍ରମଣ କାର୍ଯ୍ୟକ୍ରମ ମଧ୍ୟରେ ଥିଲା ମଧୁ ଗଙ୍ଗାନଦୀ ମୁହାଣରେ ନୌକା ବିହାର। ଆମ ଟୁର୍ ପରିଚାଳକ ଆମକୁ ଯଥା ସମୟରେ ନଦୀ ମୁହାଣରେ ପହଞ୍ଚାଇ ଦେଲେ। ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ମଧୁ ଗଙ୍ଗାନଦୀ ଯାଇ ଏକ ହ୍ରଦରେ ପଡ଼ିଛି। ସେହି ମୁହାଣରେ ହେନ୍ତାଳ ବଣ। ଆମେ ଶକ୍ତିଚାଳିତ ନୌକା ବିହାରରେ ବାହାରିଲୁ । ଦେଖିଲୁ ହେନ୍ତାଳ ବଣ ଦେଇ ନୌକା ଚାଲିଲା ମଧୁ ଗଙ୍ଗାନଦୀ ମୁହାଣ ସୃଷ୍ଟି କରିଥିବା ହ୍ରଦ ମଧ୍ୟକୁ। ଆମ ନୌକାରେ ଦୁଇ ଜଣ ଚାଇନାର ପର୍ଯ୍ୟଟକ ଥିଲେ। ଜଣେ ପୁଅ, ଜଣେ ଝିଅ। ନୌକାରେ ଗଲାବେଳେ ଗୋଟିଏ ଛୋଟ କୁମ୍ଭୀର ଛୁଆ ଦେଖାଗଲା ଆଉ ସେହି ଦୁଇ ଚାଇନା ପର୍ଯ୍ୟଟକ ଆନନ୍ଦ ବିହ୍ୱଳ ହୋଇ ନାଚିଗଲେ। ମୁଁ ମନେ ମନେ ଭାବୁଥାଏ ଆମ ଭିତରକନିକା କୁମ୍ଭୀର ଦେଖିଲେ ଏମାନେ କ'ଣ ନହେବେ। ଆମକୁ କିଛି ସମୟ ପରେ ଏକ ଟାପୁକୁ ନିଆଗଲା। ସେଠି ଓହ୍ଲାଇ ଦିଆଗଲା। ସେହି ଟାପୁରେ ଡାଲଚିନି ଚାଷ ହେଉଛି। ଡାଲଚିନିରୁ ପ୍ରସ୍ତୁତ ଚା ପିଇ ଫେରି ଆସିଲୁ।



ଫେରିଲା ବେଳେ ମନେପଡ଼ିଲା ମୁଁ ପାରାଦୀପରେ ମୋ ବୃତ୍ତିଗତ ଜୀବନରେ ଅବସ୍ଥାପିତ ହୋଇଥିବା ବେଳେ କେତେ ଜଣ ସହକର୍ମୀଙ୍କୁ ନେଇ ପାରାଦୀପର ନେହେରୁ ବଙ୍ଗଳା, ଯେଉଁଠି ମହାନଦୀ ସମୁଦ୍ରରେ ପଡ଼ିଛି, ସେହିଠାରୁ ଏକ ଶକ୍ତି ଚାଳିତ ଛୋଟ ନୌକାରେ ଆମେ ଜଳ ଯାତ୍ରା କଲୁ। ପ୍ରଥମେ ସବୁଠାରୁ ପୁରୁଣା ବତିଘର ଦେଖିଲୁ। ବତିଘର ଦେଖିଲା ପରେ କ୍ରିକ ଦେଇ ଆମ ନୌକା ଚାଲିଲା ହୁକିଟୋଲା ବନ୍ଦର ଅଭିମୁଖେ। କ୍ରିକ୍‌ର ଦୁଇ ପାର୍ଶ୍ୱରେ ହେନ୍ତାଳ ଜଙ୍ଗଲ ଓ ହେନ୍ତାଳ ଜାତୀୟ ଅନେକ ପ୍ରକାରର ଲୁଣି ପାଣିରେ ବଢ଼ୁଥିବା ବୃକ୍ଷ। ଅତି ମନୋରମ ଦୃଶ୍ୟ ଉପଭୋଗ କରି ପହଞ୍ଚିଲୁ ହୁକିଟୋଲା ବନ୍ଦର ପରିସରରେ। ସେଠି ଥିବା ବିଭିନ୍ନ କୋଠାବାଡ଼ି ଦେଖିଲୁ। ସେଠି ଏକ କୋଠା,ଏପରି ବୈଜ୍ଞାନିକ ପଦ୍ଧତିରେ ନିର୍ମାଣ ହୋଇଥିଲା ଯେ, ସେହି କୋଠା ଛାତରୁ ବର୍ଷା ଜଳ ସଂଗୃହୀତ ହୋଇ ତଳେ ଥିବା ଟାଙ୍କିରେ ସାଇତା ଯାଉଥିଲା, ଯାହାକି ଶୁଦ୍ଧ ପାନୀୟ ଜଳ ରୂପେ ବନ୍ଦର କର୍ମଚାରୀମାନେ ବ୍ୟବହାର କରୁଥିଲେ। ଆମେ ସେଠି ବଣଭୋଜି କରି ଖାଇବା ପରେ ଫେରି ଆସିଲୁ। ଏହି ନୌକାବିହାର ଶ୍ରୀଲଙ୍କାର ମଧୁ ଗଙ୍ଗା ନୌକା ବିହାରଠାରୁ ଅଧିକ ଉପଭୋଗ୍ୟ ଥିଲା।

ଆମର ପ୍ରସ୍ତାବ ହେଲା ରାଜ୍ୟ ସରକାର ମହାନଦୀ ମୁହାଣଠାରୁ ବତିଘର, ହୁକିଟୋଲା ବନ୍ଦର, ଭିତରକନିକା ଅଭୟାରଣ୍ୟ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ ଏକ ନୌକା ବିହାରର ଯୋଜନା ପ୍ରସ୍ତୁତ କରନ୍ତୁ। ସେଥିପାଇଁ ପାରାଦୀପର ନେହେରୁ ବଙ୍ଗଳା ପାଖରେ, ଭିତରକନିକାର ଡାଙ୍ଗମାଳ ଓ ଚାନ୍ଦବାଲିରେ ଏକ ତିନିତାରକା ହୋଟେଲ ନିର୍ମାଣ କରନ୍ତୁ। ଅନ୍ୟୁନ ୨୫ ଜଣ ପର୍ଯ୍ୟଟକ ବସିବା ଭଳି ଷ୍ଟିମରର ବ୍ୟବସ୍ଥା କରନ୍ତୁ। ଷ୍ଟିମର କ୍ରିକ୍‌ରେ ଚଳପ୍ରଚଳ ପାଇଁ ପଥ ପରିଷ୍କାର କରନ୍ତୁ। ପର୍ଯ୍ୟଟକମାନେ ପାରାଦୀପରେ ରାତ୍ରି ଯାପନ କରି ସକାଳୁ ପ୍ରାତଃ ଭୋଜନ କରି ଷ୍ଟିମରରେ ବାହାରି ପଡ଼ିବେ ବତିଘର ଓ ହୁକିଟୋଲା ବନ୍ଦର ଅଭିମୁଖେ। ହୁକିଟୋଲା ବନ୍ଦର ପରିବେଶରେ ମଧ୍ୟାହ୍ନ ଭୋଜନ କରି ବାହାରି ପଡ଼ିବେ ଡାଙ୍ଗମାଳ ଅଭିମୁଖେ। ସେଠି ରାତ୍ରି ଯାପନ କରି ପରଦିନ ଭିତର କନିକା ଭ୍ରମଣ କରି ବାହାରି ପଡିବେ ଚାନ୍ଦବାଲି ଅଭିମୁଖେ। ଏଥିପାଇଁ ଏକ ସୁପରିକଳ୍ପିତ ଯୋଜନା ଆବଶ୍ୟକ ଏବଂ ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନ ପରିଚାଳକଙ୍କ ସହ ବୁଝାମଣା କରିବାକୁ ପଡ଼ିବ।

ଶ୍ରୀଲଙ୍କା ଭ୍ରମଣରୁ ଜାଣିବାକୁ ପାଇଲୁ ଯେ ଶ୍ରୀଲଙ୍କାର ବୌଦ୍ଧଧର୍ମୀମାନେ କହନ୍ତି ସେମାନେ କଳିଙ୍ଗ ବଂଶୋଦ୍ଭବ, ଆର୍ଯ୍ୟ ଓ କ୍ଷତ୍ରିୟ ଏବଂ ସେମାନଙ୍କର ପ୍ରଥମ ରାଜା ହେଲେ କଳିଙ୍ଗ ରାଜକୁମାର ବିଜୟ ସିଂହ। ସମସ୍ତଙ୍କଠାରୁ ଏହି କଥା ଶୁଣିଲୁ। ଆମ ଟୁର୍ ଗାଇଡଙ୍କୁ କାଣ୍ଡିର ଏକ ବଡ଼ ବହି ଦୋକାନକୁ ନେବାକୁ କହିଲି। ସେଠି ପିଲାଙ୍କ ପାଇଁ ଶ୍ରୀଲଙ୍କାର ଇତିହାସ ପୁସ୍ତକ ଖଣ୍ଡିଏ ପାଇଲି। ପଢ଼ି ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହେଲି ସ୍କୁଲର ପିଲାମାନେ ଯେଉଁ ଇତିହାସ ପଢୁଛନ୍ତି ସେଥିରେ ପରିଷ୍କାର ଲେଖାଯାଇଛି କଳିଙ୍ଗରୁ ଦଳ ବଳ ନେଇ ଯାଇଥିବା ରାଜକୁମାର ବିଜୟ ସିଂହ ତାଙ୍କ ଦେଶର ପ୍ରଥମ ରାଜା ଆଉ ସେମାନେ ତାଙ୍କ ବଂଶଧର। ମୁଁ ସେମାନଙ୍କୁ ଯେତେବେଳେ ପ୍ରଶ୍ନ କଲି ସେତେବେଳର କଳିଙ୍ଗ ଆଜିର ଓଡ଼ିଶା ଜାଣିଛ କି? ସେମାନେ ମୁଣ୍ଡ ହଲାଇ ନା କଲେ। କାଣ୍ଡିରେ ଥିବା ବୁଦ୍ଧଦେବଙ୍କ ଦନ୍ତ ମନ୍ଦିରରେ ପୂଜା ପାଉଥିବା ଦନ୍ତ କଳିଙ୍ଗରୁ କଳିଙ୍ଗ ରାଜାଙ୍କ କନ୍ୟା ହେମମାଳା ଓ ତାଙ୍କ ସ୍ୱାମୀ ଦନ୍ତ କୁମାର ଗୋପନରେ ନେଇ ଯାଇଥିଲେ ଶ୍ରୀଲଙ୍କା। ଦନ୍ତ ମନ୍ଦିରର ପରିସରରେ ହେମମାଳା ଓ ଦନ୍ତ କୁମାରଙ୍କ ସ୍ୱର୍ଣ୍ଣାଭ ପ୍ରତିମୂର୍ତ୍ତି ଦେଖି ଅବାକ ହେବା ସହିତ ଚମତ୍କୃତ ହୋଇଥିଲୁ। ଶ୍ରୀଲଙ୍କା ସହିତ ଆମର ଏତେ ସମ୍ପର୍କ ଅଥଚ ଓଡ଼ିଶାର ବୌଦ୍ଧକୀର୍ତ୍ତି ଦେଖିବାକୁ ଶ୍ରୀଲଙ୍କାର ବୌଦ୍ଧଧର୍ମୀମାନେ ଓଡ଼ିଶା ଆସନ୍ତି ନାହିଁ, ଯାଆନ୍ତି ଉତ୍ତର ପ୍ରଦେଶର ସାରନାଥକୁ। ଏଥିପାଇଁ ଆମ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ଭାବରେ ଦାୟୀ। ଆମ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଶ୍ରୀଲଙ୍କାର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହ ଯୋଗାଯୋଗ କରି କାଣ୍ଡିର ଦନ୍ତ ମନ୍ଦିର ପରିସରରେ ଏକ ସେମିନାର କରନ୍ତୁ ଏବଂ ଆମ ଧଉଳି ଶାନ୍ତିସ୍ତୂପ ଏବଂ ଯାଜପୁର ଜିଲାରେ ଥିବା ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ବୁଦ୍ଧ ବିହାରର ହୀରକ ତ୍ରିଭୁଜର ବୃତ୍ତଚିତ୍ର ପ୍ରଦର୍ଶନ କରି ସିଂହଳୀ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରନ୍ତୁ। ଏକ ରୋଡ୍ ସୋ କରନ୍ତୁ। ହୀରକ ତ୍ରିଭୁଜର ଗୁଣାତ୍ମକ ବିକାଶକୁ ନିଶ୍ଚିତ କରିବାକୁ ହେବ।

ଯୋଜନାବଦ୍ଧ ଭାବରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କଲେ ଆମର କେବଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ନାହିଁ, ରାଜ୍ୟର ଜିଡିପିକୁ କୃଷି କ୍ଷେତ୍ର ସହ ତାଳ ଦେଇ ପର୍ଯ୍ୟଟନ କ୍ଷେତ୍ର ସମୃଦ୍ଧ କରିପାରିବ।

ଏ/୫୦୨, ମୋତି ବ୍ଲକ, ତୋଷାଳି
ଆପାର୍ଟମେଣ୍ଟ, ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ଭାରତର ଚନ୍ଦ୍ର ଅଭିଯାନ



### ଇଂ. ମାୟାଧର ସ୍ୱାଇଁ

ଚନ୍ଦ୍ର ହେଉଛି ପୃଥିବୀର ଏକମାତ୍ର ଉପଗ୍ରହ ଏବଂ ଆମମାନଙ୍କ ସବୁଠାରୁ ଅଧିକ ପରିଚିତ ଜ୍ୟୋତିର୍ବିଦୀୟ ପିଣ୍ଡ। ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହାକାଶ ଯୁଗ ଆରମ୍ଭ ହେବା ପରେ ରୁଷ୍ ଓ ଆମେରିକା ଚନ୍ଦ୍ର କକ୍ଷକୁ କେତେଗୁଡ଼ିଏ ଯାନ ପଠାଇ ଏହା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ସେମାନେ ମଧ୍ୟ ଚନ୍ଦ୍ରପୃଷ୍ଠକୁ କେତୋଟି ପ୍ରୋବ୍ ପଠାଇ ପରୀକ୍ଷା କରିଛନ୍ତି। ୧୯୬୯ ମସିହାରେ ଆମେରିକାର ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ପ୍ରଥମେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ ଏବଂ ୧୯୭୨ ମସିହା ସୁଦ୍ଧା ଆମେରିକାର ମୋଟ ବାର ଜଣ ମହାକାଶଚାରୀ ସେଠାରେ ଅବତରଣ କରିଛନ୍ତି ଏବଂ ସେଠାରୁ ମୃତ୍ତିକା ଆଣି ପୃଥିବୀକୁ ଫେରିଛନ୍ତି। ଏହାପରେ ଚାଇନା ଓ ଜାପାନ ମଧ୍ୟ ଚନ୍ଦ୍ରକକ୍ଷକୁ ଯାନ ପଠାଇଛନ୍ତି।

ଭାରତ ଚନ୍ଦ୍ର ଅଭିଯାନରେ ସଫଳତା ପାଇଛି। ଏହା ତିନୋଟି ଅଭିଯାନରେ ଚନ୍ଦ୍ର ନିକଟକୁ ଯାନ ପଠାଇଛି ଏବଂ ଆଉ ଦୁଇଟି ଅଭିଯାନର ଯୋଜନା କରାଯାଇଛି। ଭାରତ ୨୦୦୮ ମସିହାରେ ଚନ୍ଦ୍ରଯାନ-୧ ପଠାଇଥିଲା। ଏଥିରେ ଚନ୍ଦ୍ର ପରିକ୍ରମଣକାରୀ ଗୋଟିଏ ଅର୍ବିଟର ଏବଂ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବା ଗୋଟିଏ ସଂଘାତ ପ୍ରୋବ୍ ଥିଲା। ଏହି ଅଭିଯାନର ବିଶେଷତ୍ୱ ହେଉଛି, ଏଥିରେ ପ୍ରଥମେ ଚନ୍ଦ୍ରରେ ଜଳକୁ ଚିହ୍ନଟ କରାଯାଇଥିଲା। ପ୍ରୋବ୍‌ଟି ଅର୍ବିଟରରୁ ଚନ୍ଦ୍ରପୃଷ୍ଠରେ ପଡ଼ିବା ପାଇଁ ୨୨ ମିନିଟ୍ ନେଇଥିଲା ଏବଂ ଏହି ସମୟରେ ଏଥିରେ ଥିବା ଯନ୍ତ୍ରପାତି ପଠାଇଥିବା ତଥ୍ୟକୁ ବିଶ୍ଳେଷଣ କରି ଇସ୍ରୋ ବୈଜ୍ଞାନିକମାନେ ଚନ୍ଦ୍ରରେ ଜଳକୁ ଚିହ୍ନଟ କରିଥିଲେ। ପୁନଶ୍ଚ ଅର୍ବିଟରରେ ଆମେରିକାର ଗୋଟିଏ ଯନ୍ତ୍ର ଥିଲା ଏବଂ ଏହା ପଠାଇଥିବା ଚିତ୍ରରୁ ନାସା ବୈଜ୍ଞାନିକମାନେ ମଧ୍ୟ ଚନ୍ଦ୍ରରେ ଜଳ ଚିହ୍ନଟ କରିଥିଲେ।

ଭାରତ ୨୦୧୯ ମସିହାରେ ଚନ୍ଦ୍ରଯାନ-୨ ପଠାଇଥିଲା। ଏଥିରେ ଅର୍ବିଟର ସହିତ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବା ପାଇଁ ଗୋଟିଏ ଲ୍ୟାଣ୍ଡର ଓ ଗାଟିଏ ରୋଭର ଥିଲା। ମାତ୍ର ଲ୍ୟାଣ୍ଡର ଠିକ୍ ଭାବେ ଅବତରଣ କରି ନ ପାରି ଚନ୍ଦ୍ରପୃଷ୍ଠରେ ଜୋରରେ ପଡ଼ିଲା ଏବଂ ଫଳରେ ଲ୍ୟାଣ୍ଡର ଓ ଏହା ମଧ୍ୟରେ ଥିବା ରୋଭର ଅକାମୀ ହୋଇଗଲା। ମାତ୍ର ଏହାର ଅର୍ବିଟର ଆଜି ପର୍ଯ୍ୟନ୍ତ ଚନ୍ଦ୍ର କକ୍ଷରେ ପରିକ୍ରମଣ କରି ତଥ୍ୟ ପଠାଉଛି। ଭାରତ ଚନ୍ଦ୍ରଯାନ-୩କୁ ୨୦୨୩ ମସିହା ଜୁଲାଇ ୧୪ ତାରିଖରେ ଉତ୍କ୍ଷେପଣ କରିଥିଲା ଏବଂ ଏହା ସେହିବର୍ଷ ଅଗଷ୍ଟ ମାସରେ ଚନ୍ଦ୍ର କକ୍ଷରେ ପହଞ୍ଚିଥିଲା। ଏଥିରୁ ବିକ୍ରମ ଲ୍ୟାଣ୍ଡର ଓ ପ୍ରଜ୍ଞାନ ରୋଭର ବାହାରି ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିଥିଲେ ଏବଂ ଚଉଦ ଦିନ (ଚନ୍ଦ୍ରର ଗୋଟିଏ ଦିନ) ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷା କରିଥିଲେ। ଏହି ଅଭିଯାନରେ ଚନ୍ଦ୍ର ମୃତ୍ତିକାରେ ଆଲୁମିନିୟମ୍, କ୍ୟାଲସିୟମ୍, ଲୁହା, କ୍ରୋମିୟମ, ଟାଇଟାନିୟମ, ମାଙ୍ଗାନିଜ, ସିଲିକନ ଓ ଅମ୍ଳଜାନ ସହିତ ଗନ୍ଧକକୁ ଚିହ୍ନଟ କରାଯାଇଥିଲା। ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବାରେ ଆମେରକା, ରୁଷିଆ ଓ ଚାଇନା ପରେ ଭାରତ ଚତୁର୍ଥ ଦେଶ ଭାବରେ ଗୌରବ ଲାଭ କଲା।

ଚନ୍ଦ୍ରଯାନ-୩ର ଅଭୂତପୂର୍ବ ସଫଳତା ପରେ ଇସ୍ରୋ ୨୦୨୭ ମସିହାରେ ଚନ୍ଦ୍ରଯାନ-୪ ପଠାଇବା ପାଇଁ ସ୍ଥିର କରିଛି। ଏଥିପାଇଁ ୨୧୦୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥର ଲକ୍ଷ୍ୟ ଟିକିଏ ଜଟିଳ ଅଛି। ଚନ୍ଦ୍ରଯାନ-୪ରୁ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଅବତରଣ କରି ସେଠାରୁ ମୃତ୍ତିକା ସଂଗ୍ରହ କରି ଅନ୍ୟ ଏକ ମଡ୍ୟୁଲରେ ଏହାକୁ ଚନ୍ଦ୍ର କକ୍ଷକୁ ଅଣାଯିବ। ସେଠାରୁ ଅନ୍ୟ ଏକ ମଡ୍ୟୁଲ ମୃତ୍ତିକାକୁ ପୃଥିବୀ ପୃଷ୍ଠକୁ ଆଣିବ। ଏହି ଅଭିଯାନ ସଫଳ ହେଲେ ଚନ୍ଦ୍ରପୃଷ୍ଠରୁ ମୃତ୍ତିକା ଆଣିବାରେ ଆମେରିକା, ରୁଷିଆ ଓ ଚାଇନା ପରେ ଭାରତ ଚତୁର୍ଥ ଦେଶ ହେବ। ଏହି ଅଭିଯାନରେ ମହାକାଶର ଦୁଇଟି ଯାନର ସଂଯୋଗ ବା ଡକିଂର ଆବଶ୍ୟକତା ପଡ଼ିବ। ଏହା ହେଉଛି ଏକ ଜଟିଳ ପ୍ରକ୍ରିୟା। ଇସ୍ରୋ ୨୦୨୪ ମସିହା ଡିସେମ୍ବରରେ ୨୨୦ କି.ଗ୍ରା. ଓଜନର ଦୁଇଟି ଉପଗ୍ରହକୁ ଉତ୍କ୍ଷେପଣ କରି ମହାକାଶରେ ଏହି ଦୁଇଟି ସଫଳ ସଂଯୋଗ ପରୀକ୍ଷା କରିଥିଲା ଏବଂ ଏହାପରେ ଦୁଇ ଉପଗ୍ରହକୁ ପୁନଶ୍ଚ ଅଲଗା କରାଯାଇଥିଲା।

ଭାରତ ଓ ଜାପାନ ମିଳିତ ଭାବେ ଚନ୍ଦ୍ରଯାନ-୫ର ପରିକଳ୍ପନା କରିଛନ୍ତି। ଏଥିରେ ୩୫୦ କି.ଗ୍ରା. ଓଜନର ଗୋଟିଏ ବଡ଼ ରୋଭର ରହିବ। ଏହାକୁ ଜାପାନ ନିର୍ମାଣ କରୁଛି। ଭାରତ ଏହାର ଲ୍ୟାଣ୍ଡର ନିର୍ମାଣ କରୁଛି। ଏଥିରେ ନାସା ଏବଂ ୟୁରୋପୀୟ ମହାକାଶ ସଂସ୍ଥାର କେତୋଟି ଯନ୍ତ୍ରପାତି ମଧ୍ୟ ରହିବ। ଏହି ଅଭିଯାନର ନାମ 'ଚନ୍ଦ୍ର ମେରୁ ଅଭିଯାନ' ରଖାଯାଇଛି।

ଚନ୍ଦ୍ରଯାନ-୩ ହେଉଛି ଭାରତୀୟ ମହାକାଶ ଅଭିଯାନର ଏକ ପ୍ରମୁଖ କୀର୍ତ୍ତି। ଏହା ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଯେଉଁ ସ୍ଥାନରେ ଅବତରଣ କରିଥିଲା, ସେହି ସ୍ଥାନର ନାମ 'ଶିବ ଶକ୍ତି ବିନ୍ଦୁ' ରଖାଯାଇଛି। ଏହାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୩ ମସିହା ଅଗଷ୍ଟ ୨୬ ତାରିଖରେ ଘୋଷଣା କରିଥିଲେ। ଅନ୍ତର୍ଜାତୀୟ ଜ୍ୟୋତିର୍ବିଦୀୟ ସଂଘ ୨୦୨୪ ମସିହା ମାର୍ଚ୍ଚ ୧୯ ତାରିଖରେ ଏହି ନାମକୁ ସ୍ୱୀକୃତି ଦେଇଛି। ପୁନଶ୍ଚ ଚନ୍ଦ୍ରଯାନ-୩ ୨୦୨୩ ମସିହା ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବାରୁ ଆମ ଦେଶରେ ଅଗଷ୍ଟ ୨୩କୁ 'ଜାତୀୟ ମହାକାଶ ଦିବସ' ଭାବେ ପାଳନ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ତଦନୁଯାୟୀ ୨୦୨୪ରେ ପ୍ରଥମ ଜାତୀୟ ମହାକାଶ ଦିବସ ପାଳିତ ହୋଇଥିଲା। ଚଳିତ ବର୍ଷ ପାଳିତ ହେବ ଦ୍ୱିତୀୟ ଜାତୀୟ ମହାକାଶ ଦିବସ। ତେବେ ଏବର୍ଷ ଉକ୍ତ ଦିବସ ଲାଗି ବିଷୟବସ୍ତୁ ରହିଛି 'ଆର୍ଯ୍ୟଭଟ୍ଟରୁ ଗଗନଯାନ: ପ୍ରାଚୀନ ଜ୍ଞାନରୁ ଅନନ୍ତ ସମ୍ଭାବନା', ଯାହା ଭାରତର ଜ୍ୟୋତିର୍ବିଜ୍ଞାନ ଐତିହ୍ୟରୁ ଆଗାମୀ ମାନବ ମହାକାଶ ଉଡ଼ାଣ (ଗଗନଯାନ) ପର୍ଯ୍ୟନ୍ତ ଯାତ୍ରାକୁ ପ୍ରତିଫଳିତ କରେ। । ଛାତ୍ରୀଛାତ୍ରଙ୍କୁ ଜ୍ୟୋତିର୍ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଏବଂ ମହାକାଶ ଅଭିଯାନର ଗୁରୁତ୍ୱ ଓ ଉପକାରିତାକୁ ଜନସାଧାରଣଙ୍କୁ ଜଣାଇବା ହେଉଛି ଏହାର ଉଦ୍ଦେଶ୍ୟ।

ଇସ୍ରୋର କେତୋଟି ଉଲ୍ଲେଖନୀୟ ଭବିଷ୍ୟତ ମହାକାଶ କାର୍ଯ୍ୟକ୍ରମ ହେଉଛି ମଙ୍ଗଳଯାନ-୨, ଶୁକ୍ରଯାନ, ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ, ମହାକାଶକୁ ମହାକାଶଚାରୀ ପ୍ରେରଣ ଏବଂ ଚନ୍ଦ୍ରପୃଷ୍ଠରେ ଭାରତୀୟଙ୍କର ଅବତରଣ। ୨୦୨୭ ମସିହାରେ ଗଗନଯାନ ଅଭିଯାନରେ ଭାରତର ୩ ଜଣ ମହାକାଶଚାରୀ ଅନ୍ତରୀକ୍ଷକୁ ଯିବେ। ୨୦୩୫ ମସିହା ସୁଦ୍ଧା ଭୂକକ୍ଷରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ ଏବଂ ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଅବତରଣ ଭଳି କେତୋଟି ମହତ୍ତ୍ୱାକାଂକ୍ଷୀ ଯୋଜନା ଇସ୍ରୋ କରିଛି। 'ଜାତୀୟ ମହାକାଶ ଅଭିଯାନ ଦିବସରେ ଛାତ୍ରୀଛାତ୍ର ଏବଂ ବିଜ୍ଞାନ ପ୍ରେମୀମାନେ ଏଥିପ୍ରତି ବିଶଦ୍ ଭାବେ ଅବଗତ ହେବେ ବୋଲି ଆଶା କରାଯାଏ।'

ମୋ:୯୪୩୮୬୯୩୭୨୪

**ଜାତୀୟ ମହାକାଶ ଦିବସ ଉପଲକ୍ଷେ**



## ଏଇ ଭାରତରେ

ସେବାକୁ ଜୀବନର ବ୍ରତ ଭାବେ ଯେଉଁ କେତେଜଣ ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ଦିଲ୍ଲୀର ସଞ୍ଜୟ ତୋଡ୍ରାଜକା। ପେସାରେ ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ନିଜ ବୃତ୍ତିଗତ ଜୀବନରୁ ସମୟ ବାହାର କରି ସେ ଅସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ପଶ୍ଚିମ ଦିଲ୍ଲୀ ମାୟାପୁରୀର ରାସ୍ତାକଡ଼ରେ ସଞ୍ଜୟ ଏକ ଷ୍ଟଲ୍ ଖୋଲିଛନ୍ତି। ସେଠାରେ ୧୦ ଟଙ୍କା ଦେଇ ଲୋକେ ପେଟପୂରା ଖାଉଛନ୍ତି। ଏଠାରେ ବିଶେଷକରି ଶ୍ରମିକ, ରିକ୍ସାବାଲା ଓ ଡେଲିଭରି ଏକ୍‌ଜିକ୍ୟୁଟିଭମାନେ ଖାଉଛନ୍ତି। ପ୍ରତିଦିନ ୨୦୦-୨୫୦ ଲୋକ ଖାଉଛନ୍ତି । ଲୋକଙ୍କୁ ରାଜମା, ଛୋଲେ, ସୋୟା ଓ ଡାଲି ଦିଆଯାଉଛି। ପ୍ରତିଦିନ ୧୨ଟାରେ ଷ୍ଟଲ୍ ଖୋଲେ ଓ ବନ୍ଦ ହୁଏ ସାଢ଼େ ଦୁଇଟାରେ। ୫ଜଣ ମହିଳା ରୋଷେଇ କରୁଛନ୍ତି ଓ ଆଉ ପାଞ୍ଚଜଣ ମହିଳା ଷ୍ଟଲରେ ଖାଦ୍ୟ ପରଷିବା ପାଇଁ ରହୁଛନ୍ତି । ଅନେକ ସମୟରେ ସମୟ ବାହାର କରି ସଞ୍ଜୟ ମଧ୍ୟ ଷ୍ଟଲରେ ରହି ଖାଦ୍ୟ ପରଷୁଛନ୍ତି। ସଞ୍ଜୟ କୁହନ୍ତି, ପ୍ରତି ପ୍ଲେଟ ପାଇଁ ଖର୍ଚ୍ଚ ପାଖାପାଖି ୨୫ ଟଙ୍କା ହେଉଛି। ଏହି ଖର୍ଚ୍ଚ ସେ ନିଜ ଆୟରୁ ହିଁ କରୁଛନ୍ତି। ଅସହାୟ ଲୋକଙ୍କୁ ଖାଇବାକୁ ଦେବା ସହ ସେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଚିକିତ୍ସା ଶିବିର ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୩ ଅଗଷ୍ଟ ୧୯୭୬

- ରାଉରକେଲାର ଉଦିତନଗରଠାରେ ୬୫ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ୫୦ ଶଯ୍ୟା ବିଶିଷ୍ଟ ଏକ ସରକାରୀ ହସ୍ପିଟାଲ ଓ ଏକ ମାର୍କେଟ ଉଦ୍‌ଘାଟିତ।
- ହରିଆଣା, ପଞ୍ଜାବ ଓ ମହାରାଷ୍ଟ୍ରର ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ପ୍ରତ୍ୟେକ ରାଜ୍ୟକୁ ୨ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର।
- ଜାତୀୟ ଇରାନୀ ତୈଳ କମ୍ପାନୀର ଚେୟାରମ୍ୟାନ ଡ. ମକଟର ଇକବାଲଙ୍କୁ ଡକ୍ଟର ଅଫ ଲ ଉପାଧି ପ୍ରଦାନ।

## ଚିରନ୍ତନୀ

ସେ ହାସ ପରେ ଚିର ଦେବା ପାଇଁ
ବୋଲି କାଳି
ମରଣ ଆସେ ଧୀରେ
ସଜନିରେ ପାଦ ଚାଳି !
ବଧିର କରି ଦେଇ ସକଳର ଶରବଣ
ତିଆଗି ସବୁ ଦୟା
ଆସେ ମହା ଆବରଣ ।

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 9 | | | | | | 1 |
| 4 | 3 | 1 | | | | | 9 | 2 |
| 6 | 4 | | 7 | | 3 | | | |
| 2 | | 8 | 6 | | | | | |
| | 1 | | | | | | 8 | |
| 3 | | | | | 7 | | | |
| 8 | 2 | | | | | 1 | 3 | |
| | | | | 3 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 1 | 7 | 2 | 4 | 9 | 5 |
| 9 | 1 | 5 | 4 | 3 | 8 | 6 | 7 | 2 |
| 7 | 4 | 2 | 9 | 6 | 5 | 8 | 3 | 1 |
| 4 | 5 | 1 | 7 | 2 | 3 | 9 | 6 | 8 |
| 8 | 2 | 9 | 6 | 4 | 1 | 7 | 5 | 3 |
| 6 | 3 | 7 | 5 | 8 | 9 | 2 | 1 | 4 |
| 1 | 9 | 4 | 8 | 5 | 7 | 3 | 2 | 6 |
| 2 | 7 | 6 | 3 | 1 | 4 | 5 | 8 | 9 |
| 5 | 8 | 3 | 2 | 9 | 6 | 1 | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେବଳ ବାହାନା

ମହାଶୟ,

ଭାରତ ସ୍ୱାଧୀନ ହେବାଠାରୁ ଏପର୍ଯ୍ୟନ୍ତ ୭୮ ବର୍ଷ ବିତିଗଲା। ପରାଧୀନ ଥିଲାବେଳେ ଇଂରେଜମାନେ ଆମ ଦେଶରୁ ବହୁ ମୂଲ୍ୟବାନ ପଦାର୍ଥ ତାଙ୍କ ଦେଶକୁ ନେଇ ଯାଉଥିଲେ। ଯେହେତୁ ଆମେ ପରାଧୀନ ଥିଲୁ, ମୁହଁ ଖୋଲିବାକୁ ଆମର ସାହସ ନ ଥିଲା। ଆମେ ଭାବିଥିଲୁ ଆମ ଦେଶ ସ୍ୱାଧୀନ ହେଲେ ଆମ ଦ୍ୱାରା ହିଁ ଆମେ ଶାସିତ ହେବୁ। କେହି ଚୋରି କରିବେ ନାହିଁ କି ଲୁଣ୍ଠନ କରିବେ ନାହିଁ। ଅନ୍ୟାୟ, ଅନୀତି ବା ଦୁର୍ନୀତି ହେବ ନାହିଁ। କିନ୍ତୁ ସ୍ୱାଧୀନ ହେବା ପରେ ଆମରି ଲୋକ ଆମଠାରୁ ଲାଞ୍ଚ ନେଉଛନ୍ତି। ଅନ୍ୟାୟ, ଅନୀତି ଓ ଦୁର୍ନୀତି କରୁଛନ୍ତି। ଦୁର୍ନୀତି ଓ ନାରୀ ନିର୍ଯାତନାକୁ ଆଧାର କରି ବିରୋଧୀ ଦଳର ଲୋକେ ନାରା ଦେଉଛନ୍ତି। ସେମାନେ ଯେତେବେଳେ ସରକାରରେ ଥିଲେ ସେତେବେଳେ ମଧ୍ୟ ନାରୀ ନିର୍ଯାତନା ଓ ଦୁର୍ନୀତି କାରବାର ଚରମ ସୀମାରେ ପହଞ୍ଚିଥିଲା। ରାସ୍ତାରୋକୋ କରିବା କେବଳ ରାଜନୀତିର ବାହାନାବାଜି। ସରକାର କଠୋରତା ଅବଲମ୍ବନ କଲେ ନିଶ୍ଚୟ ଦୁର୍ନୀତି ଓ ନାରୀ ନିର୍ଯାତନା ହ୍ରାସ ପାଇବ। କିରାଣି, ଅମିନଠାରୁ ଅଫିସରମାନଙ୍କୁ ପ୍ରତି ୩ ବର୍ଷରେ ଟ୍ରାନ୍ସଫର କଲେ ଦୁର୍ନୀତିର ଚେର ମଜଭୁତ ହେବ ନାହିଁ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କେନ୍ଦୁ ଗଣ୍ଠି ଜବତ: ୨ ଗିରଫ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନ ତୁରେକେଲା ଥାନା ସମରସିଂ ଗ୍ରାମ ନିକଟରେ ଗୁରୁବାର ରାତିରେ ଚଢ଼ାଉ କରାଯାଇ ଏକ ପିକ୍ ଅପ୍ ଭ୍ୟାନରୁ ୧୬ ଖଣ୍ଡ କେନ୍ଦୁ କାଠ ଗଣ୍ଠି ଜବତ ହୋଇଛି। ଭ୍ୟାନରେ ଏହା ଚୋରା ଚାଲାଣ ବେଳେ ବନ ବିଭାଗ ଦ୍ୱାରା ଜବତ ହୋଇଛି। ଏହି ଘଟଣାରେ କଣ୍ଟାବାଞ୍ଜି ଅଞ୍ଚଳର ଦୁଇ ଜଣଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। କଣ୍ଟାବାଞ୍ଜି ଟାଉନ ପରେଷ୍ଟର ଘନଶ୍ୟାମ ପଶାୟତ, ଫରେଷ୍ଟର ସବନମ ଫିରଦୋଷ, ଫରେଷ୍ଟ ଗାର୍ଡ ପରମାନନ୍ଦ ମାଝି, ପରମାନନ୍ଦ ଭାଟି, ଜଳଧର ବନଛୋର ଓ କପିଳା ମାଝି ଚଢ଼ାଉରେ ସାମିଲ ହୋଇଥିଲେ।



# ଶ୍ରମିକ ଚାଲାଣ ରୋକିବା ଉପରେ ଗୁରୁତ୍ୱ

**ବଲାଙ୍ଗୀର,୨୨।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଠେମରାଠାରେ ଗ୍ରାମ ପଞ୍ଚାୟତସ୍ତରୀୟ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକଙ୍କ ପାରସ୍ପରିକ ବାର୍ତ୍ତାଳାପ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମିକଙ୍କ ଦେଶାନ୍ତର ସମସ୍ୟା ଏବଂ ଏହାର ସମାଧାନ ନେଇ ସମନ୍ୱିତ କାର୍ଯ୍ୟକ୍ରମ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗାଁର ଶ୍ରମିକ ଏବଂ ଜନସାଧାରଣ ଯୋଗଦାନ କରିଥିଲେ। ସଭାରେ ଆରକ୍ଷୀ ଅଧୀକ୍ଷକ ଅଭିଳାଷ ଜି, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଅଧିକାରୀ ତରଣୀ ସୁନା, ଟିଟିଲାଗଡ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଦେଶାନ୍ତରୀ ସମସ୍ୟାର ସମାଧାନ ପାଇଁ ଶ୍ରମିକଙ୍କ ଲାଗି ସ୍ଥାୟୀ ରୋଜଗାର ବ୍ୟବସ୍ଥା କରାଯିବା ଉପରେ ଜୋର ଦିଆଯାଇଥିଲା। ସେମାନଙ୍କ ରୋଜଗାର ସୁନିଶ୍ଚିତ ହେଲେ ସେମାନେ ଆଉ ରାଜ୍ୟ ବାହାରକୁ ଶ୍ରମିକ ଭାବେ କାମ

**ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ**

କରିବାକୁ ଯିବେ ନାହିଁ ବୋଲି ଆଲୋଚନା ହୋଇଥିଲା। ଏହାସହିତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ, ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ସମ୍ପୃକ୍ତ କରାଯିବା, କର୍ମ ନିଯୁକ୍ତି ପାଇଁ ଉପଯୁକ୍ତ ଶିକ୍ଷା ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱଳ୍ପକାଳୀନ ଛାତ୍ରାବାସରେ ଦାଦନ ଶ୍ରମିକ ପରିବାରର ଛାତ୍ରୀଛାତ୍ରଙ୍କ ଉପଯୁକ୍ତ ବ୍ୟବସ୍ଥା, ବିଭିନ୍ନ ସରକାରୀ ଯୋଜନାରେ ରହିଥିବା ଆର୍ଥିକ ସହାୟତା, ସହଜ ଋଣ ତଥା ସୁଧଛାଡ ବ୍ୟବସ୍ଥା ଉପଲବ୍ଧ କରିବା, ବସୁନ୍ଧରା ଯୋଜନାରେ ରହିବା ଉପଯୋଗୀ ବାସଗୃହ ଯୋଗାଇବା, ସରକାରଙ୍କ ଜନମଙ୍ଗଳ ଯୋଜନା କାର୍ଯ୍ୟକାରୀ କରୁଥିବା ବିଭିନ୍ନ ବିଭାଗ ଯଥା ପଞ୍ଚାୟତିରାଜ, କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପଶୁସମ୍ପଦ, ଜଳସେଚନ, ଜଙ୍ଗଲ ବିଭାଗରେ ହେଉଥିବା ସମସ୍ତ ଜୀବନ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଯାଇ କିଭଳି ସେମାନେ ସମନ୍ୱିତ ଲାଭ ନେଇପାରିବେ ଜଣାଯାଇଥିଲା। ଶ୍ରମିକ ଶ୍ରେଣୀର ଲୋକଙ୍କ ସହ ପ୍ରଶାସନର ଉଚ୍ଚ ଅଧିକାରୀଙ୍କ ସିଧାସଳଖ ଆଲୋଚନା ହୋଇଥିବାରୁ ଏଭଳି କାର୍ଯ୍ୟକ୍ରମ ଦାଦନ ଶ୍ରମିକ ରୋକିବା ଦିଗରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା।

# ଶିକ୍ଷକଙ୍କ ମାଡ଼ରେ ଛାତ୍ର ଆହତ: ଥାନାରେ ଅଭିଯୋଗ

**ଦେଓଗାଁ,୨୨।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ସଇଁନ୍ତଲା ଥାନା ଟିକ୍ରାପଡା ଫାଣ୍ଡି ଅନ୍ତର୍ଗତ ଜୁରାବନ୍ଧ ପଞ୍ଚାୟତର ଗୁଦ୍ରାମୁଣ୍ଡା ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ମାଡରେ ଜଣେ ତୃତୀୟ ଶ୍ରେଣୀର ଛାତ୍ର ଆହତ ହୋଇଛନ୍ତି। ଏ ନେଇ ଫାଣ୍ଡିରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଉକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହ ସଂପୃକ୍ତ ଶିକ୍ଷକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଉକ୍ତ ଗାଁର ବନବାସ ସୁନାଙ୍କ ପୁଅଙ୍କୁ କୌଣସି କାରଣରୁ ଶିକ୍ଷକ ଜଣକ ପ୍ରବଳ ମାଡ ମାରିଥିଲେ। ଫଳରେ ସେ ଅସୁସ୍ଥ ହୋଇପଡିଥିଲେ। ଏହା ଜାଣିବା ପରେ ଛାତ୍ରଙ୍କ ପରିବାର ତଥା ଗାଁ ଲୋକେ ପ୍ରଥମେ ବିଦ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ପରେ ଛାତ୍ରଙ୍କ ବାପା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ସଂପୃକ୍ତ ଶିକ୍ଷକଙ୍କୁ ଏହି ବିଦ୍ୟାଳୟରୁ ବଦଳି କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

**WANTED**
**DATA ENTRY OPERATOR**
(MALE / FEMALE)
REQUIRED FOR A
CONSTRUCTION OFFICE,
BHUBANESWAR
**Mob : 7381207777**

# ପାନୀୟ ଜଳ ସମସ୍ୟାକୁ ନେଇ ହୋ ହାଲ୍ଲା

**ଦେଓଗାଁ,୨୨।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଦେଲେ ପଡ଼ାବାସୀ**

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ମୁଖ୍ୟାଳୟର କେତେକ ପଡାରେ ପାନୀୟ ଜଳ ସମସ୍ୟା ଏବେ ଦ୍ୱିଗୁଣିତ ହେବାରେ ଲାଗିଛି। ଏନେଇ ଦେଓଗାଁର କଲୋନୀପଡା ଓ ଭଞ୍ଜପଡାର ଲୋକେ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ଜଳଯୋଗାଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରି ଆସୁଛନ୍ତି। ହେଲେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଶୁକ୍ରବାର ଦେଓଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ମାସିକ ବୈଠକ ଚାଲିଥିବା ବେଳେ ସ୍ଥାନୀୟ କଲୋନୀପଡାର ଜନସାଧାରଣ ପଞ୍ଚାୟତକୁ ଆସି ପାନୀୟଜଳ ସମସ୍ୟା ନେଇ ହୋ ହାଲ୍ଲା କରିଥିଲେ। ପଞ୍ଚାୟତ କର୍ତ୍ତୃପକ୍ଷ ସନ୍ତୋଷଜନକ ଉତ୍ତର ନ ଦେବାରୁ ଜନସାଧାରଣ ଉତ୍ତ୍ୟକ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟଗେଟରେ ତାଲା ପକାଇଦେଇ ପ୍ରତିବାଦ କରିଥିଲେ। ସଭାକକ୍ଷରେ ସରପଞ୍ଚ ନିନା ଛତ୍ରିଆଙ୍କ ସମେତ ୬ଜଣ ୱାର୍ଡ ସଭ୍ୟାସଭ୍ୟ ଓ ଅଧିକାରୀ ଗୃହବନ୍ଦୀ ହୋଇ ରହିଥିଲେ। ଖବରପାଇ ଥାନାଧିକାରୀ ବୁଲୁ ମୁଣ୍ଡା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସଭାକକ୍ଷରେ ରହିଥିବା ଜନପ୍ରତିନିଧିଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ଛତ୍ରିଆଙ୍କୁ ପଚାରିବାରୁ ପାନୀୟଜଳ ସମସ୍ୟା ରହିଛି। କେମିତି ଏହାର ସ୍ଥାୟୀ ସମାଧାନ ହୋଇପାରିବ ସେନେଇ ଆମେ ଜଳଯୋଗାଣ ବିଭାଗ ସହ ଆଲୋଚନା କରିଛୁ ବୋଲି କହିଥିଲେ।

# ରୋତ କଲେଜରେ ନବୀନ ବରଣ କାର୍ଯ୍ୟକ୍ରମ

**ଲୋଇସିଂହା,୨୨।୮ (ସୁଶାନ୍ତ ବାରିକ)**

ଶୁକ୍ରବାର ଆଗଲପୁର ବ୍ଲକ ରୋତ କଲେଜର ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କ ପାଇଁ ନବୀନ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗର ମୁଖ୍ୟ ପ୍ରମୋଦ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପିକା ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ।

# ନୂଆଁଖାଇ ପାଇଁ ୩ ଦିନ ସରକାରୀ ଛୁଟି ଘୋଷଣା ଦାବି



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

**ବଲାଙ୍ଗୀର,୨୨।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ନୂଆଁଖାଇ ପାଳନ କରିବା ପାଇଁ ତିନି ଦିନ ସରକାରୀ ଛୁଟି ଘୋଷଣା କରିବାକୁ ବଲାଙ୍ଗୀରର ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ନୂଆଁଖାଇ ହେଉଛି ଏକ ଗଣପର୍ବ। ଏହି ପର୍ବ ପାଳନ ପାଇଁ ଦୂରଦୂରାନ୍ତରୁ ଲୋକେ ଗାଁକୁ ଆସିଥାନ୍ତି। ଗାଁରେ ପରିବାର ସଦସ୍ୟଙ୍କ ସହ ମିଳିତ ଭାବେ ଏହି ପର୍ବ ପାଳନ କରାଯାଏ। ଦୂରଦୂରାନ୍ତରେ ଚାକିରି ବା ବିଭିନ୍ନ କାମ କରୁଥିବା ଲୋକେ ଗୋଟିଏ ଦିନ ଛୁଟି ହେଉଥିବାରୁ ଘରକୁ ଆସି ନିଜ ପରିବାର ସହ ନୂଆଁଖାଇ ପାଳନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ରାଜ୍ୟ ସରକାର ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ନୂଆଁଖାଇ ପାଇଁ ୩ ଦିନ ସରକାରୀ ଛୁଟି ଘୋଷଣା କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଲୋକେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଛନ୍ତି। ଯୁବ ସଙ୍ଗଠକ ବିନୋଦ କୁମାର କାଲସାଏ, ଥବୀର କର୍ମୀ, ଗୋବିନ୍ଦ ଶତପଥୀ, ବିକାଶ ସା, ପ୍ରଦୀପ ଜୁଏଡ, ରାମ ଶଙ୍କର ଶତପଥୀ, ସତ୍ୟ ହୋତା, ରବିନ୍ଦ୍ର ପ୍ରଧାନ, କନ୍ଦର୍ପ ରଣା, ସୁରେଶ କମ୍ପ, ଦେବରାଜ ନାଗ, କାହ୍ନା ଶତପଥୀ, ସୁବ୍ରତ ନିଆଲ, ରାଜେଶ ସାହୁ, ରମାକାନ୍ତ ମେଶ୍ୱା ପ୍ରମୁଖ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।


**MILK UNION, SAMBALPUR**
**VEHICLE REQUIRED ON HIRE**

1. TATA ACE or similar type of vehicle required on hire for Sarla-Bargarh Milk route running covering 137 KM. (Morning - 86 & Evening - 51).
2. TATA ACE or similar type of vehicle required on hire for Mahada-Boxma Milk route running covering 210 KM. (Both Morning & Evening).
3. Max Pick Up or similar type of vehicle required on hire for Bamanda-Charichawk Milk route running covering 186 KM. (Both Morning & Evening shift).
4. Max Pick Up or similar type of vehicle required on hire for Padampur-Jamla Milk route running covering 160 KM. (Both Morning & Evening shift).

For details please visit our website: **www.samul.in**.
Interested parties may purchase and submit tenders by **01.09.2025**.
Tender Paper Cost Rs.200/- + GST.
EMD - Rs.2,000/-.

**କାଶୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+2 କଳା), ପହଣ୍ଡି, ସୁନାପାଲି**
ପୋ - ଦିଗସିରା, ବ୍ଲକ - ଡୁଙ୍ଗୁରୁପାଲି, ଜିଲ୍ଲା - ସୋନପୁର
**ନାମ ଲେଖା ବିଜ୍ଞାପନ**
+2 Arts, Seats – 256
ହରିପ୍ରିୟା ଛାତ୍ରୀ ନିବାସ 50 ସିଟ, ଛାତ୍ର ନିବାସ 30 ସିଟ
ଫି – କଲେଜ ନାମଲେଖା ଓ ହଷ୍ଟେଲରେ ରହିବା ଖାଇବା ସହ ବର୍ଷକୁ ଖର୍ଚ୍ଚ
ଛାତ୍ରଙ୍କ ପାଇଁ – 43,000/– ଟଙ୍କା, ଛାତ୍ରୀଙ୍କ ପାଇଁ – 40,000/– ଟଙ୍କା
ଛାତ୍ର ବୃତ୍ତି – ହଷ୍ଟେଲ ଛାତ୍ର ଛାତ୍ରୀଙ୍କ ପାଇଁ ମନସ୍ୱି ସାହୁ ଓ କାଶୀନାଥ ଛାତ୍ର ବୃତ୍ତି
**ଯୋଗାଯୋଗ - +91 93371 68210, +91 76840 54488**
ସ୍ୱା/- ଅଧ୍ୟକ୍ଷା, କାଶୀନାଥ ମହାବିଦ୍ୟାଳୟ

**I I I T Bhubaneswar**
**Imagine. Innovate. Inspire.**
(A University established by the Government of Odisha)
No.: IIIT-Bh/10168/2025 Date : 20.08.2025
**Admission for M.Tech. (Signal Processing and VLSI Technology) Programme**
IIIT Bhubaneswar is a next generation Technology Institute engaged in Under graduate and Post graduate Education and Research.
Applications are invited for the Admission to the Regular M.Tech. (Signal Processing and VLSI Technology) programme for 2025-26.
Last date of receiving application is **extended upto 31st August 2025.**
For admission Bulletin and more details visit our website : **https://www.iiit-bh.ac.in/Admission/m-tech/** Sd/- REGISTRAR
**AT : Gothapatna, PO : Malipada, Bhubaneswar - 751003, Odisha, India, Web : www.iiit-bh.ac.in**

**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email: bhuubaneswar@icai.org, Contact: 0674-2392391
**NOTICE INVITING TENDER**
ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/Consultancy services for proposed renovation works at ICAI Bhawan, Plot No.: A/122/1, Nayapalli, Bhubaneswar-751012.
The Tender document is available at ICAI website: **www.icai.org, www.eirc-icai.org & www.bhubaneswar-icai.org.** The last date of submission of duly filled in Bids is **05.09.2025 up to 5.00 PM**
**Secretary, ICAI**

**OFFICE OF THE NOTIFIED AREA COUNCIL, KHARIAR**
At/P.O.: Khariar, Dist.: Nuapada, PIN - 766107
e-mail: khariarn.hud@ori.nic.in, khariarnac@gmail.com
**EXPRESSION OF INTEREST**
**EOI Notice No. 1918** **Dtd.: 20.08.2025**
No. C-929: Sealed EOI are invited from Mission Shakti Groups (SHG) i.e. Women Self Help Groups (WSHG) from Ward No. 07 to identify and select IA/IP for "Leasing and Management of Kalyan Mandap-2, Ward No. 07" of NAC, Khariar for 03 (Three) years consisting of specification and the set of terms and conditions of contract and other necessary documents can be seen/downloaded from the district website **nuapada.odisha.gov.in**.
1. Cost of EOI Paper : Rs.4,000/- (Rupees four thousand) only (Non Refundable)
2. Download EOI documents : nuapada.odisha.gov.in
3. Last date of receiving queries : 25.08.2025 upto 5.30 P.M.
4. Last date of receipt of EOI documents : 01.09.2025 upto 5.30 P.M.
5. Date of opening of EOI documents : 02.09.2025 at 11.00 A.M.
6. Name and address of the Officer Inviting EOI : Executive Officer, NAC, Khariar Dist.: Nuapada

**Sd./- Executive Officer**
**NAC, Khariar**
OIPR-13136/11/0049/2526

International Year of Cooperatives 2025
**SAMBALPUR DISTRICT CO-OPERATIVE CENTRAL BANK LTD.**
HEAD OFFICE : BARGARH-768028
Phone : (06646) 233157/232634, Fax : (06646) 232696
Email : headoffice@sambalpurdccbl.com
Ref. No.2454/TCN/CB/Estt./2025-26 Date : 22.08.2025
**Tender Cancellation Notice**
In view of administrative exigencies, the Tender Call Notice No.2417/TCN/CB/Estt./2025-26, Dt.19.08.2025 for providing manpower services of Armed Guards, Drivers and Support Staffs to Sambalpur District Central Cooperative Bank Ltd, Bargarh, published in the Odia Daily "The Sambad" and the "The Dharitri" is hereby kept in abeyance. The tender process initiated through the aforesaid notice shall not be acted upon, if required a fresh tender will be issued in due course of time.
The kept in abeyance Notice is issued with the approval of the Committee of Management of the Bank on 21.08.2025.
**Sd./- Chief Executive Officer**

**ଦ.ପୂ. ରେଳପଥ – ଇ-ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍ଏମ୍/ଜିଇଏନ୍ଏଲ୍/ଟିପି/୨୦୨୫/୩୨, ତାରିଖ: ୨୧।୦୮।୨୦୨୫।**
"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଖୋଲା ଇ-ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍ସାଇଟ୍ **www.ireps.gov.in**ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍ଡି (₹ ରେ) |
|---|---|---|---|---|---|
| ୧. | ୩୮୨୫୩୧୭୨ | ୧୭।୦୯।୨୦୨୫ | ବିଓବିଆର୍ଏନ୍ ୱାଗନ୍ ପାଇଁ ଡୋର୍ ଆସେମ୍ବ୍ଲି (ଡବଲ୍ ଲିଙ୍କ୍) | ୧୯୦ ଗୋଟି | ୧,୮୧,୬୦୦/- |
| ୨. | ୩୮୨୫୩୦୨୮ | ୦୬।୧୦।୨୦୨୫ | ବିଓଏକ୍ସଏନ୍ଏଚ୍ଏଲ୍ ୱାଗନ୍ ପାଇଁ କପ୍ଲର୍ ରଡ୍ | ୨୦୫୦୦ ଗୋଟି | ୨,୧୦,୪୫୦/- |
| ୩. | ୩୮୨୫୩୧୮୫ | ୦୮।୧୦।୨୦୨୫ | ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ ପାଇଁ ଲକିଂ ବୋଲ୍ଟ ଓ ତାହାର ବ୍ରାକେଟ୍ | ୭୯୪୪୦ ଗୋଟି | ୧,୩୬,୪୮୦/- |
| ୪. | ୩୮୨୫୧୫୦୭ | ୨୭।୧୦।୨୦୨୫ | କ୍ୟାସନବ୍ ୨୨ଏଚ୍ଏସ୍ ବଗିର ବୋଲଷ୍ଟର୍ ପାଇଁ ଆଉଟର୍ ସ୍ପ୍ରିଙ୍ଗ୍ | ୧୫୯୦୦ ଗୋଟି | ୩,୭୫,୨୪୦/- |
| ୫. | ୩୮୨୫୩୯୧୭ | ୩୦।୧୦।୨୦୨୫ | ବିଓଏକ୍ସଏନ୍ଏଚ୍ଏଲ୍ ୱାଗନ୍ ପାଇଁ କ୍ରିବ୍/ଏଣ୍ଡ ଆଙ୍ଗଲ୍ | ୭୩୦୦ ଗୋଟି | ୨,୨୩,୯୬୦/- |
| ୬. | ୬୦୨୫୫୩୩୮ | ୦୮।୦୯।୨୦୨୫ | ପିଏସ୍ସି ସ୍ଲିପର୍ସ ଉପରେ ୬୦ କିଗ୍ରା ରେଲ୍ ନିମନ୍ତେ ଗ୍ଲୁଡ୍ ଜଏଣ୍ଟ ଆଦି | ୧୭୭୦ ଗୋଟି | ୧୬,୦୪,୦୪୦/- |
| ୭. | ୬୦୨୫୦୦୧୫ | ୧୫।୦୯।୨୦୨୫ | ପିଏସ୍ସି ସ୍ଲିପର୍ସ ଉପରେ ବିଜି. ୬୦ କିଗ୍ରା (ୟୁଆଇସି) ରେଲ୍ ପାଇଁ ୧ ଇନ୍ ୧୨ ସିଏମ୍ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ | ୧୦୦୦ ସେଟ୍ | ୨୦,୦୦,୦୦୦/- |
| ୮. | ୫୬୨୫୫୧୮୬ | ୧୨।୦୯।୨୦୨୫ | ଯୋଗାଣ, ପରିବହନ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ ଆଦି ପାଇଁ ରନିଂ କଣ୍ଟ୍ରାକ୍ଟ | ୱେବ୍ସାଇଟ୍ ଅନୁଯାୟୀ | ୩,୯୧,୦୦୦/- |
| ୯. | ୨୯୨୫୩୨୨୯ | ୧୨।୦୯।୨୦୨୫ | ଟିଥ୍ ପିନିୟନ୍ ଆଦି | ୪୦୮ ଗୋଟି | ୨,୩୮,୫୫୦/- |
| ୧୦. | ୨୯୨୫୩୬୯୫ | ୧୬।୦୯।୨୦୨୫ | ଆଇଭି କପ୍ଲର୍ ସକେଟ୍ ଆସେମ୍ବ୍ଲି | ୭୯ ସେଟ୍ | ୧,୨୯,୫୬୦/- |
| ୧୧. | ୨୫୨୫୧୧୯୮ | ୦୬।୧୦।୨୦୨୫ | ଡବ୍ଲ୍ୟୁଏଜି୭ ଲୋକୋର ଇକ୍ୱାଲାଇଜର୍ (ମୋଡିଫାଏଡ୍) ଆଦି | ୩୯୧ ଗୋଟି | ୧,୮୩,୭୩୦/- |
| ୧୨. | ୨୫୨୫୧୨୧୧ | ୧୩।୧୦।୨୦୨୫ | ଡ୍ରାଇଭର୍ସ ଅଟୋ ବ୍ରେକ୍ ଭାଲ୍ଭ ଏ୯ | ୧୦୬ ଗୋଟି | ୧,୦୪,୬୮୦/- |
| ୧୩. | ୪୭୨୪୫୦୧୪ଏ | ୧୮।୦୯।୨୦୨୫ | ବ୍ୟାପକ ଏଏମ୍ସି ସହିତ ପାସେଞ୍ଜର ଲିଫ୍ଟର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ | ୦୩ ଗୋଟି | ୨,୯୮,୯୪୦/- |
| ୧୪. | ୪୦୨୫୩୧୧୯ | ୨୩।୦୯।୨୦୨୫ | ୨x୧୫୦ ବର୍ଗ ମିମି ଏକ୍ସଏଲପିଇ ଇନ୍ସୁଲେଟେଡ୍, ୧୧୦୦ ଭୋଲ୍ଟସ୍ ଗ୍ରେଡ୍ର ଯୋଗାଣ ପାଇଁ ରନିଂ କଣ୍ଟ୍ରାକ୍ଟ ଆଦି | ୧୨୫୦୦୦ ମିଟର | ୮,୬୨,୫୦୦/- |
| ୧୫. | ୭୭୨୫୫୦୦୧ | ୧୧।୦୯।୨୦୨୫ | କୋଚ୍ (ଆଇସିଏଫ୍/ଏଲ୍ଏଚ୍ବି) ଗୁଡ଼ିକର ବାହ୍ୟ ପାର୍ଶ୍ୱ କାନ୍ଥ ପାଇଁ ଆଣ୍ଟି-ଗ୍ରାଫିଟି କ୍ଲିୟର୍ କୋଟିଂର ଯୋଗାଣ ଏବଂ ପ୍ରୟୋଗ | ୧୯୫୦ ସେଟ୍ | ୮,୭୩,୮୭୦/- |
| ୧୬. | ୬୦୨୫୦୧୩୦ | ୧୯।୦୯।୨୦୨୫ | ୬୦ କିଗ୍ରା ରେଲ୍ ନିମନ୍ତେ ଗ୍ଲୁଡ୍ ଜଏଣ୍ଟ ପାଇଁ ଫିଶ୍ ପ୍ଲେଟ୍ ଆଦିର ବିନିର୍ମାଣ ଓ ଯୋଗାଣ | ୬୦୦୦ ଗୋଟି | ୨,୭୪,୫୬୦/- |
| ୧୭. | ୭୨୨୫୩୦୫୩ଏ | ୧୫।୦୯।୨୦୨୫ | ଟି.ସି. ଇନ୍ସର୍ଟ ନ୍ୟୁଟ୍ରାଲ ଅପ୍ଏଣ୍ଡେଡ୍, ୩୦ ମିମି ଦୈର୍ଘ୍ୟ | ୧୧୬୩୦ ଗୋଟି | ୨,୨୭,୫୩୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍ଲାଇନ୍ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-550)

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो।**
**शुद्धि – पत्र**
इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/53/2024-25/3rd Call, जिसका पी० आर० संख्या–358679 Rural Development (25-26)#D है, को अपरिहार्य कारणवष तत्काल प्रभाव से स्थगित किया जाता है।
कार्यपालक अभियंता
3. Max Pick Up or similar type of vehicle required on hire for Bamanda-Charichawk Milk route running covering 186 KM. (Both Morning & Evening shift).
4. Max Pick Up or similar type of vehicle required on hire for Padampur-Jamla Milk route running covering 160 KM. (Both Morning & Evening shift).

For details please visit our website: **www.samul.in**.
Interested parties may purchase and submit tenders by **01.09.2025**.
Tender Paper Cost Rs.200/- + GST.
EMD - Rs.2,000/-.

**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email: bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/Consultancy services for proposed renovation works at ICAI Bhawan, Plot No.: A/122/1, Nayapalli, Bhubaneswar-751012.
The Tender document is available at ICAI website: **www.icai.org, www.eirc-icai.org & www.bhubaneswar-icai.org.** The last date of submission of duly filled in Bids is **05.09.2025 up to 5.00 PM**
**Secretary, ICAI**

**ଦ.ପୂ. ରେଳପଥ – ଇ-ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୨, ତାରିଖ: ୨୧।୦୮।୨୦୨୫।**
"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଖୋଲା ଇ–ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (₹ ରେ) |
|---|---|---|---|---|---|
| ୧. | ୩୮୨୫୩୧୭୨ | ୧୭।୦୯।୨୦୨୫ | ବିଓବିଆର୍‌ଏନ୍ ୱାଗନ୍ ପାଇଁ ଡୋର୍ ଆସେମ୍ବ୍ଲି (ଡବଲ୍ ଲିଙ୍କ୍) | ୧୯୦ ଗୋଟି | ୧,୮୧,୬୦୦/- |
| ୨. | ୩୮୨୫୩୦୨୮ | ୦୬।୧୦।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ କପ୍‌ଲର୍ ରଡ୍ | ୨୦୫୦୦ ଗୋଟି | ୨,୧୦,୪୫୦/- |
| ୩. | ୩୮୨୫୩୧୮୫ | ୦୮।୧୦।୨୦୨୫ | ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ ପାଇଁ ଲକିଂ ବୋଲ୍ଟ ଓ ତାହାର ବ୍ରାକେଟ୍ | ୭୯୪୪୦ ଗୋଟି | ୧,୩୬,୪୮୦/- |
| ୪. | ୩୮୨୫୧୫୦୭ | ୨୭।୧୦।୨୦୨୫ | କ୍ୟାସନବ୍ ୨୨ଏଚ୍‌ଏସ୍ ବଗିର ବୋଲଷ୍ଟର୍ ପାଇଁ ଆଉଟର୍ ସ୍ପ୍ରିଙ୍ଗ୍ | ୧୫୯୦୦ ଗୋଟି | ୩,୭୫,୨୪୦/- |
| ୫. | ୩୮୨୫୩୯୧୭ | ୩୦।୧୦।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ କ୍ରିବ୍/ଏଣ୍ଡ ଆଙ୍ଗଲ୍ | ୭୩୦୦ ଗୋଟି | ୨,୨୩,୯୬୦/- |
| ୬. | ୬୦୨୫୫୩୩୮ | ୦୮।୦୯।୨୦୨୫ | ପିଏସ୍‌ସି ସ୍ଲିପର୍ସ ଉପରେ ୬୦ କିଗ୍ରା ରେଲ୍ ନିମନ୍ତେ ଗ୍ଲୁଡ୍ ଜଏଣ୍ଟ ଆଦି | ୧୭୭୦ ଗୋଟି | ୧୬,୦୪,୦୪୦/- |
| ୭. | ୬୦୨୫୦୦୧୫ | ୧୫।୦୯।୨୦୨୫ | ପିଏସ୍‌ସି ସ୍ଲିପର୍ସ ଉପରେ ବିଜି. ୬୦ କିଗ୍ରା (ୟୁଆଇସି) ରେଲ୍ ପାଇଁ ୧ ଇନ୍ ୧୨ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ | ୧୦୦୦ ସେଟ୍ | ୨୦,୦୦,୦୦୦/- |
| ୮. | ୫୬୨୫୫୧୮୬ | ୧୨।୦୯।୨୦୨୫ | ଯୋଗାଣ, ପରିବହନ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ ଆଦି ପାଇଁ ରନିଂ କଣ୍ଟ୍ରାକ୍ଟ | ୱେବ୍‌ସାଇଟ୍ ଅନୁଯାୟୀ | ୩,୯୧,୦୦୦/- |
| ୯. | ୨୯୨୫୩୨୨୯ | ୧୨।୦୯।୨୦୨୫ | ଟିଥ୍ ପିନିୟନ୍ ଆଦି | ୪୦୮ ଗୋଟି | ୨,୩୮,୫୫୦/- |
| ୧୦. | ୨୯୨୫୩୬୯୫ | ୧୬।୦୯।୨୦୨୫ | ଆଇଭି କପ୍‌ଲର୍ ସକେଟ୍ ଆସେମ୍ବ୍ଲି | ୭୯ ସେଟ୍ | ୧,୨୯,୫୬୦/- |
| ୧୧. | ୨୫୨୫୧୧୯୮ | ୦୬।୧୦।୨୦୨୫ | ଡବ୍ଲ୍ୟୁଏଜିଡ ଲୋକୋର ଇକ୍ୱାଲାଇଜର୍ (ମୋଡିଫାଏଡ୍) ଆଦି | ୩୯୧ ଗୋଟି | ୧,୮୩,୭୩୦/- |
| ୧୨. | ୨୫୨୫୧୨୧୧ | ୧୩।୧୦।୨୦୨୫ | ଡ୍ରାଇଭର୍ସ ଅଟୋ ବ୍ରେକ୍ ଭାଲ୍‌ଭ ଏ୯ | ୧୦୬ ଗୋଟି | ୧,୦୪,୬୮୦/- |
| ୧୩. | ୪୭୨୪୫୦୧୪ଏ | ୧୮।୦୯।୨୦୨୫ | ବ୍ୟାପକ ଏଏମ୍‌ସି ସହିତ ପାସେଞ୍ଜର ଲିଫ୍ଟର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ | ୦୩ ଗୋଟି | ୨,୯୮,୯୪୦/- |
| ୧୪. | ୪୦୨୫୩୧୧୯ | ୨୩।୦୯।୨୦୨୫ | ୨x୧୫୦ ବର୍ଗ ମିମି ଏକ୍ସଏଲ୍‌ପିଇ ଇନସୁଲେଟେଡ୍, ୧୧୦୦ ଭୋଲ୍ଟସ୍ ଗ୍ରେଡ୍‌ର ଯୋଗାଣ ପାଇଁ ରନିଂ କଣ୍ଟ୍ରାକ୍ଟ ଆଦି | ୧୨୫୦୦୦ ମିଟର | ୮,୬୨,୫୦୦/- |
| ୧୫. | ୭୭୨୫୫୦୦୧ | ୧୧।୦୯।୨୦୨୫ | କୋଚ୍ (ଆଇସିଏଫ୍/ଏଲ୍‌ଏଚ୍‌ବି) ଗୁଡ଼ିକର ବାହ୍ୟ ପାର୍ଶ୍ୱ କାନ୍ଥ ପାଇଁ ଆଣ୍ଟି–ଗ୍ରାଫିଟି କ୍ଲିୟର୍ କୋଟିଂର ଯୋଗାଣ ଏବଂ ପ୍ରୟୋଗ | ୧୯୫୦ ସେଟ୍ | ୮,୭୩,୮୭୦/- |
| ୧୬. | ୬୦୨୫୦୧୩୦ | ୧୯।୦୯।୨୦୨୫ | ୬୦ କିଗ୍ରା ରେଲ୍ ନିମନ୍ତେ ଗ୍ଲୁଡ୍ ଜଏଣ୍ଟ ପାଇଁ ଫିଶ୍ ପ୍ଲେଟ୍ ଆଦିର ବିନିର୍ମାଣ ଓ ଯୋଗାଣ | ୬୦୦୦ ଗୋଟି | ୨,୭୪,୫୬୦/- |
| ୧୭. | ୭୨୨୫୩୦୫୩ଏ | ୧୫।୦୯।୨୦୨୫ | ଟି.ସି. ଇନ୍‌ସର୍ଟ ନ୍ୟୁଟ୍ରାଲ ଅପ୍‌ଏଣ୍ଡେଡ୍, ୩୦ ମିମି ଦୈର୍ଘ୍ୟ | ୧୧୬୩୦ ଗୋଟି | ୨,୨୭,୫୩୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-550)

**ମେକନ୍ ଲିମିଟେଡ୍**
(ଇସ୍ପାତ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ପିଏସ୍‌ୟୁ)
ମୁଖ୍ୟ କାର୍ଯ୍ୟାଳୟ: ଦୋରନ୍ଦା, ରାଞ୍ଚି-୮୩୪୦୦୨; ଫୋନ୍: ୦୬୫୧-୨୪୮୩୦୦୦
ସିଆଇଏନ୍ ନଂ.: U74140JH1973GOI001199

**କର୍ମନିଯୁକ୍ତି ଅଧିସୂଚନା**

**ମେକନ୍**, ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଇଞ୍ଜିନିୟରିଂ, ପରାମର୍ଶ, ଠିକା ଓ ପ୍ରକଳ୍ପ ପ୍ରବନ୍ଧନ ସେବା ପ୍ରଦାନ କରୁଥିବା ଭାରତ ସରକାରଙ୍କ ଏକ ପ୍ରମୁଖ ମିନିରତ୍ନ, ଅନୁସୂଚୀ "ଏ" ଉପକ୍ରମ **ନିୟମିତ ବେତନ ହାରରେ ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ କେବଳ ଅନ୍‌ଲାଇନ୍ ଦରଖାସ୍ତ ପଦ୍ଧତି ଜରିଆରେ** ପ୍ରତିବଦ୍ଧ, ଫଳାଫଳ ଉନ୍ମୁଖୀ, ଉପଯୁକ୍ତ ଭାବେ ଯୋଗ୍ୟତାପ୍ରାପ୍ତ ତଥା ଅଭିଜ୍ଞ ବ୍ୟକ୍ତିମାନଙ୍କଠାରୁ **ଦରଖାସ୍ତ ଆହ୍ୱାନ କରୁଛି (ବିଜ୍ଞାପନ ସଂ. ୧୧.୭୩.୪.୩/୨୦୨୫/ଆର୍‌ଇଜି/୦୫ ତାରିଖ: ୦୫।୦୮।୨୦୨୫)।**

| କ୍ର. ସଂ. | ପଦବୀର ନାମ | ଗ୍ରେଡ୍ | ପଦବୀ ସଂଖ୍ୟା | ବେତନ ହାର |
|---|---|---|---|---|
| ୦୧ | ଡିଜିଏମ୍ (ଏଚ୍‌ଆର୍) | ଇ–୬ | ୦୧ | ଟ.୧,୨୦,୦୦୦-୩%-୨,୮୦,୦୦୦/- |
| ୦୨ | ଜିଏମ୍ (ଏଚ୍‌ଆର୍) | ଇ–୭ | ୦୧ | ଟ.୧,୨୦,୦୦୦-୩%-୨,୮୦,୦୦୦/- |

ଅଧିକ ବିବରଣୀ ପାଇଁ ଦୟାକରି **ଆମ ୱେବ୍‌ସାଇଟ୍: www.meconlimited.co.in** ର "କ୍ୟାରିୟର୍ସ" ସେକ୍ସନ ପରିଦର୍ଶନ କରନ୍ତୁ।
ଦ୍ରଷ୍ଟବ୍ୟ: ଅଧିକନ୍ତୁ, ଏହି ବିଜ୍ଞାପନ ସଂକ୍ରାନ୍ତୀୟ କୌଣସି ଭ୍ରମ ସଂଶୋଧନ(ଗୁଡ଼ିକ)/ସଂଶୋଧନ(ଗୁଡ଼ିକ) **ଆମ ୱେବ୍‌ସାଇଟ୍: www.meconlimited.co.in** ର "କ୍ୟାରିୟର୍ସ" ସେକ୍ସନରେ ଅପଲୋଡ୍ ହେବ।
**ମୁଖ୍ୟ ମହାପ୍ରବନ୍ଧକ (ଏଚ୍‌ଆର୍),**
**ମେକନ୍ ଲିମିଟେଡ୍, ବିବେକାନନ୍ଦ ପଥ, ଦୋରନ୍ଦା, ରାଞ୍ଚି - ୮୩୪୦୦୨, ଝାଡ଼ଖଣ୍ଡ**
CBC 40110/12/0011/2526

**କାଶୀନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (+2 କଳା), ପହଣ୍ଡି, ସୁନାପାଲି**
ପୋ - ଡିଗସିରା, ବ୍ଲକ - ଡୁଙ୍ଗୁରୁପାଲି, ଜିଲ୍ଲା - ସୋନପୁର

**ନାମ ଲେଖା ବିଜ୍ଞାପନ**

+2 Arts, Seats – 256
ହରିପ୍ରିୟା ଛାତ୍ରୀ ନିବାସ 50 ସିଟ, ଛାତ୍ର ନିବାସ 30 ସିଟ
ଫି – କଲେଜ ନାମଲେଖା ଓ ହଷ୍ଟେଲରେ ରହିବା ଖାଇବା ସହ ବର୍ଷକୁ ଖର୍ଚ୍ଚ
ଛାତ୍ରଙ୍କ ପାଇଁ – 43,000/– ଟଙ୍କା, ଛାତ୍ରୀଙ୍କ ପାଇଁ – 40,000/– ଟଙ୍କା।
ଛାତ୍ର ବୃତ୍ତି – ହଷ୍ଟେଲ ଛାତ୍ର ଛାତ୍ରୀଙ୍କ ପାଇଁ ମନସ୍ୱି ସାହୁ ଓ କାଶୀନାଥ ଛାତ୍ର ବୃତ୍ତି
**ଯୋଗାଯୋଗ - +91 93371 68210, +91 76840 54488**
ସ୍ୱା/- ଅଧ୍ୟକ୍ଷ, କାଶୀନାଥ ମହାବିଦ୍ୟାଳୟ

**OFFICE OF THE NOTIFIED AREA COUNCIL, KHARIAR**
At/P.O.: Khariar, Dist.: Nuapada, PIN - 766107
e-mail: khariarn.hud@ori.nic.in, khariarnac@gmail.com

**EXPRESSION OF INTEREST**

EOI Notice No. 1918 — Dtd.: 20.08.2025
No. C-929: Sealed EOI are invited from Mission Shakti Groups (SHG) i.e. Women Self Help Groups (WSHG) from Ward No. 07 to identify and select IA/IP for "Leasing and Management of Kalyan Mandap-2, Ward No. 07" of NAC, Khariar for 03 (Three) years consisting of specification and the set of terms and conditions of contract and other necessary documents can be seen/downloaded from the district website **nuapada.odisha.gov.in**.

1. Cost of EOI Paper : Rs.4,000/- (Rupees four thousand) only (Non Refundable)
2. Download EOI documents : nuapada.odisha.gov.in
3. Last date of receiving queries : 25.08.2025 upto 5.30 P.M.
4. Last date of receipt of EOI documents : 01.09.2025 upto 5.30 P.M.
5. Date of opening of EOI documents : 02.09.2025 at 11.00 A.M.
6. Name and address of the Officer Inviting EOI : Executive Officer, NAC, Khariar Dist.: Nuapada

OIPR-13136/11/0049/2526 — Sd./- Executive Officer NAC, Khariar

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो।**

**शुद्धि – पत्र**

इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/53/2024-25/3rd Call, जिसका पी० आर० संख्या–358679 Rural Development (25-26)#D है, को अपरिहार्य कारणवष तत्काल प्रभाव से स्थगित किया जाता है।
कार्यपालक अभियंता
ग्रामीण विकास विशेष प्रमंडल, बोकारो।
PR 360154 (Rural Development) 25-26 (D)

**कार्यालय कार्यपालक अभियंता**
**लघु सिंचाई प्रमंडल, लातेहार**

**निविदा रद्द संबंधित सूचना**

पत्रांक– 629 — दिनांक– 22.08.2025
एतद् द्वारा सूचित किया जाता है कि इस कार्यालय के ई० निविदा आमंत्रण सूचना सं०- WRD/MID/ Latehar/ F2-15/2025-26 यथा बरखेता मध्यम सिंचाई योजना का जीर्णोद्धार, बोदे मध्यम सिंचाई योजना का जीर्णोद्धार एवं दनदाहा मध्यम सिंचाई योजना का जीर्णोद्धार कार्य प्रखंड–बरवाडीह, विभिन्न समाचार पत्रों में प्रकाशित की गयी थी जिसका PR No-359911 (water Resources) 25-26(D) है, को अपरिहार्य कारणवंश रद्द किया जाता है।
PR 360203 Water Resource (25-26)_D — कार्यपालक अभियंता, लघु सिंचाई प्रमंडल, लातेहार

**वरीय पुलिस अधीक्षक का कार्यालय, राँची।**

**सर्वसाधारण के लिए सूचना।**



नाम–राजू मुण्डा, उम्र करीब–27 वर्ष, रंग–सॉवला, ऊँचाई–04 फीट, 7 फीट
पहनावा–गुलाबी टी–शर्ट, काला रंग का हाफ निकर
एवं सफेद काला चेक गम्छा पहने हुए है।

उपरोक्त लापता व्यक्ति राजु मुण्डा, पिता–शिवनाथ मुण्डा, सा0–डिमरा टोला सोरलोंगा पंचायत, कुन्दला, थाना–तमाड़, जिला–राँची जो दिनांक–10.08.2025 को अपने घर से बगैर बताए कहीं चले गए जो आजतक अपने घर वापस आए है। जिनकी मानसिक स्थिति ठिक नहीं है। जिसके संबंध में तमाड़ थाना सनहा संख्या–12/2025, दिनांक–16.08.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**
पुलिस उपाधीक्षक, बुण्डु, राँची। –9431706144
थाना प्रभारी तमाड़, राँची। –9431706193
PR 360172 (Police) 25-26 (D) — पुलिस उप–महानिरीक्षक–सह–वरीय पुलिस अधीक्षक, राँची।

**IIIT Bhubaneswar**
Imagine. Innovate. Inspire.
(A University established by the Government of Odisha)
No.: IIIT-Bh/10168/2025 — Date : 20.08.2025

**Admission for M.Tech. (Signal Processing and VLSI Technology) Programme**

IIIT Bhubaneswar is a next generation Technology Institute engaged in Under graduate and Post graduate Education and Research.
Applications are invited for the Admission to the Regular M.Tech. (Signal Processing and VLSI Technology) programme for 2025-26.
Last date of receiving application is **extended upto 31st August 2025.**
For admission Bulletin and more details visit our website : **https://www.iiit-bh.ac.in/Admission/m-tech/** — Sd/- REGISTRAR
**AT : Gothapatna, PO : Malipada, Bhubaneswar - 751003, Odisha, India, Web : www.iiit-bh.ac.in**

International Year of Cooperatives 2025
**SAMBALPUR DISTRICT CO-OPERATIVE CENTRAL BANK LTD.**
HEAD OFFICE : BARGARH-768028
Phone : (06646) 233157/232634, Fax : (06646) 232696
Email : headoffice@sambalpurdccbl.com
Ref. No.2454/TCN/CB/Estt./2025-26 — Date : 22.08.2025

**Tender Cancellation Notice**

In view of administrative exigencies, the Tender Call Notice No.2417/TCN/CB/Estt./2025-26, Dt.19.08.2025 for providing manpower services of Armed Guards, Drivers and Support Staffs to Sambalpur District Central Cooperative Bank Ltd, Bargarh, published in the Odia Daily "The Sambad" and the "The Dharitri" is hereby kept in abeyance. The tender process initiated through the aforesaid notice shall not be acted upon, if required a fresh tender will be issued in due course of time.
The kept in abeyance Notice is issued with the approval of the Committee of Management of the Bank on 21.08.2025.
**Sd./- Chief Executive Officer**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୧୮୩ — ତା:୧୮।୦୮।୨୫

**ବିଜ୍ଞାପନ**

No. CAD-1568: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଚ.ଆଇ.ଜି. ୧୪୦ (HIG-140), କାନନ ବିହାର, ୧ମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଏସ୍.ଟି.ଭି.ଜି. ଆଚାରୀଲୁ, ପିତା: ୰ସୀତା ରାମାନୁଜ ଆଚାରୀଲୁ, ସା/ପୋ.: ପେଣ୍ଟିପାଡୁ, ଥାନା: ତାଡ଼େପାଲ୍ଲୀଗୁଡେମ, ତାଲୁକ୍, ଜିଲ୍ଲା: ପଶ୍ଚିମ ଗୋଦାବରୀ (ଆନ୍ଧ୍ରପ୍ରଦେଶ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଏସ୍.ଟି.ଭି.ଜି. ଆଚାରୀଲୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପ୍ରବିବେକ ବଳିୟାରସିଂ, ପିତା: ପ୍ରକାଶ ଚନ୍ଦ୍ର ବଳିୟାରସିଂ, ସା/ପୋ./ଥାନା: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0824/2526 — ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
Plot No.N-17/2, Nayaplli, Bhubaneswar- 751 012
Phone No. : (0674) 2390195 (Off), Fax No. : (0674) 2395844,
E-mail ID : olicltd123@bsnl.in, olicltd@ymail.com, http://odishalift.com

**NATIONAL COMPETITIVE BIDDING THROUGH e-Procurement (Re-Bid)**
**No.IT-110/2025-6869/OLIC, Dated : 20.08.2025**

**No.CAD-1524** : The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in different districts of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.
**Important features of this NCB are as under :**

A. Brief description of work : Installation, electrification, energisation & commissioning of Deep borewells in Ganjam, Nayagargh, Balasore and Khordha districts (04 Packages)
B. Estimated cost of works : Varies from Rs.162.95 Lakhs to Rs.1290.52 Lakhs
C. Date and time of availability of bid document in the portal : From Dt.25.08.2025 to Dt.16.09.2025 (Up to 17.00 Hours)
D. Last date / time for receipt of bid in the Portal : Dt.16.09.2025 (Up to 17.00 Hours)
E. Last date of seeking clarification : Dt. 03.09.2025 Up to 17.00 Hours
F. Technical Bid will be opened on : Dt. 17.09.2025 at 11.00 Hours

Any Addendum / corrigendum / Cancellation of tender will be available in the said website. Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.
**Sd./- MANAGING DIRECTOR OLIC LTD, BHUBANESWAR**
OIPR-32135/11/0059/2526

## ସଂକ୍ଷେପରେ

### ମଦ ଜବତ, ୬ ଗିରଫ

**ଖଡ଼ିଆଳ,୨୨।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଅବକାରୀ ବିଭାଗ ପକ୍ଷରୁ ଖଡ଼ିଆଳ ଥାନା ଅଞ୍ଚଳର ୫ ସ୍ଥାନରେ ଚଢ଼ାଉ କରାଯାଇ ୪୩ଲିଟର ଦେଶୀ ବିଦେଶୀ ମଦ ଜବତ ସହ ୬ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡମହେଶ୍ୱର ଗ୍ରାମର ରବିଚନ୍ଦ୍ର ରାଉତ (୩୩), ପ୍ରକାଶ ପଟେଲ (୩୨), ଡୁଆଝରେ ଗ୍ରାମର ସୁରେଶ ପଟେଲ (୨୭), ଭୁଲିଆସିକୁଆର ବଜରଙ୍ଗ ମେହେର (୩୨), କେନ୍ଦୁପାଟି ଗ୍ରାମର ସୁବାସ ବାଗ (୫୫) ଓ ଖଇରଭା ଗ୍ରାମର ବ୍ରଜ ସୁନ୍ଦର ଟାହାଣୀ (୨୩)। ଅବକାରୀ ଆଇନ ୫୨ ଏ ଅନୁଯାୟୀ ଗିରଫ ସମସ୍ତ ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରଯାଇଛି। ଅବକାରୀ ଉପ ନିରୀକ୍ଷକ ଅଲେଖ ପୁଟେଲଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଏଏସ୍ଆଇ ଅମର ନାଥ ବିଶୋଇ, ଗିରେନ୍ଦ୍ର କଟା ସାମିଲ ହୋଇଥିଲେ।

### ଯୁବକ ନିଖୋଜ ନେଇ ବାପା ଥାନାର ଦ୍ୱାରସ୍ଥ

**ଲାଞ୍ଜିଗଡ଼,୨୨।୮(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ଲିଟିବଣ୍ଡେଲ ଗାଁର ଜଣେ ଯୁବକ ନିଖୋଜ ଥିବା ନେଇ ତାଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଯୁବକ ଜଣକ ହେଲେ ଧନ ହରିଜନଙ୍କ ପୁଅ ଦେବେନ୍ଦ୍ର ହରିଜନ (୨୩)। ସୂଚନା ଅନୁସାରେ ଦେବେନ୍ଦ୍ର ଗତ ୮ତାରିଖରେ ଘରୁ ବାହାରିଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳିପାରୁନାହିଁ। ଶେଷରେ ଗତ ୧୭ତାରିଖରେ ବାପା ଧନ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେଣୁ ପୋଲିସ ଏକ ମାମଲା (ନଂ.୧/୨୫) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନାଧିକାରୀ ନୀଳାମ୍ବର ଜାନି ପ୍ରକାଶ କରିଛନ୍ତି ।

### ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକଙ୍କ ପରଲୋକ

**ସକାଳ ୬ରୁ ରାତି ୧୨ ବସ୍ ଚଳାଚଳ ବନ୍ଦ ନିଷ୍ପତ୍ତି**

**ଭବାନୀପାଟଣା,୨୨।୮(ଉତ୍ତମ କୁମାର ଦାଶ):**



କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରବୀଣ ଖମାରୀ (ମୁନା)ଙ୍କ ଶୁକ୍ରବାର ପରଲୋକ ହୋଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ହୃଦ୍‌ଘାତ ଯୋଗୁ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ନିଆଯାଉ ଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ଅନେକ ବ୍ୟକ୍ତି ସୋସିଆଲ ମିଡିଆରେ ତାଙ୍କ ପରଲୋକ ଖବର ପୋଷ୍ଟ କରି ନିଜ ଦୁଃଖ ଜାହିର କରିଛନ୍ତି। ଭବାନୀପାଟଣା ଭାଗୀରଥି ଗ୍ରୁପର ଚେୟାରମ୍ୟାନ ତଥା ବିଶିଷ୍ଟ ସାମାଜିକ କର୍ମୀ ପ୍ରମୋଦ ଖମାରୀଙ୍କ ସେ ସାନ ଭାଇ ଅଟନ୍ତି। ତାଙ୍କ ବିୟୋଗରେ ଶନିବାର ସକାଳ ୬ରୁ ରାତ୍ରି ୧୨ଟା ଯାଏ କଳାହାଣ୍ଡି ଜିଲାରେ ଘରୋଇ ବସ୍ ଚଳାଚଳ ବନ୍ଦ ବନ୍ଦ ରହିବ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ଏହି ବନ୍ଦ ନିଷ୍ପତ୍ତି ନିଆଯାଇଛି ବୋଲି ବସ ମାଲିକ ସଂଘ ସଭାପତି ପ୍ରବୋଧ ରଥ ସୂଚନା ଦେଇଛନ୍ତି।

### ମୃତକଙ୍କ ପରିବାରକୁ ଭେଟିଲା ଯାଦବ ସମାଜ

**ଖଡ଼ିଆଳ,୨୨।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳଠାରେ ଗତ ୧୭ରେ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ କୋଟେନମୁଣ୍ଡାର ରଘୁ ଭୋଇ ଓ ଛତା ଗ୍ରାମର ବସୁଦେବ ଭୋଇଙ୍କ ମୃତ୍ୟୁ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲା ଯାଦବ ସମାଜର ଏକ ପ୍ରତିନିଧି ଦଳ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ କିଛି ଆର୍ଥିକ ସାହାଯ୍ୟ କରିଥିଲେ। ଆଗାମୀ ଦିନରେ ସରକାରୀ ସ୍ତରରେ ଯାହା ସୁବିଧା ସୁଯୋଗ ଓ ଆର୍ଥିକ କ୍ଷତିପୂରଣ ପାଇବା କଥା ଦୁଇ ପରିବାରକୁ ମିଳିବା ନେଇ ଯାଦବ ସମାଜ ପଦକ୍ଷେପ ନେବ ବୋଲି ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ପ୍ରତିନିଧି ଦଳରେ ଉତ୍କଳ ଯାଦବ ମହାସଭାର ଉପସଭାପତି ଲମ୍ୱୋଦର ନିଆଲ, ନୂଆପଡା ଜିଲା ଯାଦବ ସମାଜ ସଭାପତି ଭରତ ରାଉତ, ସମ୍ପାଦକ ତ୍ରିନାଥ ପୁଞ୍ଜି, କୋଷାଧ୍ୟକ୍ଷ ଯୁଧିଷ୍ଠିର ସଗରିଆ, ଖଡିଆଳ ବ୍ଲକ ସଭାପତି କୀର୍ତ୍ତନ ପୋଡ ସାମିଲ ଥିଲେ।

# ଉନ୍ନୟନମୂଳକ ଯୋଜନାର ସମୀକ୍ଷା କଲେ

**ଯୋଜନା ଓ ସଂଯୋଜନ ବିଭାଗ ସ୍ୱତନ୍ତ୍ର ସଚିବଙ୍କ କଳାହାଣ୍ଡି ଗସ୍ତ**

**ଭବାନୀପାଟଣା/ଥୁଆମୂଳ ରାମପୁର, ୨୨।୮(ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)**




ବୈଠକରେ ସ୍ୱତନ୍ତ୍ର ସଚିବ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରୁଛନ୍ତି।

କଳାହାଣ୍ଡି ଜିଲାକୁ ୨ ଦିନିଆ ଗସ୍ତରେ ଆସିଥିଲେ ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ତେମଜେନ ଓୱାପାଙ୍ଗ ଏଓ। ପ୍ରଥମ ଦିନ ଗୁରୁବାର ସେ ଜିଲାର ଥୁଆମୂଳ ରାମପୁର ବ୍ଲକ୍‌ର ସାଇସୁରନିସ୍ଥିତ ଉପ ସ୍ୱାସ୍ଥ୍ୟ କେନ୍ଦ୍ର, ମା' ଗୃହ, କାଣିଗୁମାର ନୂତନ କଫି ଉଦ୍ୟାନ, ଇନ୍ଦ୍ରାବତୀ ଜଳଭଣ୍ଡାରର ପିଞ୍ଜରା ଭିତରେ ହେଉଥିବା ମାଛ ଚାଷ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି ସମୟରେ ଏହାର ରକ୍ଷଣାବେକ୍ଷଣ, ସୁପରିଚାଳନା ଦାୟିତ୍ୱରେ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଆଲୋଚନା କରିଥିଲେ। ପରେ ସେ ଜୟପାଟଣା ବ୍ଲକର କେତେକ ଅଞ୍ଚଳ ପରିଦର୍ଶନ କରି ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟର ତଦାରଖ କରିଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହ ଜିଲାପାଳ ପାୱାର ସଚିନ ପ୍ରକାଶ, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେସ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶୁକ୍ରବାର ଦ୍ୱିତୀୟ ଦିନରେ ସେ ଭବାନୀପାଟଣାସ୍ଥିତ ଜିଲାପରିଷଦ ସଭା ଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲାରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା, ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ସମାଜ କଲ୍ୟାଣ, ସମନ୍ୱିତ ଜନଜାତି ଉନ୍ନୟନ, ଶିଶୁ ସୁରକ୍ଷା, ଗମନାଗମନ, ଯୋଗାଣ, ଦକ୍ଷତା ବିକାଶ, ନିୟୋଜନ, ଗ୍ରାମ୍ୟ ଉନ୍ନୟନ ଇତ୍ୟାଦି ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲାଚନା କରିଥିଲେ। ନୀତି ଆୟୋଗଙ୍କ ମାପଦଣ୍ଡକୁ ନେଇ ଆକାଂକ୍ଷା ଜିଲା ଓ ବ୍ଲକର ସର୍ବାଙ୍ଗୀନ ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ କିପରି ହେଇପାରିବ ସେ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ସଚିବ ପରାମର୍ଶ ଦେଇଥିଲେ। ଜିଲାପାଳ ପ୍ରକାଶ ଜିଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେସନ) ଅନିମେଶ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଉପ ନିର୍ଦ୍ଦେଶକ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶ୍ରୀକାନ୍ତ ଦଳେଇଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ସାର ଯୋଗାଣ ନ ହେଲେ ଆନ୍ଦୋଳନ

**ନୂଆପଡ଼ା,୨୨।୮ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ୟୁରିଆ ସାରର କୃତ୍ରିମ ଅଭାବ ଦେଖାଦେଇଛି। ଡିଲରମାନେ ମନଇଚ୍ଛା ଦରରେ ସାର ବିକ୍ରୟ କରୁଛନ୍ତି। ଏହା ପ୍ରତିବାଦରେ ଶୁକ୍ରବାର ଜିଲା କଂଗ୍ରେସ କମିଟି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। କମିଟିର ଜିଲା ସଂଯୋଜକ ଘାସିରାମ ମାଝିଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତଙ୍କୁ ଦାବିପତ୍ର ପ୍ରଦାନ କରି ଦୁଇ ଦିନ ଭିତରେ ୟୁରିଆ ସାର ଯୋଗାଇ ନ ଦେଲେ ଆସନ୍ତା ୨୫ରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଧାନ ସହ ମାଣ୍ଡିଆ, ଗୁର୍ଜି, କୋଦୋ ଡାଲିଜାତୀୟ ଅର୍ଥକରୀ ଫସଲ କରିଥାନ୍ତି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ରୁଆ ବେଉଷଣ ହୋଇପାରି ନ ଥିଲା। ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ହେବାରୁ ଚାଷୀମାନେ ରୁଆ ବେଉଷଣ କାମ ଆରମ୍ଭ କରିଛନ୍ତି। ଏପରି ସମୟରେ ଜିଲାରେ ରାସାୟନିକ ସାରର କୃତ୍ରିମ ଅଭାବ ଦେଖାଦେଇଥିବାରୁ ଚାଷୀମାନେ ଡିଲରଙ୍କଠାରୁ ଚଢ଼ା ଦରରେ ସାର କିଣୁଛନ୍ତି। ସରକାରୀ ମୂଲ୍ୟ ୟୁରିଆ ସାର ୨୬୬ ଟଙ୍କା ୫୦ ପଇସା ଥିବାବେଳେ ୮ ଶହରୁ ଏକ ହଜାର ଟଙ୍କାରେ ବିକ୍ରୟ ହେଉଛି। ଡିଏପି ସାର ୧୮୪୬ର ମୂଲ୍ୟ ୧୩୫୦ ଟଙ୍କା, ୧୬୧୬ର ମୂଲ୍ୟ ୧୬ ଶହ ଓ ୨୦୨୦ର ମୂଲ୍ୟ ୧୪୫୦ ଟଙ୍କା ରହିଥିବା ବେଳେ ଡିଲରମାନେ ୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରୟ କରୁଥିବା କର୍ମକର୍ତ୍ତା ଦର୍ଶାଇଛନ୍ତି। ଏହାର ସମାଧାନ ନ ହେଲେ ଜିଲା କଂଗ୍ରେସ କିଷାନ ସେଲ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛ। ଏହି ସମୟରେ କଂଗ୍ରେସ ଜିଲା ସଂଯୋଜକ ମାଝି ସମେତ ଯୁବ କଂଗ୍ରେସ ଜିଲା ସଭାପତି ଅମିତ କୁମାର ଅହିର, ହରି ମାଝି, ଆଶିଫ ଖାନ, ଇଶାଫ ଖାନ, ସୁଶାନ୍ତ ସାହୁ, ସିଦମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଦାବିପତ୍ର ପ୍ରଦାନ କରି ଫେରୁଛନ୍ତି ଦଳୀୟ କର୍ମକର୍ତ୍ତା।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲା ବିକାଶ ନର୍ସିଂ କଲେଜ




ସମାରୋହରେ ଯୋଗଦେଇଥିବା ଅତିଥିଙ୍କ ସହ କାର୍ଯ୍ୟକର୍ତ୍ତାମାନେ।

**ଭବାନୀପାଟଣା,୨୨।୮(ଉତ୍ତମ କୁମାର ଦାଶ)**

ଭବାନୀପାଟଣା ବିକାଶ ନର୍ସିଂ କଲେଜ ପକ୍ଷରୁ ଗତ ଜୁଲାଇ ୨୭ରେ ସଶକ୍ତ ନାରୀ, ସଶକ୍ତ ଦେଶ ଏକ ବ୍ୟାପକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା ଅଭିଯାନ ଜିଲାର ୧୦ ଆଦିବାସୀ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୬ ଜଣ ନର୍ସିଂ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେମାନେ ପ୍ରଦର୍ଶନୀ, ସାକ୍ଷାତକାର ମାଧ୍ୟମରେ ଆଦିବାସୀ ମହିଳାଙ୍କୁ ସଚେତନ କରିଥିଲେ। ଗର୍ଭାବସ୍ଥା ଓ ଜନ୍ମ ପରବର୍ତ୍ତୀ ଯତ୍ନ, ଶିଶୁ ପୋଷଣ, ପରିବାର ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ଆତ୍ମସମ୍ମାନ ଓ ନେତୃତ୍ୱ ବିଷୟରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାଦ୍ୱାରା ଆଦିବାସୀ ପରିବାରଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ଏହାକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଆଦିବାସୀ ମହିଳାଙ୍କ ପାଇଁ ସର୍ବବୃହତ୍ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସଚେତନତା ଅଭିଯାନ ଭାବରେ ସ୍ୱୀକାର କରିଛି । ଏହାକୁ ନେଇ ଶୁକ୍ରବାର ଭବାନୀପାଟଣା ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନରେ ଏକ ବିଶେଷ ସମ୍ମାନ ସଭା ଆୟୋଜିତ ହୋଇଥିଲା। ଏଥିରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ପକ୍ଷରୁ ବିଚାରକ ଡା. ଗୌରବ ପ୍ରିୟଦର୍ଶୀ ଯୋଗଦେଇ ପ୍ରମାଣପତ୍ର ଓ ସ୍ମାରକ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆସିଷ୍ଟାଣ୍ଟ ପ୍ରଫେସର ଡା. ପ୍ରବିନ କୁମାର ସାହୁ (ମନୋଚିକିତ୍ସକ) ଯୋଗଦେଇ ବିକାଶ ନର୍ସିଂ କଲେଜ ଜନଜାତୀୟ ମହିଳାମାନଙ୍କ ପାଇଁ ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଅଭିଯାନ ଆୟୋଜନ କରିଥିଲା, ଯାହା ମହିଳା ସଶକ୍ତୀକରଣ ପ୍ରତି ଏକ ଦୃଷ୍ଟିଭଙ୍ଗୀମୂଳକ ପଦକ୍ଷେପର ପରିଚୟ ଦେଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି. ଶ୍ୟାମ, ଡ଼ି. ରାମ କୁମାର ଯୋଗଦେଇ ସ୍ୱାସ୍ଥ୍ୟ ସଚେତନା କାର୍ଯ୍ୟକ୍ରମ କରିଥିବା ଛାତ୍ରୀଛାତ୍ରଙ୍କୁ ତାଙ୍କର ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଅନୁଷ୍ଠାନର ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ସଦସ୍ୟା ଡି. ପଦ୍ମିନୀ, ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବଦଳି ପରେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପିଇଓ

**ଖଡ଼ିଆଳ,୨୨।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ସୁନାରିସିକୁଆଁ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଅନ୍ୟତ୍ର ବଦଳି ହୋଇଥିଲେ ମଧ୍ୟ ନୂତନ ପିଇଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତରେ ସରକାରଙ୍କ ତରଫରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଚାଲୁଥିବାବେଳେ ନିର୍ବାହୀ ଅଧିକାରୀଙ୍କ ସିନାପାଲି ବଦଳି ହୋଇଗଲା। ଇତିମଧ୍ୟରେ ଦେଢ଼ମାସ ବିତିଥିଲେ ସୁଦ୍ଧା ନୂତନ ଭାବେ ନିଯୁକ୍ତ ହୋଇଥିବା ଅଧିକାରୀ ଡିଙ୍ଗର ଜଗତଙ୍କୁ ପୂର୍ବ ଅଧିକାରୀ ଦାୟିତ୍ୱ ହସ୍ତାନ୍ତର କରୁ ନ ଥିବାରୁ ଗ୍ରାମପଞ୍ଚାୟତର କାର୍ଯ୍ୟ ଠପ୍ ହୋଇଥିବା ନେଇ ସରପଞ୍ଚ ଲିଖିତ ଭାବେ ବିଡିଓଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ଲକ୍ଷ୍ମଣ ଓରାମଙ୍କୁ ପଚାରିବାରୁ ଏହି ସମସ୍ୟା ମୋ ଜ୍ଞାତସାରକୁ ଆସିଛି, ବହୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ଅସ୍ଥାୟୀ ବନ କର୍ମଚାରୀ ସଂଘର ଡିଏଫ୍‌ଓଙ୍କୁ ଦାବିପତ୍ର

**ଖଡ଼ିଆଳ,୨୨।୮(ସୁଜିତ କୁମାର ପ୍ରଧାନ)**

୮ ଦଫା ଦାବି ପୂରଣ ନେଇ ଅସ୍ଥାୟୀ ବନ କର୍ମଚାରୀ ସଂଘ ଖଡ଼ିଆଳ ପକ୍ଷରୁ ଶୁକ୍ରବାର ଖଡ଼ିଆଳ ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସମ୍ପାଦକ ସାଗର ଠେଲାଙ୍କ ନେତୃତ୍ୱରେ ଜିଲାରେ କାର୍ଯ୍ୟରତ ସମସ୍ତ ବନ କର୍ମଚାରୀ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି । ବିଶେଷ କରି ଜିଲାରେ କାର୍ଯ୍ୟରତ ବନ୍ୟଜନ୍ତୁ ସ୍କ୍ୱାଡ୍‌ଙ୍କ ବକେୟା ୪ ମାସର ଦରମା ତୁରନ୍ତ ପ୍ରଦାନ ସହ ସମସ୍ତଙ୍କୁ ସମାନ ୟୁନିଫର୍ମ ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ସମ୍ପାଦକ ଠେଲାଙ୍କ ସମେତ ସଭାପତି ତ୍ରିନାଥ ତାଣ୍ଡି, ଉପସଭାପତି ସୁରେଶ ରଏତି, ସୁଧୀର ନିଆଲ, ମୁକେଶ ନାଗ, ବିଦ୍ୟାଧର ନାଗ, ଭ୍ରମର ବାଗ, ଶଙ୍କର ମାଝୀ, କେଦାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍ଏସି ଘୋଷଣା ଦାବି: ବିଜେଡିର ୬ ଘଣ୍ଟିଆ ବନ୍ଦ



ବନ୍ଦରେ ସାମିଲ ବିଜେଡି ନେତୃବୃନ୍ଦ।

**ଜୟପାଟଣା,୨୨।୮ (ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣାକୁ ଏନ୍ଏସି ଘୋଷଣା ଦାବିରେ ଶୁକ୍ରବାର ବିଜେଡି ପକ୍ଷରୁ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବରେ ସହରର ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ ଓ ଅଫିସ ବନ୍ଦ ରହିଥିଲା। ଜରୁରିକାଳୀନ ସେବାକୁ ଛାଡ଼ି ଅନ୍ୟ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଥିଲା। ରାଜ୍ୟ ସରକାର କିଛିଦିନ ତଳେ ୧୨ଟି ଏନ୍ଏସି ଘୋଷଣା କରିଛନ୍ତି। ହେଲେ ଏଥିରେ ବିଜେଡି ସରକାର ବେଳେ ଘୋଷଣା ହୋଇଥିବା ଜୟପାଟଣାକୁ ବାଦ ଦିଆଯାଇଛି। ଏହାର ପ୍ରତିବାଦରେ ଜୟପାଟଣା ବିଜେଡି ବନ୍ଦ ପାଳନ କରିଥିଲା। ଏହି ବନ୍ଦରେ ବ୍ଲକ ବିଜେଡି ସଭାପତି ମିନିକେତନ ପୂଜାରୀ, ଦିଲୀପ ରାଉତ, ସତ୍ୟନାରାୟଣ ଅଗ୍ରୱାଲ, ବିଘ୍ନରାଜ ପଣ୍ଡା, ଶତ୍ରୁଘନ ରାଉତ, ଅନୀଲ ସାହୁ, ଅମ୍ବୁଜ ଧଙ୍ଗଡାମାଝୀ, ମସିମ ଖାନ, ଭୁବନେ ଗୌନ୍ତିଆ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ।

## ତେରେସିଂହାରେ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ

**ରିଷିଡ଼ା,୨୨।୮ (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ତେରେସିଂହା ଗ୍ରାମ୍ୟ ଉନ୍ନୟନ ସମିତି ପକ୍ଷରୁ ନୂଆଖାଇ ଲଗ୍ନ ଧାର୍ଯ୍ୟ ପାଇଁ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଗ୍ରାମର ଦୁଃଶାସନ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ୨୮ ତାରିଖ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ଦିବା ୧୦ଘଣ୍ଟା ୨୧ ମିନିଟ୍‌ରୁ ୧୨ ଘଣ୍ଟା ୪୫ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହେବା ନେଇ ଲଗ୍ନ ଧାର୍ଯ୍ୟ ହୋଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ ସମିତିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମର ଭଦ୍ରବ୍ୟକ୍ତି ଉପସ୍ଥିତ ରହିଥିଲେ।

### ପାଖେଇ ଆସିଲାଣି ଗଣେଶ ପୂଜା ...



କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା ଅଞ୍ଚଳରେ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ କାରିଗର। (ଫଟୋ: ସୁଶାନ୍ତ ମଲ୍ଲିକ)

## ନୂଆପଡ଼ା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ନୂଆପଡ଼ା,୨୨।୮ (ମକାରୁ ବେମାଲ)**

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଶୁକ୍ରବାର ଜିଲା ଫୁଟବଲ ଆସୋସିଏଶନ ନୂଆପଡ଼ା ଆନୁକୂଲ୍ୟରେ ୮ତମ ନୂଆପଡା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ ଖରିଆର ରୋଡ ଏନ୍ଏସି ଓ ସିନାପାଲି ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖରିଆର ରୋଡ ଏନ୍ଏସିକୁ ସିନାପାଲି ବ୍ଲକ ୧-୦ ଗୋଲ ଦେଇ ସେମି ଫାଇନାଲକୁ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ ଖରିଆର ବ୍ଲକ ଓ ନୂଆପଡା ଏନ୍ଏସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନୂଆପଡା ଏନ୍ଏସି ଦଳ ଖରିଆର ବ୍ଲକକୁ ୪-୦ ଗୋଲ ଦେଇ ସେମିଫାଇନାଲକୁ ପ୍ରବେଶ କରିଛି । ଜିଲା ଫୁଟ୍‌ବଲ ଆସୋସିଏଶନ ଆବାହକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ନୂଆପଡା ଏନ୍ଏସି ଅଧ୍ୟକ୍ଷ ମହମ୍ମଦ ଆଦାମ, ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଜିଲା ଓକିଲ ସଂଘ ସଭାପତି କ୍ଷିତିଶ ଅଶୋକ ବୋଧନକର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବଳରାମ ସରାଫ, ହେମସାଗର ସାହୁ, ଦୁଷ୍ମନ୍ତ ପୂଜାରୀ ଓ ରାଜୁ ଖର୍ସେଲ ଖେଳ ପରିଚାଳନା କରିଥିଲେ।

## ଗୃହପାଳିତ ପ୍ରାଣୀଙ୍କ ଟିକାକରଣ କାର୍ଯ୍ୟକ୍ରମ

**ପଲମ, ୨୨।୮ (ଭିକାରି ଗଡଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଟର୍କଲା ପଞ୍ଚାୟତର ଖେଚୁପଡ଼ା ଗ୍ରାମରେ ପ୍ରାଣୀଙ୍କ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୌମ୍ୟ ରଞ୍ଜନ ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ପ୍ରାଣୀସମ୍ପଦ ସହାୟକ କର୍ମଚାରୀଙ୍କ ସମେତ ସ୍ଥାନୀୟ ବନପାଳ, ବନରକ୍ଷୀ, ଆମ ଜଙ୍ଗଲ ଯୋଜନା କମଚାରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୪୨ ଗାଈ ବଳଦ ଓ ୧୭୩ ଗୋଟି ଛେଳି,ମେଣ୍ଢାଙ୍କୁ ଟିକାକରଣ କରାଯାଇଥିଲା।

# ବେଦାନ୍ତକୁ କଞ୍ଚାମାଲ ଯୋଗାଣ ଦାବି

- **ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଶୋଭାଯାତ୍ରା**
- **ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

**ଲାଞ୍ଜିଗଡ଼, ୨୨।୮(ରମେଶ ଚନ୍ଦ୍ର ନାୟକ)**




ଆଞ୍ଚଳିକ ବିକାଶ ପରିଷଦ ତରଫରୁ ବାହାରିଥିବା ଶୋଭାଯାତ୍ରା।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ୍‌କୁ କଞ୍ଚାମାଲ ଯୋଗାଇଦେବା ଦାବିରେ ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଶୁକ୍ରବାର ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବିକାଶ ପରିଷଦ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଦୀର୍ଘ ୨୦ ବର୍ଷ ହେଲା କଳାହାଣ୍ଡି ଜିଲାର ଏକମାତ୍ର ବୃହତ ଶିଳ୍ପ ପ୍ରକଳ୍ପ ଭାବେ ଲାଞ୍ଜିଗଡ଼ଠାରେ ସ୍ଥାପିତ ହୋଇଛି ବେଦାନ୍ତ ଲିମିଟେଡ। ବାହାର ରାଜ୍ୟରୁ ବକ୍ସାଇଟ ଆଣି ଲାଞ୍ଜିଗଡ଼ସ୍ଥିତ ପ୍ରକଳ୍ପ ଚଳାଇବା ମୁସ୍କିଲ ହୋଇପଡୁଥିବାବେଳେ ଏହାଦ୍ୱାରା ଅଞ୍ଚଳର ବିକାଶ ପ୍ରକ୍ରିୟାରେ ମଧ୍ୟ ବାଧା ଉପୁଜୁଛି। ଏପରି କି କମ୍ପାନୀ ବାହାରୁ କଞ୍ଚାମାଲ ଆଣି କ୍ଷତିରେ ପଡୁଥିବାବେଳେ କଞ୍ଚାମାଲ ଯୋଗାଇଦେବା ଦାବିରେ କମ୍ପାନୀ ସପକ୍ଷରେ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀଧର ପେସନିଆଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାରେ ମହାସଚିବ ନିର୍ମଳ ସାମଲ, ଉପସଭାପତି ବାଲି ନାଏକ, ସଦସ୍ୟ ସେନାପତି ନାଏକ, ଅନନ୍ତ ପାଲ, ଉପଦେଷ୍ଟା ଚନ୍ଦ୍ରଧ୍ୱଜ ପେସନିଆ, ରାଜେନ୍ଦ୍ର ପ୍ରତାପ ସିଂଦେଓ, ଚନ୍ଦ୍ରଶେଖର ବେହେରା, ମୀନକେତନ ଷଡ଼ଙ୍ଗୀ ପ୍ରମୁଖଙ୍କ ସମେତ ଅଞ୍ଚଳର ବହୁ ମହିଳାପୁରୁଷ ସାମିଲ ହୋଇଥିଲେ। ସ୍ଥାନୀୟ ବଜାର ପଡ଼ାରୁ ଶୋଭାଯାତ୍ରା ବାହାରି ଭୈରବ ମନ୍ଦିର ଦେଇ ଥାନା ସମ୍ମୁଖକୁ ଯାଇଥିଲା। ଥାନା ପରିସରରେ ପ୍ରଶାସନ ପକ୍ଷରୁ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଉପସ୍ଥିତ ରହି ଦାବିପତ୍ର ଗ୍ରହଣ କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର ଉପସ୍ଥିତ ରହିଥିବାବେଳେ କେସିଙ୍ଗା ପୋଲିସ ଉପଖଣ୍ଡ ଅଧିକାରୀ ସମ୍ବିତ ମାଝୀଙ୍କ ତତ୍ତ୍ୱାବଧାନରେ ଲାଞ୍ଜିଗଡ଼ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ, ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବର, ବିଜେପୁର ଥାନାଧିକାରୀ ନୀଳାମ୍ବର ଜାନିଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଶାନ୍ତି ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ।

## ସଂକ୍ଷେପରେ

### କିଶୋରୀ ବାଳିକାଙ୍କୁ କମ୍ ଅଣ୍ଡା ଦେଉଥିବା ନେଇ ସିଡିପିଓଙ୍କ ଠାରେ ଲିଖିତ ଅଭିଯୋଗ



**ତରଭା, ୨୨।୮ (ମାନଭଞ୍ଜନ ମିଶ୍ର):** ରାଜ୍ୟ ସରକାର ଅନଙ୍ଗୱାଡି କେନ୍ଦ୍ର ମାଧମରେ ୧୬ ରୁ ୧୯ ବର୍ଷର କିଶୋରୀ ବାଳିକାମାନଙ୍କ ପାଇଁ ମାସକୁ ୧୬ଟି ଅଣ୍ଡା ପ୍ରଦାନ କରିବା ଯାଜନା କରିଛନ୍ତି । ହେଲେ ସୁବର୍ଣ୍ଣପୁର ଜିଲା ତରଭା ଏନଏସିରେ ଏହି ଯୋଜନାରେ ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ତରଭା ଏନ.ଏ.ସି ଅଧୀନରେ ଥିବା ଗୋଟିଏ ଦୁଇଟି କେନ୍ଦ୍ରକୁ ବାଦ ଦେଲେ ବାକି ସମସ୍ତ କେନ୍ଦ୍ରରେ ଆଜି ପର୍ଯ୍ୟନ୍ତ ମାତ୍ର ମାସକୁ ୧୦ ରୁ ୧୨ ଗୋଟି ଲେଖାଏଁ ଅଣ୍ଡା ଦେଉଥିବା ୨୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଦସ୍ତଖତ ଥିବା ଲିଖିତ ଅଭିଯୋଗ ଶୁକ୍ରବାର ସିଡିପିଓ ଜ୍ଞାନନ୍ଦା ମହାନନ୍ଦଙ୍କୁ ପ୍ରଦାନ କରାଯାଇଛି। କେତେକ ଅନଙ୍ଗୱାଡି କର୍ମୀ କିଶୋରୀ ବାଳିକାମାନଙ୍କୁ ଜୁଲାଇ ଏବଂ ଅଗଷ୍ଟ ଦୁଇ ମାସର ୧୮ ରୁ ୨୦ଟି ଅଣ୍ଡା ଦେଇଥିବା ଜଣାଯାଇଛି । ହିତାଧିକାରୀ ମାସକୁ ୧୬ଟି ଅଣ୍ଡା ପାଇବାକୁ ଥିବା ଜାଣିବା ପରେ ଅନଙ୍ଗୱାଡି କର୍ମୀମାନଙ୍କୁ କହିଥିଲେ । ଖାଲି ସେତିକି ନୁହେଁ ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସିଡିପିଓଙ୍କ କହିବା ଅନୁସାରେ ସରକାରଙ୍କ ଦ୍ୱାରା ଗତ ଏପ୍ରିଲ ମାସରୁ ଗୋଟିଏ ଅଣ୍ଡା ପ୍ରତି ୭ ଟଙ୍କାକୁ ବୃଦ୍ଧି କରି ପ୍ରଦାନ କରାଯାଉଥିବା ବେଳେ ଏହିଭଳି କାର୍ଯ୍ୟ କରିବା ନେଇ ଅନଙ୍ଗୱାଡି କର୍ମୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ନେଇ ପ୍ରକାଶ କରିଥିଲେ । ତେବେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଲିଖିତ ଅଭିଯୋଗର ନକଲ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ଜିଲାପାଳ ସୁବର୍ଣ୍ଣପୁର, ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପ୍ରେରଣା କରାଯିବ ବୋଲି ପ୍ରକାଶ କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟ ରେ ମହିଳାମାନଙ୍କ ସହ କାଉନସିଲର ଗୋଲାପି ବର୍ମା ଓ ଅଞ୍ଜନା ସାହୁ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ ପାଇଁ ୨ ପ୍ରକଳ୍ପ କାର୍ଯ୍ୟକ୍ଷମ

**ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ)**

ଗ୍ରାମୀଣ ଏବଂ ଶିଳ୍ପକ୍ଷେତ୍ର ଲାଗି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଦିଗରେ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ବରଗଡ଼ ଜିଲାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଭିତ୍ତିଭୂମି ପ୍ରକଳ୍ପ ସଫଳତାର ସହ ସମାପ୍ତ ହୋଇ କାର୍ଯ୍ୟକ୍ଷମ କରାଯାଇଛି। ପ୍ରଥମ ପ୍ରକଳ୍ପ ହେଉଛି ସୋହେଲା ପିଏସ୍ଏସ୍ ଅଧୀନ ଛୁରିଆପାଲି ଏବଂ ପଦ୍ମପୁର ଫିଡର ମଧ୍ୟରେ ଏକ ନୂତନ ୧୧କେ.ଭି. ଲିଙ୍କ୍ ଲାଇନର ନିର୍ମାଣ। ମୋଟ୍ ୧.୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଯୋଗୁ ଛୁରିଆପାଲି ଫିଡରରୁ ଓଭରଲୋଡିଂ ଏବଂ ଲୋ-ଭୋଲଟେଜ୍ ଭଳି ସମସ୍ୟା ଦୂର ହୋଇପାରିଛି। ଏହି ନୂତନ ଲିଙ୍କ୍ ଲାଇନ୍ କାର୍ଯ୍ୟକ୍ଷମ ହେବା ସହିତ ପ୍ରାୟ ୧୨୦ ଆମ୍ପିୟର ଲୋଡ୍ ପଦ୍ମପୁର ଫିଡରକୁ ସ୍ଥାନାନ୍ତର ହୋଇପାରିଛି, ଯାହା ଭୋଲଟେଜ୍‌କୁ ୭.୩ କେ.ଭି.ରୁ ୯.୮କେ.ଭି.କୁ ବୃଦ୍ଧି କରିଛି। ଏହାସହିତ ୧୭୬ଟି ଉଠାଜଳସେଚନ ସଂଯୋଗକୁ ମଧ୍ୟ ବିଦ୍ୟୁତ୍ ଯୋଗାଣ ହୋଇପାରୁଛି। ଖଲିଆପାଲି, ଟାଣ୍ଡୋଳ, ଚିତାଖାଇ, ଏବଂ କେଣ୍ଡବାହାଲୋନ ଗ୍ରାମର ପ୍ରାୟ ୧୮୦୦ରୁ ଅଧିକ ଘରୋଇ ବିଦ୍ୟୁତ୍ ଉପଭୋକ୍ତା ଲାଭବାନ ହୋଇପାରୁଛନ୍ତି। ସେହିପରି ଦ୍ୱିତୀୟ ପ୍ରକଳ୍ପ ସୋହେଲା ପିଏସ୍ଏସରୁ ସଂଯୋଗ ହୋଇଥିବା ୧୧ କେ.ଭି. ସୋହେଲା ଫିଡରର ଉନ୍ନତିକରଣ କାର୍ଯ୍ୟ। ଏହି ପ୍ରକଳ୍ପ ସୋହେଲା ଫିଡରରେ ଦୀର୍ଘକାଳୀନ ଓଭରଲୋଡିଂ ଓ ଲୋ-ଭୋଲଟେଜ୍ ସମସ୍ୟାକୁ ହ୍ରାସ କରିପାରିଛି। ଏହି ଫିଡରରେ ପୂର୍ବରୁ ଥିବା ୩୪ ବର୍ଗ ମିଲିମିଟର କଣ୍ଡକ୍ଟରକୁ ପରିବର୍ତ୍ତନ କରାଯାଇ ୧୦୦ ବର୍ଗ ମିଲିମିଟର ଉନ୍ନତମାନର କଣ୍ଡକ୍ଟର ଲଗାଯାଇଛି। ଫଳରେ ଉକ୍ତ ଅଞ୍ଚଳର ୧୭ଟି ଉଠାଜଳସେଚନ ସଂଯୋଗକୁ ବିଦ୍ୟୁତ୍ ଯୋଗାଣ ସୁବିଧାଜନକ ହୋଇପାରିଛି। ସେହିପରି ୧୦ରୁ ଅଧିକ ଶିଳ୍ପ ଉପଭୋକ୍ତାଙ୍କୁ ମଧ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ ହୋଇପାରିଛି ଏବଂ ନିକଟସ୍ଥ ଅଞ୍ଚଳର ପ୍ରାୟ ୧୫୦୦ରୁ ଅଧିକ ଘରୋଇ ଉପଭୋକ୍ତା ତଥା ଛୋଟ ବ୍ୟବସାୟୀଙ୍କ ପାଇଁ ବିଦ୍ୟୁତ୍ ଗୁଣବତ୍ତାରେ ଉନ୍ନତି ଆସିଛି। ଏ ନେଇ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମ ଓଡ଼ିଶାର ଲୋକଙ୍କ ପାଇଁ ନିରବଚ୍ଛିନ୍ନ, ନିରାପଦ ଏବଂ ଗୁଣାତ୍ମକ ବିଦ୍ୟୁତ୍ ସୁନିଶ୍ଚିତ କରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଟିପିଡବ୍ଲ୍ୟୁଓଡିଏଲ୍ ନେଟୱର୍କକୁ ସୁଦୃଢ଼ କରି ଗ୍ରାମାଞ୍ଚଳ ପରିବାର, ଚାଷୀ ଏବଂ ଶିଳ୍ପ କ୍ଷେତ୍ରଗୁଡ଼ିକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯାଉଛି। ଏହିପରି କାର୍ଯ୍ୟ ଆଗକୁ ଜାରି ରହିବ ବୋଲି ବର୍ମା ସୂଚନା ଦେଇଛନ୍ତି।



ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ କାର୍ଯ୍ୟକ୍ଷମ କରାଯାଇଥିବା ବିଦ୍ୟୁତ୍ ପ୍ରକଳ୍ପ।

# ଭଲିବଲ ପ୍ରତିଯୋଗିତା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ)**

ବରଗଡ ଜିଲା ବିଦ୍ୟାଳୟସ୍ତରୀୟ ଭଲିବଲ ପ୍ରତିଯୋଗିତା ପାଇଁ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ଚଣ୍ଡୀଭଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ଶୁକ୍ରବାର ହୋଇଯାଇଛି। ଝାରବନ୍ଧ ବ୍ଲକରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ସ୍ଥିର ହୋଇଛି। ବୈଠକରେ ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭମ କୁମାର ପତି, ବ୍ଲକର ସମସ୍ତ ଖେଳ ଶିକ୍ଷକ ଏବଂ ସିଆରସିସି ଉପସ୍ଥିତ ଥିଲେ। ଆସନ୍ତା ସେପ୍ଟେମ୍ବର ୩ ଓ ୪ତାରିଖ ୨ଦିନ ଧରି ଚଣ୍ଡୀଭଟାସ୍ଥିତି ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ ପଡିଆରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏଥିରେ ଜିଲାର ସମସ୍ତ ବ୍ଲକରୁ ଛାତ୍ରୀଛାତ୍ର ଯୋଗଦାନ କାର୍ଯ୍ୟକ୍ରମ ରହିଛି। ଫଳରେ ଅନୁସଙ୍ଗିକ ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଏବିଇଓ ଦୟାନିଧି କୈବର୍ତ୍ତ, ଡଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ଟିକେଶ୍ୱର ପଟେଲ, ଚଣ୍ଡୀଭଟା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରକାଶ ସାହୁ, କମିଟି ସଦସ୍ୟ ମହେନ୍ଦ୍ର ପ୍ରଧାନ, ଦିବ୍ୟକିଶୋର ପଣ୍ଡା, କୁର୍ମା ସ୍କୁଲ ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ ତଥା ସମସ୍ତ ସିଆରସିସି ପ୍ରମୁଖ ଯୋଗ ଦେଇଥିଲେ। ଚଣ୍ଡୀଭଟା ଗ୍ରାମପଞ୍ଚାୟତ ଅଞ୍ଚଳର ଭୀମସେନ ନାୟକ, ନନ୍ଦଲାଲ ମହାପାତ୍ର, ନରେନ୍ଦ୍ର ପ୍ରଧାନ, ମାର୍କଣ୍ଡ ନାୟକ, ଭୁବନେଶ୍ୱର ପ୍ରଧାନ, ଶରତ ପ୍ରଧାନ, ଉମାକାନ୍ତ ପ୍ରଧାନ ଙ୍କ ସହିତ ଲାୟନ୍ସ ସ୍ପୋର୍ଟିଙ୍ଗ, ଶାନ୍ତି କମିଟି, ଗ୍ରାମର ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ ।

# ଗ୍ରୀନ୍ ବୌଦ୍ଧ ଗଠନ କରିବାକୁ ଜିଲାପାଳଙ୍କ ଆହ୍ୱାନ



ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

**ବୌଦ୍ଧ,୨୨।୮( ଅଜିତ କୁମାର ବାରିକ)**

### ଏକ ପେଡ୍ ମା' କେ ନାମ୍ ଉପରେ ଜିଲାସ୍ତରୀୟ ବୈଠକ

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଶୁକ୍ରବାର ଦିନ ଏକ ପେଡ୍ ମା' କି ନାମ ଉପରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାପାଳ ନାୟକ ଅଧିକ ସଂଖ୍ୟାରେ ବୃକ୍ଷରୋପଣ କରି ଗ୍ରୀନ ବୌଦ୍ଧ ଗଠନ କରିବାକୁ ଆହ୍ୱାନ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ଦିନ ମେଗା ବୃକ୍ଷରୋପଣ କରାଯାଇ ୧ଲକ୍ଷ ୭୭ ହଜାର ୩୦୦ ବୃକ୍ଷରୋପଣ କରିବାକୁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ପରିବେଶ ସୁରକ୍ଷା, ପ୍ରଚାର ପ୍ରସାର, ସଚେତନତା କାର୍ଯ୍ୟକ୍ରମ, ରୁରାଲ ହାଉସିଂ ସ୍କିମ୍‌ରେ ଜଣଙ୍କୁ ୨ ଗୋଟି ବୃକ୍ଷ ପ୍ରଦାନ କରାଯିବ । ସମସ୍ତ ପଞ୍ଚାୟତ, ବ୍ଲକ, ଜିଲାସ୍ତରୀୟ ଅଧିକାରୀଙ୍କୁ ଗଛ ଲଗାଇ ତାର ଯତ୍ନ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଏହାସହ ବିଦ୍ୟାଳୟ, ମହାବିଦ୍ୟାଳୟଗୁଡିକରେ ମଧ୍ୟ ଗଛ ଲଗାଇବାକୁ କହିଥିଲେ । ବୈଠକରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ କୁମାର ଭୋଇ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ବିଶିଷ୍ଟ ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ପରଲୋକ

**ବୀରମହାରାଜପୁର, ୨୨।୮ (ଯୁଗଳ କିଶୋର ମିଶ୍ର):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ପଣ୍ଡାପାଲି ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ୮୨ବର୍ଷ ବୟସରେ ସୋନପୁର ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ନିରୁପମା ପଣ୍ଡା, ହାଇସ୍କୁଲ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା, କନିଷ୍ଠ ପୁତ୍ର ବ୍ୟାଙ୍କ କର୍ମଚାରୀ ଶୁଭେନ୍ଦୁ, ଦୁଇପୁତ୍ର ବଧୁ, ଦୁଇ ଝିଅ ସୁଜାତା, ସସ୍ମିତା, ଡାକ୍ତର ନାତି ଓମ ପ୍ରକାଶ, ବିଶିଷ୍ଟ ଶିକ୍ଷାବିତ ବ୍ରଜମୋହନ ଜାନି, ଅଶୋକ କୁମାର ପୁରୋହିତ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ହୋତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ପଣ୍ଡା ଓ ଅନ୍ୟ ଉପସ୍ଥିତ ଥିଲେ। ତାଙ୍କ କନିଷ୍ଠ ପୁତ୍ର ଶୁଭେନ୍ଦୁ ପଣ୍ଡାଙ୍କ ଗ୍ରୀଡକୋ କଲୋନୀ ଘରକୁ ନେବାପରେ ସୋନପୁର ଐତିହାସିକ ରାମେଶ୍ୱର ଘାଟରେ ଅନ୍ତିମ ସତ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ଶୁଭ୍ରାଂଶୁ ମୁଖାଗ୍ନୀ ଦେଇଥିଲେ।

# ସ୍ୱର୍ଗତ ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ



ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

**ବରପାଲି,୨୨।୮(ଚିତ୍ତରଞ୍ଜନ ସାହୁ)**

ସ୍ୱର୍ଗତ ବିଧାୟକ ସୁବଳ ସାହୁଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ବରପାଲି ସୁବଳ ସାହୁ ମେମୋରିଆଲ ଅଫିସଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପକ୍ଷରୁ ସୁବଳଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ମନ୍ତ୍ରୀ ରିତା ସାହୁ ମାଲ୍ୟାର୍ପଣ କରିଥିଲେ। ଆହାର କେନ୍ଦ୍ରଠାରେ ସୁବଳଙ୍କ ସ୍ମୃତିରେ ବିନାମୂଲ୍ୟରେ ଆହାର ବଣ୍ଟନ, ଡାକ୍ତର ଖାନାଠାରେ ରୋଗୀଙ୍କୁ ଫଳ ବଣ୍ଟନ କରଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଅଚ୍ୟୁତା ନନ୍ଦ ପଣ୍ଡା, ସମ୍ପାଦକ ବନ୍ତରାମ ସେଠ, ଉପସଭାପତି ମନମୋହନ ସ୍ୱାଇଁ, ତୁଳସୀ ରାମ ବେହେରା, ସହ ସମ୍ପାଦକ ପ୍ରମୋଦ ମେହେର, କୋଷାଧ୍ୟକ୍ଷ ବିକାଶ ସାହୁ, ସହ କୋଷାଧ୍ୟକ୍ଷ ଅଶ୍ୱିନୀ ପରିଡ଼ା, ବରିଷ୍ଠ ଉପଦେଷ୍ଟା ଅଚ୍ୟୁତାନନ୍ଦ ଦାସ, କିଶୋର ଦାଫାଦର୍, ସୁରେନ ପତି, ସୁରେନ୍ଦ୍ର ମେହେର, ବିରେନ୍ଦ୍ର ନାଥ ନାଗ, ସନ୍ତୋଷ ସାହୁ, ମହେନ୍ଦ୍ର ମେହେର, ଫକୀର ବେହେରା, ମୁନା ମେହେର, କୁନୁ ମହଭନ, ନିରଞ୍ଜନ ସାହୁ, ଅନିଲ ସେଠ ପ୍ରମୁଖ ଅଂଶ ଗ୍ରହଣ କରି ପରିଚାଳନା କରୁଥିଲେ ।

# ବରଗଡ଼ରେ ଅନ୍ତର୍ଜାତୀୟ ଅଗ୍ରୱାଲ ସମ୍ମିଳନୀ

**ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ)**



ସମ୍ମିଳନୀରେ ମୁଖ୍ୟ ଅତିଥିଙ୍କ ଗହଣରେ କାର୍ଯ୍ୟକର୍ତ୍ତା।

ବରଗଡ଼ର ହୋଟେଲ ମହାରାଜାରେ ଶୁକ୍ରବାର ଅନ୍ତର୍ଜାତୀୟ ଅଗ୍ରୱାଲ ସମ୍ମିଳନୀ ଜିଲା ୟୁନିଟ୍‌ର ପ୍ରତିଷ୍ଠା ଏବଂ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ପବନ ସୁଲତାନିଆଙ୍କୁ ରାଜ୍ୟ ସଭାପତି ଭାବେ ମନୋନୀତ କରାଯାଇଥିଲା। ସମାରୋହରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୈଳାସ ଅଗ୍ରୱାଲ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ତର୍ଜାତୀୟ ଅଗ୍ରୱାଲ ସମ୍ମିଳନୀର ବରଗଡ଼ ୟୁନିଟ୍ ସମାଜସେବା ଏବଂ ସାଙ୍ଗଠନିକ ଅଭିବୃଦ୍ଧି କ୍ଷେତ୍ରରେ ନୂତନ ଉଚ୍ଚତା ହାସଲ କରିବ ବୋଲି ସଭାପତି ସୁଲତାନିଆ କହିଥିଲେ।

### ବରିଷ୍ଠ କିରାଣିଙ୍କୁ ୨ବର୍ଷ କାରାଦଣ୍ଡ

**ବରଗଡ,୨୨।୮(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପଦ୍ମପୁର ତହସିଲର ପୂର୍ବତନ କିରାଣୀ ତ୍ରିଲୋଚନ ସାହୁଙ୍କୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ବରଗଡ଼ ଭିଜିଲାନ୍ସ କୋର୍ଟର ସ୍ପେଶାଲ ଜଜ୍ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ବରିଷ୍ଠ କିରାଣୀ ସାହୁ ଅବସର ଗ୍ରହଣ କରି ସାରିଥିବା ଯୋଗୁ ତାଙ୍କ ପେନସନ୍ ବନ୍ଦ କରିବାକୁ ଭିଜିଲାନ୍ସ ପ୍ରକ୍ରିୟା ଆରମ୍ଭ କରିଛି ବୋଲି ସୂଚନା ଦିଆଯାଇଛି।

# ମାଛଚାଷ ନେଇ ବୈଠକ

**ବୌଦ୍ଧ,୨୨।୮( ଅଜିତ କୁମାର ବାରିକ)**




ବୈଠକରେ ଜିଲାପାଳ ଓ ଅଧିକାରୀ ।

ବୌଦ୍ଧ ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷଠାରେ ଜିଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ମାଛ ଚାଷ ଉପରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି । ଜିଲାପାଳ ନାୟକ ମାଛ ଚାଷ ଉପରେ ଗୁରୁତ୍ୱ ଦେବାକୁ କହିବା ସହ ଚାଷୀଙ୍କୁ ଉତ୍ସାହିତ କରିଥିଲେ । ବୌଦ୍ଧ ଜିଲାରେ ବହୁ ସଂଖ୍ୟାରେ ପୋଖରୀ ଥିବା ବେଳେ ଚାଷୀମାନେ ମାଛ ଚାଷ କରି ଲାଭବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଏଥିପାଇଁ ଅଧିକାରୀମାନଙ୍କୁ କ୍ଷେତ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ କୁମାର ଭୋଇ, ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ ଓ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ନକ୍‌ଆଉଟ୍ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ବରପାଲି,୨୨।୮(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଲେଣ୍ଡା ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆଠାରେ ଲେଣ୍ଡା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ପଞ୍ଚମ ନକଆଉଟ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ଅଇଁଠାପାଲି ଓ ବର୍ଡୋଲ ମଧ୍ୟରେ ହୋଇଥିଲା। ଏହି ଉଦ୍‌ଘାଟନ ମ୍ୟାଚରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ସୁଜାତା ବେହେରା, ସମ୍ମାନିତ ଅତିଥି ସ୍ଥାନୀୟ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ଓ ଲେଣ୍ଡା ଗ୍ରାମର ପୂର୍ବତନ ଫୁଟବଲ ଖେଳାଳୀ ଓ ସ୍ଥାନୀୟ ସ୍କୁଲର ଶିକ୍ଷକମାନେ ଯୋଗଦେଇଥିଲେ। ସୌଭାଗ୍ୟ ରଞ୍ଜନ ବିଶାଲଙ୍କ ଦ୍ୱାରା ସଭା ପରିଚାଳନା ହୋଇଥିଲା। ଶେଷରେ ପ୍ରଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ମ୍ୟାଚକୁ ଖେଳ ଶିକ୍ଷକ ଗୌରାଙ୍ଗ ପାଣ୍ଡେ, ସୁରେଶ ବେହେରା, ଅନୁରୋଧ ପଧାନ, ନରେଶ ପଧାନ, ଜିତେନ୍ଦ୍ରିୟ ବିଦ୍ୟାଧର, କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଓ ରାଧାକାନ୍ତ ନାଏକ ଖେଳ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଖେଳାଳି।

# ବୁଣାକାର ବଜାର ସଂଘର ବାର୍ଷିକୋତ୍ସବ

**ବରଗଡ଼,୨୨।୮(ପ୍ରେମାନନ୍ଦ ଖମାରୀ)**




ବୁଣାକାର ବଜାର ସଂଘର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ମାଁ ସମଲେଇ ସମ୍ବଲପୁରୀ ହସ୍ତତନ୍ତ କପଡା ବୁଣାକାର ବଜାର ସଂଘର ତୃତୀୟ ବାର୍ଷିକୋତ୍ସବ ଗୁରୁବାର ବରଗଡ ବ୍ଲକ ବେହେରା ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବଜାର ପ୍ରାଙ୍ଗଣରେ ଥିବା ମାଁ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମଞ୍ଚରେ ଭୁଲିଆ ସମାଜର ପ୍ରତୀକ ମଙ୍ଗା ତଥା ଅନ୍ୟାନ୍ୟ ସରଞ୍ଜାମ ପୂଜାର୍ଚ୍ଚନା କରାଯିବା ସହ ଜାତି ସମାଜର ପିତା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସଂଘ ସଭାପତି ଅଯୋଧ୍ୟା ମେହେର ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ବୁଣାକାର ବଜାରର ଉନ୍ନତିକରଣ ଓ ବୁଣାକାରମାନେ କିଭଳି ତାର ସମସ୍ତ ସୁବିଧାର ଲାଭ ଉଠାଇ ପାରିବେ ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉତ୍କୃଷ୍ଟ କଳା ଓ କାରିଗରୀ ପାଇଁ ୫ଜଣ ବୁଣାକାରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଂଘ ସମ୍ପାଦକ ଶିବ ମେହେର ବଜାରରେ ମିଳୁଥିବା ପ୍ରିଣ୍ଟ ଶାଢିକୁ ନେଇ ବୁଣାକାର ଭୋଗୁଥିବା ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ କିଭଳି ଭବିଷ୍ୟତରେ ସମ୍ବଲପୁରୀ ଶାଢିର ଉତ୍କୃଷ୍ଟତା ଓ ମାନ ବଜାୟ ରହିପାରିବ ତାହା ଉପରେ ମତବ୍ୟକ୍ତ କରିଥିଲେ। ପରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶ୍ରୀଫଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଗିରିଧାରୀ ମେହେର, ନବକିଶୋର ମେହେର, ଗୁଣନିଧି ମେହେର, ଘନଶ୍ୟାମ ମେହେର, ପ୍ରସନ୍ନ ମେହେର, ଠାକୁର ମେହେର, ଆନନ୍ଦ ମେହେର, ଭକ୍ତରାମ ମେହେର, ଯାଦବ ମେହେର, ପ୍ରହ୍ଲାଦ ମେହେର, ଅର୍ଜୁନ ମେହେର ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଟ୍ରକ୍ ଜଳିଗଲା ଚାଳକ ଆହତ

**ଲହୁଣୀପଡା,୨୨।୮(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର କୁନ୍ଦୁରୁବୁରୁ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ୨ଟି ଟ୍ରକ ଧକ୍କାହୋଇ ଗୋଟିଏ ଟ୍ରକ ଜଳି ଯାଇଥିବା ଜଣାପଡିଛି। ସୂଚନାରୁ ପ୍ରକାଶ ଯେ, ଖଣି ଅଞ୍ଚଳରୁ ଲୁହାପଥର ଗୁଣ୍ଡ ବୋଝେଇ କରି ୨ଟି ଟ୍ରକ ଆସୁଥିବା ବେଳେ କୁନ୍ଦୁରୁବୁରୁ ନିକଟରେ ଉଭୟ ଗାଡି ଧକ୍କା ହୋଇଥିଲା। ଫଳରେ ଗୋଟିଏ ଗାଡି ଭାରସାମ୍ୟ ହରାଇ ରାସ୍ତା କଡରେ ପଡି ଯାଇଥିବା ବେଳେ ଅନ୍ୟ ଗାଡି ଟି ପୋଲ ପାର୍ଶ୍ୱ ପାଚେରୀରେ ଲଟକି ରହି ଯାଇଥିଲା। ଉକ୍ତ ଗାଡିର ଚାଳକ ଆହତ ହୋଇ କେ. ବଲାଙ୍ଗ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଗାଡିଟି ଜଳି ଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ଓ କେ. ବଲାଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡି ୨ଟି କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିବା ସହିତ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି।

### ଏସ୍‌ଡବ୍ଲ୍ୟୁଏଫ୍‌ଆଇର ୧୦ମ ସର୍ବଭାରତୀୟ ସମ୍ମିଳନୀ ପାଇଁ ପ୍ରସ୍ତୁତି

**ରାଉରକେଲା,୨୨।୮(ସଙ୍ଗୀତା ଜେନା):** ଷ୍ଟିଲ ୱାର୍କସ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଡବ୍ଲ୍ୟୁଏଫ୍‌ଆଇ)ର ୧୦ମ ସର୍ବଭାରତୀୟ ସମ୍ମିଳନୀ ଆସନ୍ତା ସେପ୍ଟେମ୍ବର ୬ ଓ ୭ ଦୁଇଦିନ ଧରି ରାଉରକେଲାଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଦେଶର ସମସ୍ତ ଇସ୍ପାତ କାରଖାନା ଓ ଖଣି ଶ୍ରମିକ କର୍ମଚାରୀମାନଙ୍କ ପ୍ରାୟ ୩୦୦ ପ୍ରତିନିଧି ଯୋଗଦେବେ। ଇସ୍ପାତ ଓ ଖଣି ଶ୍ରମିକଙ୍କ ବିଭିନ୍ନ ସମସ୍ୟା, ଇସ୍ପାତ ଶ୍ରମିକଙ୍କ ଏନ୍‌ଜେସିଏସ୍ ଚୁକ୍ତିନାମା ବିଳମ୍ବ, ଠିକା ଶ୍ରମିକଙ୍କ ବିଭିନ୍ନ ସମସ୍ୟା, ଦେଶର ରାଷ୍ଟ୍ରାୟତ୍ତ ଶିଳ୍ପର ବର୍ତ୍ତମାନ ସ୍ଥିତି ଓ ସରକାରଙ୍କ ଶ୍ରମିକ ବିରୋଧୀ ଓ ଘରୋଇକରଣ ନୀତି ସମ୍ପର୍କରେ ସମ୍ମିଳନୀରେ ଯୋଗ ଦେଉଥିବା ପ୍ରତିନିଧିମାନେ ଆଲୋଚନା କରିବା ସହିତ ଆଗାମୀ ଦିନର କାର୍ଯ୍ୟଖସଡ଼ା ନିର୍ଦ୍ଧାରଣ କରିବେ। ୨୦୧୨ରେ ଏସ୍‌ଡବ୍ଲ୍ୟୁଏଫ୍‌ଆଇର ୮ମ ସମ୍ମିଳନୀ ରାଉରକେଲାରେ ଅନୁଷ୍ଠିତ ହୋଇଥିଲା। ପୁଣିଥରେ ୧୩ ବର୍ଷ ପରେ ସଙ୍ଗଠନର ୧୦ମ ସର୍ବଭାରତୀୟ ସମ୍ମିଳନୀ ରାଉରକେଲାରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ସଫଳ କରିବା ପାଇଁ ଅଭ୍ୟର୍ଥନା କମିଟି ଗଠନ କରାଯାଇଥିଲା। ଏହାର ଅଧ୍ୟକ୍ଷ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ରହିଛନ୍ତି। ଗୁରୁବାର ସନ୍ଧ୍ୟା ୭ଟାରେ ଅଭ୍ୟର୍ଥନା କମିଟିର ବୈଠକ ସେକ୍ଟର-୧୬ ଶ୍ରମିକ ଭବନରେ ଅନୁଷ୍ଠିତ ହୋଇଥିଲା। ଅଭ୍ୟର୍ଥନା କମିଟିର ମୁଖ୍ୟ ପୃଷ୍ଠପୋଷକ ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଯୋଗଦେଇ ଏହାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକରେ କମିଟି ଉପାଧ୍ୟକ୍ଷ ଶ୍ରୀମନ୍ତ ବେହେରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରମୋଦ ସାମଲ, ଉପାଧ୍ୟକ୍ଷ ବିମାନ ମାଇତି, ସାଧାରଣ ସମ୍ପାଦକ ବସନ୍ତ ନାୟକ, କୋଷାଧ୍ୟକ୍ଷ ବି. ପି. ମହାପାତ୍ର, ସମ୍ପାଦକ ରାଜକିଶୋର ପ୍ରଧାନ, ପ୍ରଭାତ ମହାନ୍ତି, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ନୂଆଁଖାଇ ଛୁଟି ୩ଦିନ ହେଉ

## କୋଶଳ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ସୁନ୍ଦରଗଡ,୨୨।୮(ଜୟ ନାରାୟଣ ମେଣ୍ଟୁଲି)**


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ପାଇଁ ୩ଦିନ ସରକାରୀ ଛୁଟି ଘୋଷଣା କରିବାକୁ କୋଶଳ ସମାଜ ପକ୍ଷରୁ ଦାବି କରାଯାଇଛି। ସୁନ୍ଦରଗଡ ଜିଲପାଳ ଡା.ଶୁଭଙ୍କର ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋଶଳ ସମାଜ ମହାସଚିବ ଦିଲିପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ପଶ୍ଚିମ ଓଡିଶା ଅନ୍ତର୍ଗତ ୧୭ଟି ଜିଲା ସୁନ୍ଦରଗଡ, ଝାରସୁଗୁଡା , ସମ୍ବଲପୁର , ବରଗଡ , ବଲାଙ୍ଗୀର, ସୋନପୁର , କଳାହାଣ୍ଡି, ନୂଆପଡା, ବୌଦ୍ଧ, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡା, ଅନୁଗୁଳ ଓ କେନ୍ଦୁଝରର ମୁଖ୍ୟ ଗଣପର୍ବ ନୂଆଁଖାଇ। ଏହି ପର୍ବ ପାଳନ ଅବସରରେ ୩ ଦିନ ସରକାରୀ ଛୁଟି ଘୋଷଣା କରାଗଲେ ବାହାର ଜିଲାରେ କାମକରୁଥିବା କର୍ମଚାରୀମାନେ ନିଜ ନିଜ ଘରକୁ ଆସି ନୂଆଖାଇ ପାରିବେ ଓ ପରେ ନିଜନିଜ କର୍ମ ସ୍ଥଳିକୁ ଫେରି ପାରିବେ। ନୂଆଁଖାଇ ଏକ ସାଧାରଣ ପର୍ବ ନୁହେଁ । ଏହା ଏକ ସ୍ୱଚ୍ଛତା, ଏକତାର ପର୍ବ। ପ୍ରଥମ ପର୍ଯ୍ୟାୟରେ ଘର ଦ୍ୱାର, ରାସ୍ତା ଘାଟ, ଗାଁ ସହର ସବୁ ପରିବେଷକୁ ସଫାସୁତୁରା କରାଯାଏ। ନୂଆଁଖାଇ ଦିନ ମିଳିତ ଭାବେ ଏକା ସାଙ୍ଗେ ନୂଆ ଖିଆଯାଏ। ପରେ ନିଜ ଇଷ୍ଟ ଦେବଙ୍କୁ ପ୍ରଣାମ ଜଣାଇ ନିଜ ଠାରୁ ବଡ ମାନଙ୍କୁ ଜାତିଭେଦ ନମାନି ନୂଆଁଖାଇ ଜୁହାର କରାଯାଏ। ଏହାକୁ ଅଧିକ ଲୋକାଭିମୁଖି କରିବାକୁ ସରକାର ଯତ୍ନବାନ ହେବା ପୂର୍ବକ କେନ୍ଦ୍ର ଓ ରାଜ୍ୟ ସରକାର ୩ଦିନ ଛୁଟି ଘୋଷଣା କରିବାକୁ କୋଶଳ ସମାଜ ମହାସଚିବ ପଣ୍ଡା ଏହି ସ୍ମାରକ ପତ୍ରରେ ଦାବି କରିଛନ୍ତି।


ଗଛରେ ବନ୍ଧା ହୋଇଥିବା ଓଟ।

### ଦୁଇଦିନ ହେଲା ଗଛରେ ବନ୍ଧା ହୋଇଛି ଓଟ

**କୁତ୍ରା,୨୨।୮(ଦେବାଶିଷ ସାହୁ):** କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣା ଆମ୍ବ ବଗିଚାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଆମ୍ବ ଗଛରେ ଏକ ଓଟ ବନ୍ଧା ହୋଇରହିଛି। ଦୁଇଦିନ ହେଲା ଲଗାଣ ବର୍ଷା ଜାରି ରହିଥିବାବେଳେ ଓଟଟି ଭିଜୁଥିବା ଦେଖାଯାଉଛି। ଖବର ନେବାରୁ ଜଣାପଡିଛି, ରାଜସ୍ଥାନର ଜନୈକ ବ୍ୟକ୍ତି ପେଟ ପୋଷିବା ପାଇଁ ଓଟଟିକୁ ଆଣି ଗାଁ ଗାଁ ବୁଲାଉଥିଲେ। ଏପରିସ୍ଥଳେ ମାଲିକ ଏହାକୁ ଗଛରେ ବାନ୍ଧି କୁଆଡେ ଚାଲିଯାଇଛନ୍ତି। ତାଙ୍କ ବ୍ୟାଗପତ୍ର ଗଛମୂଳେ ପଡିରହିଛି। ଭୋକଉପାସରେ ରହି ଓଟ ଅସୁସ୍ଥ ହୋଇପଡିଥିବା ସ୍ଥାନୀୟ ଲୋକଙ୍କଠାରୁ ଜଣାପଡିଛି। ସ୍ଥାନୀୟ ପୋଲିସ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ରାଜସ୍ୱ ନିରୀକ୍ଷକ, ଉପରାଜସ୍ୱ ନିରୀକ୍ଷକଙ୍କୁ ୪ବର୍ଷ ଲେଖାଏ ଜେଲ

**ସୁନ୍ଦରଗଡ,୨୨।୮(ଜୟ ନାରାୟଣ ମେଣ୍ଟୁଲି)**

**ଲାଞ୍ଚ ମାମଲା**

ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ ଶୁକ୍ରବାର ଏକ ଲାଞ୍ଚ ମାମଲାର ଶୁଣାଣୀ କରି ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ବସନ୍ତ କୁମାର ମିଶ୍ର ଓ ସହକାରୀ ରାଜସ୍ୱ ନିରୀକ୍ଷକ ଶିଶିର କୁମାର ବେହେରାଙ୍କୁ ୪ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଉଭୟ ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ଏବଂ ଅନାଦେୟ ଅଧିକ ୪ମାସ ଲେଖାଏ ଜେଲ ଦଣ୍ଡ ପାଇଁ କୋର୍ଟ ତାଙ୍କ ରାୟରେ ଆଦେଶ କରିଛନ୍ତି। ଉଭୟ ସୁନ୍ଦରଗଡ ଜିଲା ଗୁରୁଣ୍ଡିଆ ତହସିଲ ଅନ୍ତର୍ଗତ ସୋଲ ରାଜସ୍ୱ ସର୍କଲରେ କାର୍ଯ୍ୟ କରୁଥିଲେ। ଅଭିଯୋଗକାରୀ ପୂର୍ଣ୍ଣଚନ୍ଦ୍ର ବିଲୁଙ୍ଗଙ୍କ ଠାରୁ ରାଜସ୍ୱ ନିରୀକ୍ଷକ (ଆରଆଇ)ମିଶ୍ର ୧୪/୩/୨୦୧୪ରେ ୧ହଜାର ଟଙ୍କା ଦାବି କରିଥିବା ବେଳେ ଉପ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ)ବେହେରା ଏହି ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ ହାତରେ ଉଭୟେ ଧରାପଡିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ କେଶ ନମ୍ବର ୧୮/୨୦୧୪ରେ ଏକ ଲାଞ୍ଚ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କଲା ପରେ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ଶ୍ୟାମସୁନ୍ଦର ମିଶ୍ର ଓ ସହକାରୀ ପବ୍ଲିକ ପ୍ରସିକ୍ୟୁଟର (କ୍ୟାଡର) ସନ୍ଦୀପ ପଣ୍ଡା ପରିଚାଳନା କରୁଥିବା ବେଳେ ଭିଜିଲାନ୍ସ ବିଭାଗର ତତ୍କାଳୀନ ଡିଏସପି ପରମେଶ୍ୱର କିସାନ ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ।

## ସୁନ୍ଦରଗଡ଼ ସରକାରୀ କଲେଜକୁ ସ୍ୱୟଂ ଶାସିତ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ ପାଇଁ ସୁପାରିସ

**ସୁନ୍ଦରଗଡ,୨୨।୮(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ସୁପାରିଶ କରିଛନ୍ତି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଅଧୀନ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ସ୍ୱାୟତ୍ତ ମାନ୍ୟତା ପ୍ରଦାନ ପାଇଁ ଦାଖଲ କରାଯାଇଥିବା ପ୍ରସ୍ତାବ ସମ୍ପର୍କରେ ଆୟୋଗ ଗତ ୨୩/୭/୨୦୨୫ରେ "ଅନୁଷ୍ଠିତ ତାଙ୍କ ବୈଠକରେ ସ୍ୱୟଂଶାସିତ ମହାବିଦ୍ୟାଳୟ ଗୁଡ଼ିକର ସ୍ଥାୟୀ କମିଟିର ସୁପାରିଶକୁ ଅନୁମୋଦନ କରିଛନ୍ତି। ଶିକ୍ଷା ବର୍ଷ ୨୦୨୫-୨୦୨୬ ରୁ ୨୦୩୦ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଏହି ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରାଯିବ। ଯାହା( ୟୁଜିସି) ସ୍ୱୟଂ ଶାସିତ କଲେଜ ଗୁଡିକର ସ୍ଥିତି ଏବଂ ମାନଦଣ୍ଡ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ ସ୍ୱରୂପ ଏହି ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ସମ୍ପର୍କରେ ଆସନ୍ତା ୩୦ଦିନ ମଧ୍ୟରେ ଆବଶ୍ୟକୀୟ ବିଜ୍ଞାପ୍ତି ଜାରି କରିବାକୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟକୁ ଅନୁରୋଧ କରାଯାଇଛି। ଆୟୋଗ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଏକ ପତ୍ର ମାଧମରେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ସୁନ୍ଦରଗଡ ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ପାଇଁ ଆୟୋଗଙ୍କ ଏହି ସୁପାରିଶକୁ ଛାତ୍ରୀଛାତ୍ର ଓ ସ୍ଥାନୀୟ ନାଗରିକ ମହଲରେ ସ୍ୱାଗତ କରାଯାଇଛି।

# ୯ ଭାରତୀୟଙ୍କ ମଧ୍ୟରେ ୨ ଓଡ଼ିଶାର

## ଚାଇନାରେ କଳା, ସଂସ୍କୃତି, ସଭ୍ୟତା ଗଢ ଆଦାନପ୍ରଦାନ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୨୨।୮(ଜୟ ନାରାୟଣ ମେଣ୍ଟୁଲି)**


ରୁଚିତ ଅଗ୍ରୱାଲା


ସୁଜ୍ଞାନେନ୍ଦ୍ର ଠାକୁର

ଚାଇନାରେ ହେବାକୁ ଥିବା ସପ୍ତଦିବସୀୟ ସ୍ୱର୍ଗତ ଡାକ୍ତର ଦ୍ୱାରକା ନାଥ କୋଟନିସଙ୍କ ଆଦର୍ଶରେ ଅନୁପ୍ରାଣିତ କଳା, ସଂସ୍କୃତି ତଥା ସଭ୍ୟତା ଗଢ ଭାବର ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ ପାଇଁ ୯ଜଣିଆ ଭାରତୀୟ ପ୍ରତିନିଧି ଦଳରେ ଓଡିଶାରୁ ୨ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଉଛନ୍ତି ସୁନ୍ଦରଗଡ ସୁନାରୀପଡାର ସୁଜ୍ଞାନେନ୍ଦ୍ର ଠାକୁର ଓ ବାଲେଶ୍ୱରର ରୁଚିତ ଅଗ୍ରୱାଲା। ଆସନ୍ତା ୨୫ତାରିଖରେ ସେମାନେ ଦିଲ୍ଲୀରୁ ଚାଇନା ଅଭିମୁଖେ ଯାତ୍ରା କରି ୨୪"ସେପ୍ଟେମ୍ବର ସୁଦ୍ଧା ଫେରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଚାଇନାରେ ରହଣୀ ସମୟରେ ୟୁନାନ, ସିୟାନ, ସିଆଜ, ଜୁଆନ,ବିଚିଙ୍ଗ ଆଦି ସହର ଭ୍ରମଣ କରି କଳା, ସଂସ୍କୃତି ଏବଂ ସଭ୍ୟତା ଗଢ ଭାବର ଆଦାନ ପ୍ରଦାନ ତଥା ଭାରତ, ଚାଇନା ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ସୁଦୃଢ କରିବାର ବାର୍ତ୍ତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି। ଏହି ଐତିହାସିକ କାର୍ଯ୍ୟକ୍ରମର ଆୟୋଜକ ଫ୍ରେଣ୍ଡସ ଅଫ୍ ଚାଇନା ସୋସାଇଟି ଇଣ୍ଡିଆ ଟଚେପଟର ଏବଂ ଚାଇନା ଏମବାସୀ ଦ୍ୱାରା ଆୟୋଜିତ ହେଉଛି।

### ବରିଷ୍ଠ ନାଗରିକ ଦିବସ

**ସୁନ୍ଦରଗଡ଼,୨୨।୮(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ଼ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘର ସଭାଗୃହଠାରେ ଗୁରୁବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଦୁର୍ଗାମାଧବ ପଟେଲଙ୍କ ଅଧ୍ୟକ୍ଷତାରେ ଓ ମଞ୍ଚାସୀନ ଉପସଭାପତି ଗୁଣନିଧି ମହାନ୍ତି ଓ ସଂଘ ସଦସ୍ୟଙ୍କ ଉପସ୍ଥିତିରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ସଂଘର କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତ, ଡ. ଅନନ୍ତ ଆଚାର୍ଯ୍ୟ, ଉଦିତ କୁମାର ନାୟକ ପ୍ରମୁଖ ତାଙ୍କର ବକ୍ତବ୍ୟରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସମସ୍ୟା, ସାମାଜିକ ଅଧିକାର ଓ ସୁସ୍ଥ ଜୀବନଯାପନ ବିଷୟରେ ଆଲୋକପାତ କରିଥିଲେ। ସଂଘର ସଦସ୍ୟମାନେ ଆଲୋଚନା ମାଧ୍ୟମରେ ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ବିଷୟରେ ମତବ୍ୟକ୍ତ କରିଥିଲେ। ଶେଷରେ ସଂଘର କାର୍ଯ୍ୟକାରୀ ସଭାପତି ଡ. ଚିରବ୍ରତ ଦତ୍ତ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

## ଆଣ୍ଟି ରାଗିଂ ସଚେତନତା ସପ୍ତାହ


ଅଧ୍ୟାପିକା ଅଧ୍ୟାପକଙ୍କ ସହ ଛାତ୍ରୀମାନେ।

**ସୁନ୍ଦରଗଡ଼,୨୨।୮(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ଗତ୧୨ତାରିଖରୁ ଆରମ୍ଭ ହୋଇଥିବା ଆଣ୍ଟି ରାଗିଂ ସଚେତନତା ସପ୍ତାହ ଗତ ୧୮ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରଚନା ଲିଖନ, ପ୍ରବନ୍ଧ ପାଠ ଏବଂ ପୋଷ୍ଟର ମେକିଂ ଆଦି ପ୍ରତିଯୋଗିତା ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷା ଡକ୍ଟର କୁମୁଦିନୀ ରାଉତରାୟ ଛାତ୍ରୀମାନଙ୍କୁ ରାଗିଂ କଲେ କ'ଣ ସବୁ ଦଣ୍ଡ ରହିଛି ସେ ବିଷୟରେ ଅବଗତ କରାଇଥିଲେ। ସେଥିରୁ ନିଜକୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ରାଗିଂ ମୁକ୍ତ ପରିବେଶ ରଖିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଆଣ୍ଟି ରାଗିଂ ସେଲର ସଭ୍ୟ ସହ ପ୍ରାଧ୍ୟାପକ ସ୍ୱରୂପ ରଞ୍ଜନ ପଲାଇ ଏବଂ ଅଧ୍ୟାପିକା ରୁଣୁବାଳା ବେହେରା ମଧ ଆଣ୍ଟି ରାଗିଂ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି ସଭାକୁ ଅଧାପକ ଡ. ସଞ୍ଜୟ କୁମାର ବେହେରା ପରିଚାଳନା କରିଥିଲେ। ଶେଷରେ ସହ ପ୍ରାଧ୍ୟାପକ ମନୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଆଁରମୁଣ୍ଡା ପଞ୍ଚାୟତ ସମିତିର ଦଶମ ବୈଠକ

**କୁଆଁରମୁଣ୍ଡା,୨୨।୮(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡା ପଞ୍ଚାୟତ ସମିତିର ଦଶମ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଅଧ୍ୟକ୍ଷତା କରିଥିଲେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା। ବୈଠକରେ ବୀରମିତ୍ରପୁର ବିଧାୟକ ରୋହିତ ଯୋସେଫ ତିର୍କୀ ଯୋଗଦେଇ ଗ୍ରାମ୍ୟ ଜଳ ଯୋଗାଣ ବ୍ୟବସ୍ଥାରେ ଘରକୁ ଘର ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କୁଆଁରମୁଣ୍ଡା ବ୍ଲକରେ ସମ୍ପୂର୍ଣ୍ଣଭାବେ ବିଫଳ ହୋଇଛି ବୋଲି ଅଭିଯୋଗ କରିଥିଲେ। ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନିଅନ୍ତୁ , ନଚେତ୍ ଆଗାମୀ ଦିନରେ ଏହି ବ୍ୟବସ୍ଥାର କଡ଼ା ଜବାବ ଦିଆଯିବ ବୋଲି ବିଧାୟକ ତିର୍କୀ ବିଭାଗୀୟ ଅଧିକାରୀମାନଙ୍କୁ ଚେତାଇ ଦେଇଛନ୍ତି। ଏହି ବୈଠକରେ ଶିକ୍ଷା,ସ୍ୱାସ୍ଥ୍ୟ,କୃଷି ଓ ସର୍ବୋପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୁଆଁରମୁଣ୍ଡା ଖ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା କ ଜିଲା ପରିଷଦ ସଭ୍ୟ ନେଭିଲ କେରକେଟା, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସୁନୀତା ଅହିର ପ୍ରମୁଖ ମଞ୍ଚାସୀନ ଥିଲେ। କୁଆଁରମୁଣ୍ଡା ବ୍ଲକର ୨୦ ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ସେମାନଙ୍କ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଏହି ବୈଠକରେ ନିଜ ନିଜର ପ୍ରଶ୍ନ ରଖିଥିଲେ। ଏବିଡିଓ ପ୍ରଶାନ୍ତ ଜେନା, ଏଇଇ ଚୈତନ୍ୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।



ଅତିଥିଙ୍କ ସହ ଅନ୍ୟମାନେ।



ଅତିଥିଙ୍କ ସହ ପ୍ରତିଯୋଗୀ।

# କରନ ଏଫ୍‌ସି ଚାମ୍ପିୟନ

## ତିନି ଦିନିଆ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

**ଲହୁଣୀପଡ଼ା,୨୨।୮(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କୁରଡ଼ା ପଞ୍ଚାୟତ ଅନ୍ତର୍ଗତ ଲଲେଇ ଫୁଟବଲ ଖେଳ ପଡିଆଠାରେ ବ୍ରାହ୍ମଣ ଗାଁ ଚଣ୍ଡିମାତା ଫୁଟବଲ କ୍ଲବ ପକ୍ଷରୁ ଚାଲିଥିବା ୩ ଦିନିଆ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୪ଟି ଫୁଟବଲ ଦଳ ଅଂଶ ଗ୍ରହଣ କରିଥିଲେ। ଚଳିତବର୍ଷ ନେହେରୁ ବ୍ରଦର୍ସ ଦଳକୁ ହରାଇ କରନ ଏଫସି ଦଳ ଚାମ୍ପିୟନ ହୋଇଥିଲା। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ସମ୍ମାନୀତ ଅତିଥି ଅଭିରାମ ମହାକୁଳ, ଗୋବିନ୍ଦ ମିଶ୍ର ଯୋଗଦେଇ ବିଜେତା ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଫାଇନାଲ ଖେଳର ଉଦ୍‌ଘାଟନ କରିଥିଲେ। ମୋହନ ପାତ୍ର, ଶୁଶାନ୍ତ କିଷାନ, ଅଜିତ କୁମାର ମାହାନ୍ତ ଖେଳ ପରିଚାଳନା କରିଥିଲେ। ଚଣ୍ଡିମାତା ଫୁଟବଲ କମିଟିର ସଭାପତି ପ୍ରଦୀପ କୁମାର ମାହାନ୍ତ, ସମ୍ପାଦକ ସୁମନ କୁମାର ମାହାନ୍ତ ପ୍ରମୁଖଙ୍କ ସମେତ କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିବା ଜଣାପଡିଛି। ଏଥିରେ ଫୁଟବଲ ଖେଳପ୍ରେମୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

# ପାଣିରେ ବୁଡ଼ିଲା ୫୩ ନମ୍ବର ଜାତୀୟ ରାଜପଥ

ସମ୍ବଲପୁର:୨୨।୮(ଭବାନୀ ଶଙ୍କର ଭୋଇ)



ରେମେଡ୍ ନିକଟସ୍ଥ ରାଜପଥରେ ବର୍ଷା ଯୋଗୁ ହ୍ରଦ ଭଳି ପାଣି ଜମିଛି।

■ଲଘୁଚାପ ଯୋଗୁ ସମ୍ବଲପୁରରେ ଦିନସାରା ବର୍ଷା

■ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି

ଲଘୁଚାପ ଯୋଗୁ ସମ୍ବଲପୁର ଜିଲାରେ ଗୁରୁବାରଠାରୁ ଲଗାତାର ବର୍ଷା ଜାରି ରହିଛି। ଶୁକ୍ରବାର ଦିନ ତମାମ ବର୍ଷା ହୋଇଛି। ଶନିବାର ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସମ୍ବଲପୁର ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁସାରେ ସମ୍ବଲପୁରରେ ଗତ ସନ୍ଧ୍ୟାଠାରୁ ୩୧.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯଦିଓ ଅଧିକ ପରିମାଣର ବର୍ଷା ରେକର୍ଡ କରାଯାଇ ନାହିଁ ତେବେ ଲଗାତାର ବର୍ଷା ହେବା ଯୋଗୁ ସହରର ରାସ୍ତାଘାଟରେ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ବର୍ଷା ପାଣିରେ ବିଭିନ୍ନ ସ୍ଥାନରେ ରାସ୍ତା ବୁଡ଼ିଯାଇଛି। ଖାସ୍‌କରି କେତେକ ଅଞ୍ଚଳରେ ବର୍ଷା ପାଣି ଜମି ରହିଥିବା ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୫୩ନମ୍ବର ଜାତୀୟ ରାଜପଥର ବରେଇପାଲିରୁ ରେମେଡ ମଧ୍ୟରେ ରାଜପଥରେ ବର୍ଷା ପାଣି ଜମିବା ଯୋଗୁ ଏକ ହ୍ରଦ ଭଳି ମନେ ହେଉଥିଲା। ରାଜପଥରେ ଆଣ୍ଠୁଏ ପାଣି ଜମି ରହିବା ଯୋଗୁଁ ବାଇକ୍ ଆରୋହୀମାନଙ୍କ ପାଇଁ ଯିବା ଆସିବା କଷ୍ଟକର ହୋଇ ପଡିଥିଲା। ସେହିପରି ଠେମରାରେ ବିଦ୍ୟୁତ ଖୁଣ୍ଟ ରାସ୍ତା ଉପରେ ପଡିଯିବା ଯୋଗୁ ଅଞ୍ଚଳରେ ବିଦ୍ୟୁତ ସରବରାହ ପ୍ରଭାବିତ ହୋଇଥିଲା। ତେବେ ବର୍ଷା ଯୋଗୁ ବିଦ୍ୟୁତ ଯୋଗାଣ ବନ୍ଦ ଥିବାରୁ ଧନଜୀବନ କ୍ଷତିରୁ ବର୍ତ୍ତି ଯାଇଥିଲା। ସେହିପରି ସମ୍ବଲପୁରର ତଳି ଅଞ୍ଚଳରେ ଡ୍ରେନରେ ବର୍ଷା ଜଳ ଠିକ ଭାବରେ ପ୍ରବାହିତ ହୋଇ ନ ପାରିବାରୁ ରାସ୍ତା ଉପରେ ପାଣି ଜମିଥିବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ବର୍ଷାର ମାତ୍ରା କମିବା ପରେ ରାସ୍ତାରୁ ବର୍ଷା ପାଣି କମିଥିଲା। ତେବେ ଚାଷ ପାଇଁ ଭଲ ବର୍ଷାର ନିହାତି ଆବଶ୍ୟକତା ରହିଥିବାରୁ ଏହି ଲଘୁଚାପ ଜନିତ ବର୍ଷା ଚାଷୀଙ୍କ ଫସଲ ପାଇଁ ବେଶ୍ ସହାୟକ ହୋଇପାରିଥିବା କୁହାଯାଉଛି। ଆସନ୍ତା ଚାରି ପାଞ୍ଚ ଦିନ ପର୍ଯ୍ୟନ୍ତ ଲଘୁଚାପଜନିତ ବର୍ଷା ହେବାର ସମ୍ଭାବନା ରହିଛି।

# ଧନ୍ଦାମୂଳକ ତାଲିମ କେନ୍ଦ୍ର ଶୁଭାରମ୍ଭ



ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସମ୍ବଲପୁରର ସରସ୍ୱତୀ ବିହାରରେ ଧନ୍ଦାମୂଳକ ତାଲିମ କେନ୍ଦ୍ରର ଉଦ୍‌ଘାଟନ କରାଯାଉଛି।

ସମ୍ବଲପୁର,୨୨।୮(ବି.ଶଙ୍କର)

■ଶତପ୍ରତିଶତ ନିଯୁକ୍ତି ସହାୟତା କରାଯିବ

■କେବଳ ପ୍ରଶିକ୍ଷଣ ନୁହେଁ, ଯୁବତୀଯୁବକଙ୍କୁ ସଶକ୍ତ କରିବ

ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ମାଧ୍ୟମରେ ସମ୍ବଲପୁର ଜିଲା ଏବଂ ନିକଟବର୍ତ୍ତୀ ଅଞ୍ଚଳର ଯୁବତୀ ଓ ଯୁବକମାନଙ୍କୁ ସଶକ୍ତ କରିବାର ଲକ୍ଷ୍ୟ ନେଇଛି ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ)। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ଶୁକ୍ରବାର ସମ୍ବଲପୁରର ଅଇଁଠାପାଲି ସ୍ଥିତ ସରସ୍ୱତୀ ବିହାରରେ ଧନ୍ଦାମୂଳକ ତାଲିମ କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଯୋଗଦେଇ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଉତ୍ସବରେ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ, ତାଲିମ ନେବାକୁ ଥିବା ଯୁବତୀ ଯୁବକ ଏବଂ ସେମାନଙ୍କ ଅଭିଭାବକ ଉପସ୍ଥିତ ରହିଥିଲେ। ତାମିଲକେନ୍ଦ୍ରରେ ୩୯ ଯୁବତୀ, ୧୧ ଯୁବକ ମୋଟ୍ ୫୦ ଜଣଙ୍କୁ ନେଇ ପ୍ରଥମ ଦୁଇଟି ବ୍ୟାଚ ଆରମ୍ଭ ହୋଇଯାଇଛି। ଆଗାମୀ ୩ମାସ ମଧ୍ୟରେ ସେମାନଙ୍କୁ କଷ୍ଟମର କେୟାର ଏକଜିକ୍ୟୁଟିଭ (ଗ୍ରାହକସେବା ଅଧିକାରୀ) ଭାବରେ କାର୍ଯ୍ୟ କରିବା ପାଇଁ ପ୍ରଶିକ୍ଷଣ ଦିଆଯିବ। ଏଥିସହ ସେମାନଙ୍କୁ ଓଡ଼ିଶାର ବିଭିନ୍ନ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରିବାରେ ସହାୟତା କରାଯିବ। କେନ୍ଦ୍ରରେ ପ୍ରଶିକ୍ଷଣ ପାଇଁ ବିଶେଷ ଭାବେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ଦୁଇ ଥିବା ଗରିବ ଶ୍ରେଣୀ, ଅବହେଳିତ, ପଛୁଆ ସମ୍ପ୍ରଦାୟର ଯୁବତୀଯୁବକଙ୍କୁ ସାମିଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତାଲିମ କେନ୍ଦ୍ରର ଉଦ୍‌ଘାଟନ କରି କମ୍ପାନୀର ସିଇଓ ବର୍ମା କହିଛନ୍ତି, ଏହା କେବଳ ପ୍ରଶିକ୍ଷଣ ନୁହେଁ, ବରଂ ଏହା ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ସଶକ୍ତ କରି ସେମାନଙ୍କ ପାଇଁ ଏକ ଅର୍ଥପୂର୍ଣ୍ଣ ତଥା ପେଶାଗତ କ୍ୟାରିଅର ପ୍ରସ୍ତୁତ କରିବାରେ ଆମର ପ୍ରୟାସ ଅଟେ। ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକଳାପ ଭାବେ ସ୍ଥାନୀୟ ଅଞ୍ଚଳର ଯୁବତୀ ଓ ଯୁବକମାନଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ଆମର ସାମୂହିକ ଦାୟିତ୍ୱ। ଏହିପରି କାର୍ଯ୍ୟକ୍ରମ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲାଗୁଡିକରେ ମଧ୍ୟ ଆରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ ଘୋଷଣା କରିଥିଲେ। ଚଳିତବର୍ଷ ମଧ୍ୟରେ ୨୦୦ରୁ ଅଧିକ ଯୁବତୀଯୁବକଙ୍କୁ ଗ୍ରାହକ ସେବା ଅଧିକାରୀ ଭାବେ ପ୍ରଶିକ୍ଷଣ ଦେଇ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ରହିଛି। ଦ୍ରୁତ ଗତିରେ ବଢୁଥିବା ଗ୍ରାହକ ସେବା ଶିଳ୍ପରେ ଅତ୍ୟାବଶ୍ୟକ ବୃତ୍ତିଗତ ଯୋଗାଯୋଗ, ବୈଷୟିକ ବିଶେଷଜ୍ଞତା ଏବଂ ଦକ୍ଷତା ବୃଦ୍ଧି ଆଦି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ରହିଛି।

# ରେଙ୍ଗାଲି ବିଧାୟକଙ୍କ ବିଧାନସଭା କ୍ଷେତ୍ର ଉନ୍ନୟନ କାର୍ଯ୍ୟର ସମୀକ୍ଷା

ସମ୍ବଲପୁର,୨୨।୮(ପ୍ରମୋଦ ବହିଦାର)

ରେଙ୍ଗାଲି ବିଧାନସଭା କ୍ଷେତ୍ର ଅଧିନସ୍ଥ ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି)ର ୧୨ଟି ୱାର୍ଡର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ଏସ୍‌ଏମ୍‌ସି ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଧାୟକ ହରିପାଲ ଅଧ୍ୟକ୍ଷତା କରି ୱାର୍ଡ ନଂ. ୧, ୨, ୧୨, ୨୦, ୨୮, ୨୯ ତଥା ୩୬ ରୁ ୪୧ ନମ୍ବର ୱାର୍ଡର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସହିତ ୱାର୍ଡବାସୀଙ୍କ ବିଭିନ୍ନ ମୌଳିକ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ଏଥିରେ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କ ସମେତ ଉପାୟୁକ୍ତ ତଥା ସମସ୍ତ ବିଭାଗୀୟ ଅଧିକାରୀ ଓ ୱାଟ୍‌କୋ, ସ୍ୱେରେଜ ଆଦିର ଅଧିକାରୀମାନେ ଉପସ୍ଥିତ ଥିଲେ।

ରେଙ୍ଗାଲି ବିଧାୟକ ହରିପାଲ ମୁଖ୍ୟତଃ ଉକ୍ତ ୱାର୍ଡଗୁଡ଼ିକରେ ଆଗାମୀ ଦିନର ବିକାଶମୂଳକ ଯୋଜନାକୁ ନେଇ ଅବଗତ ହୋଇଥିଲେ। ବୈଠକରେ ଉକ୍ତ ଅଞ୍ଚଳର ଉନ୍ନୟନ କାର୍ଯ୍ୟକୁ ନେଇ ଆଗକୁ ପ୍ରତି ୩ମାସରେ ଥରେ ଲେଖାଏଁ ସମୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସହରୀ ଆବାସ, ଜାଗା ମିଶନ ଆଦିର ଅଗ୍ରଗତି, ସରକାରୀ ପାଣ୍ଠି ମଞ୍ଜୁରୀ ଆଦିକୁ ନେଇ ଆଲୋଚନା ହୋଇଥିଲା। ପରିମଳ କ୍ଷେତ୍ରରେ ୱାର୍ଡ ଗୁଡ଼ିକରେ ନିୟମିତ ସଫେଇ, ନିୟମିତ ଡ୍ରେନ ସଫେଇ, ରାସ୍ତା ନିର୍ମାଣ, ସମସ୍ତ ୱାର୍ଡରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା, ବିଭିନ୍ନ ଯୋଜନା ପାଇଁ ପାଣ୍ଠିର ବ୍ୟବସ୍ଥା ଆଦି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ତଥ୍ୟ ଉପସ୍ଥାପନ କରିଥିଲେ। ମୁକ୍ତା ଯୋଜନାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ମଧ୍ୟ ସମ୍ପୃକ୍ତ ଏସ୍‌ଏଚ୍‌ଜିଙ୍କୁ ମିଳି ନ ଥିବା ପ୍ରାପ୍ୟ ନେଇ ବିଧାୟକ ହରିପାଲ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏହାକୁ ନେଇ ଅବଗତ କରାଯାଇଥିଲେ ହେଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପାଣ୍ଠି ମିଳି ନାହିଁ ଉପାୟୁକ୍ତ ସୂଚନା ଦେଇଥିଲେ। ସେହିପରି ଷ୍ଟ୍ରିଟ ଲାଇଟ୍ ଜଳୁ ନ ଥିବା ବିଭିନ୍ନ ୱାର୍ଡରେ ୧୦ ଦିନ ମଧ୍ୟରେ ଲାଇଟ୍ ଲାଗିଯିବ ବୋଲି ମହାନଗର ନିଗମ ଆୟୁକ୍ତ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ସମସ୍ତ ୱାର୍ଡର ଉନ୍ନୟନମୂଳକ କାର୍ଯ୍ୟକୁ ଜନପ୍ରତିନିଧିଙ୍କ ସହଯୋଗରେ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ହରିପାଲ ପରାମର୍ଶ ଦେଇଥିଲେ।

# ଆଦିତ୍ୟ ବିର୍ଲା ସ୍କିଲ୍ ସେଣ୍ଟର ଦକ୍ଷତା, ଆତ୍ମବିଶ୍ୱାସ, କ୍ୟାରିୟର ଗଠନ କରୁଛି



ସମ୍ବଲପୁର ବରେଇପାଲି ସ୍ଥିତ ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟରରେ ପ୍ରଶିକ୍ଷାର୍ଥୀମାନେ।

ସମ୍ବଲପୁର,୨୨।୮(ବି.ଶଙ୍କର)

ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲକୋ ପକ୍ଷରୁ ସମ୍ବଲପୁର ବରେଇପାଲି ସ୍ଥିତ ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର ସ୍ଥାନୀୟ ଯୁବତୀଯୁବକଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ଏବଂ କ୍ୟାରିୟର ଗଠନ କରିବାରେ ସହାୟକ ହୋଇଛି। ୨୦୨୪ ମେ ମାସରେ ସେଣ୍ଟର ସ୍ଥାପିତ ହୋଇଥିଲା। ଯୁବବର୍ଗଙ୍କୁ ଇଲେକଟ୍ରିକାଲ ଟେକ୍‌ନିସିଆନ, କଞ୍ଜୁମର ଡୁରେବଲ ଟେକନିସିଆନ, ଫାଶନ ଟେକନିସିଆନ, ରିଟେଲ ସେଲସ ଆସୋସିଏଟ ଏବଂ ଫାଇନାନସିଆଲ ସର୍ଭିସେସ କ୍ଷେତ୍ରରେ ଦକ୍ଷତା ତାଲିମ ପ୍ରଦାନ କରୁଛି। ଛାତ୍ରୀଛାତ୍ରଙ୍କୁ କେବଳ ହାର୍ଡ ସ୍କିଲରେ ସୁସଜ୍ଜିତ କରୁନାହିଁ, ତାହା ସହିତ ସେମାନଙ୍କୁ କମ୍ୟୁନିକେସନ ତାଲିମ, ଡିଜିଟାଲ ସାକ୍ଷରତା, ଜୀବନର କୌଶଳ ଏବଂ ଆର୍ଥିକ ପରିଚାଳନା ଆଦି କ୍ଷେତ୍ରରେ ସେମାନଙ୍କ ବ୍ୟକ୍ତିତ୍ୱକୁ ଦକ୍ଷ କରୁଛି। ସେହିପରି ବାସ୍ତବ ଦୁନିଆଁରେ ସେମାନଙ୍କର ସାମଗ୍ରିକ ପ୍ରସ୍ତୁତିକୁ ସୁନିଶ୍ଚିତ କରୁଛି । ଏପର୍ଯ୍ୟନ୍ତ ଦକ୍ଷତା କାର୍ଯ୍ୟକ୍ରମ ନିମନ୍ତେ ୩୩୩ ଆକାଂକ୍ଷୀ ଯୁବବର୍ଗ ସେମାନଙ୍କ ନାମ ଲେଖାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୯୬ ଜଣ ସଫଳତାର ସହିତ ତାଲିମ ଶେଷ କରିଛନ୍ତି। ୧୪୬ ଜଣ କୁଶଳୀ ଆଶାୟୀ ବିଭିନ୍ନ ପୋଷାକ ଶିଳ୍ପ, ବ୍ୟାଙ୍କ ଏବଂ ସର୍ଭିସ ସେଣ୍ଟରଗୁଡିକରେ ନିଯୁକ୍ତି ପାଇଛନ୍ତି। ୯ଜଣ ସେମାନଙ୍କର ଔଦ୍ୟୋଗିକ ଯାତ୍ରା ଆରମ୍ଭ କରିଛନ୍ତି। ୯୪ଜଣ ଚାକିରୀ ପାଇବା ପ୍ରକ୍ରିୟାରେ ଅଛନ୍ତି ଏବଂ ୧୭୮ ଜଣ ଏହି ସୁଯୋଗକୁ ଅପେକ୍ଷା କରିଛନ୍ତି। ହାରାହାରି ଭିତ୍ତିରେ ଏବିଏସ୍‌ସିରେ ତାଲିମ ନେଇଥିବା ବ୍ୟକ୍ତିବିଶେଷ ମାସିକ ପ୍ରାୟ ୧୨,୮୧୦ ଟଙ୍କା ଉପାର୍ଜନ କରୁଛନ୍ତି। ଏନେଇ ଶୁକ୍ରବାର ମାଇନିଂ ବିଜିନେସ ହେଡ ଏବଂ ସମ୍ବଲପୁର କ୍ଲଷ୍ଟର ହେଡ କୈଳାସ ପାଣ୍ଡେ କହିଛନ୍ତି, ହିଣ୍ଡାଲକୋରେ ଆମେ ଶିକ୍ଷା ସହିତ ସଶକ୍ତିକରଣ ଆରମ୍ଭ କରିଥାଉ। ସ୍କିଲ ସେଣ୍ଟର ଏକ କ୍ଲାସରୁମ ଠାରୁ ଯଥେଷ୍ଟ ଅଧିକ ସାମର୍ଥ ଓ ଉଦ୍ଦେଶ୍ୟ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରୁଛି। ଜୀବନ ଓ ଜୀବିକାରେ ରୂପାନ୍ତରଣ ଆଣୁଥିବା ଯାତ୍ରାର ଅଂଶବିଶେଷ ହୋଇ ଆମେ ଗର୍ବିତ ଅନୁଭବ କରୁଛୁ। ନାମ ଲେଖାଉଥିବା ଅଂଶଗ୍ରହଣକାରୀମାନେ ଶିକ୍ଷାଗତ କ୍ଷେତ୍ରରୁ ଊର୍ଦ୍ଧ୍ୱରେ ପୂର୍ଣ୍ଣାଙ୍ଗ ତାଲିମ ନେଉଛନ୍ତି। ପାଠ୍ୟକ୍ରମ ନେତୃତ୍ୱ, ଯୋଗାଯୋଗ, ସମୟ ପରିଚାଳନା ଏବଂ ଚାପ ପରିଚାଳନା ପ୍ରଭୃତି ଜରିଆରେ ବ୍ୟକ୍ତିତ୍ୱର ବିକାଶ ଉପରେ ଦୃଷ୍ଟି ନିବଦ୍ଧ କରୁଛି। ସେମାନଙ୍କୁ ଡିଜିଟାଲ ସାକ୍ଷରତା କୌଶଳ ଉପରେ ବାଧ୍ୟତାମୂଳକ ତାଲିମ ପ୍ରଦାନ କରୁଛି। ତେଣୁ ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର ପ୍ରତ୍ୟେକ ସଫଳତାର କାହାଣୀ କେବଳ ନିଯୁକ୍ତି ଆଧାରିତ ନୁହେଁ, ଏହା ସଶକ୍ତିକରଣ, ଦ୍ୱିଧାବୋଧକୁ ମଜଭୁତ ସ୍ୱରରେ ଏବଂ ସ୍ୱପ୍ନଗୁଡିକୁ ମର୍ଯ୍ୟାଦାରେ ରୂପାନ୍ତରିତ କରୁଛି ବୋଲି ପାଣ୍ଡେ ପ୍ରକାଶ କରିଥିଲେ। ସମ୍ବଲପୁର ଦେହରିପାଲିର ଅଜୟ କୁମାର ବାଗ କହିଥିଲେ, ଏକାଧିକ ଦୁର୍ଘଟଣାର ସମ୍ମୁଖିନ ହେବା ପରେ ସେ ୩ ବର୍ଷ ପାଇଁ ଶଯ୍ୟାଶାୟୀ ରହିଥିଲେ। ତାଙ୍କୁ ଏହା ନିରୁତ୍ସାହିତ କରିବା ସହ ଆତ୍ମଚେତନା ସ୍ତର ହ୍ରାସ ପାଇଥିଲା। ତାଙ୍କର ଆରୋଗ୍ୟ ଲାଭ ସମୟରେ ସେ ଆଦିତ୍ୟ ବିର୍ଲା ସ୍କିଲ ସେଣ୍ଟର ସମ୍ପର୍କରେ ଜାଣିବାକୁ ପାଇ ଏଫଏସ୍‌ଏ ଟ୍ରେଡ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏକାଗ୍ରତା ଏବଂ ଗୋଷ୍ଠୀର ସମର୍ଥନ ବଳରେ ଅଜୟ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କରେ ଜଣେ ଟିସିଓ ଭାବେ ଚାକିରି ପାଇଛନ୍ତି। ଏ ସମ୍ପର୍କରେ ସ୍କିଲ ଡେଭେଲପମେଣ୍ଟ ଆଣ୍ଡ ଏପୋଷ୍ଟମେଣ୍ଟ ଡେପୁଟି ଡାଇରେକ୍ଟର ଶଙ୍କର ଚରଣ ମୁର୍ମୁ କହିଛନ୍ତି, ସମ୍ବଲପୁର ଜିଲାରେ ଏବିଏସସି ଚାକିରୀ ଆଶାୟୀଙ୍କୁ ବହୁବିଧ କ୍ଷେତ୍ରରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରି ପ୍ରଶଂସନୀୟ କାର୍ଯ୍ୟ କରିଛି।

# ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତୁରେଇ ସରପଞ୍ଚ ସମ୍ମାନିତ

କୁଚିଣ୍ଡା,୨୨।୮(ବିରଞ୍ଚି ଦର୍ଶୀ)



ପଞ୍ଚାୟତର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବଲପୁର ଜିଲା ବାମରା ବ୍ଲକର ତୁରେଇ ସରପଞ୍ଚ ଦିଲ୍ଲୀରେ ସମ୍ମାନିତ ହୋଇଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀର ଆତ୍ମନିର୍ଭରଶୀଳ ପଞ୍ଚାୟତ କାର୍ଯ୍ୟକ୍ରମରେ ତୁରେଇ ପଞ୍ଚାୟତ ସରପଞ୍ଚ ଜଗଦିଶ ନାଏକ ନିମନ୍ତ୍ରିତ ହୋଇ ସାମିଲ ହୋଇଥିଲେ। ତୁରେଇ ପଞ୍ଚାୟତରେ ସ୍ୱଚ୍ଛତା, ଅନୁଶାସନ, ସରକାରୀ ଅର୍ଥରେ ସୁବିନିଯୋଗ, ସୃଜନଶୀଳତା ସହ ପରିବେଶ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା ଦିଗରେ ସଫଳତା ପାଇଁ ସରପଞ୍ଚ ନାଏକଙ୍କୁ ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ଏସ.ପି ସିଂ ବାଘେଲ ସମ୍ମାନିତ କରିଛନ୍ତି। ପଞ୍ଚାୟତର ଲିତୁରେଇ, କୁର୍ମୁଲୋଇ, ତୁରେଇ, ଡମାମୁଣ୍ଡା, ମାଣ୍ଡିଆପୁରା, ଅଁଳାଡିପା ଓ ତାଲବାହାଲି ଗ୍ରାମର ସାମୂହିକ ଉନ୍ନତି ନିମନ୍ତେ ଯୁବ ସରପଞ୍ଚ ନାଏକଙ୍କ ଉଦ୍ୟମ ଯୋଗୁ ଏହି ସମ୍ମାନ ପାଇଛନ୍ତି।

# ସୁଇଟ ପକ୍ଷରୁ ଓରିଏଣ୍ଟେଶନ କାର୍ଯ୍ୟକ୍ରମ




ସୁଇଟ ଆୟୋଜିତ ଓରିଏଣ୍ଟେଶନ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୨୨।୮(ବି.ଶଙ୍କର)

**ଛାତ୍ରୀଛାତ୍ରମାନେ ପ୍ରତ୍ୟେକ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତି ପ୍ରତିଷ୍ଠାନ(ସୁଇଟ) ନୂତନ ବ୍ୟାଚ ଛାତ୍ରୀଛାତ୍ରମାନଙ୍କ ସକାଶେ ୧୬ତମ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ସୁଇଟ ନିର୍ଦ୍ଦେଶକ ଡ.ସୁଦର୍ଶନ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏଥିସହ ଶିକ୍ଷା, ଗବେଷଣା ଏବଂ ନବସୃଜନ କ୍ଷେତ୍ରରେ ପ୍ରତିଷ୍ଠାନର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ ଏବଂ ପାଠ୍ୟକ୍ରମିକ କାର୍ଯ୍ୟକଳାପରେ ସକ୍ରିୟ ଭାବେ ନିୟୋଜିତ ହେବାକୁ ଉତ୍ସାହିତ କରିଥିଲେ। ଶୃଙ୍ଖଳା, କଠିନ ପରିଶ୍ରମ ଏବଂ ଜିଜ୍ଞାସାକୁ ସଫଳତାର ଚାବିକାଠି ଭାବରେ ଗୁରୁତ୍ୱ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଚ୍ୟାଲେଞ୍ଜକୁ ଦୂର କରିବା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସୁଇଟର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ନିର୍ଦ୍ଦେଶକ ଜେନା ମତବ୍ୟକ୍ତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ସୁଇଟର ଐତିହ୍ୟର ଅଂଶ ହେବାକୁ ଗର୍ବ କରିବାକୁ ଅନୁରୋଧ କରିଥିଲେ। ଛାତ୍ରୀଛାତ୍ରଙ୍କ ଫଳପ୍ରଦ ଶୈକ୍ଷିକ ଯାତ୍ରା ଏବଂ ସଫଳ କ୍ୟାରିୟରକୁ ନେଇ ପ୍ରଫେସର ଦାସ କାମନା କରିଥିଲେ। ସମ୍ମାନିତ ଅତିଥି ଭିସୁଟ କୁଳପତି ପ୍ରଫେସର ଦିପକ କୁମାର ସାହୁ ବିଶ୍ଳେଷଣାତ୍ମକ ଚିନ୍ତାଧାରା, ସମସ୍ୟା ସମାଧାନ ଏବଂ ଯୋଗାଯୋଗ ଭଳି ବୈଷୟିକ ଦକ୍ଷତା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ନେତୃତ୍ୱ ଦକ୍ଷତା ଏବଂ ବୃତ୍ତିଗତ ନେଟୱାର୍କ ବିକାଶ କରିବା ସହିତ ଜୀବନବ୍ୟାପୀ ଶିକ୍ଷା ପ୍ରତି ଅନୁକୂଳ ଓ ପ୍ରତିବଦ୍ଧ ରହିବାକୁ ପ୍ରଫେସର ସାହୁ ପରାମର୍ଶ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଏବଂ ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ବିଧୁଭୂଷଣ ମିଶ୍ର ଛାତ୍ରୀଛାତ୍ରଙ୍କୁ ସ୍ଥିରତା ଏବଂ ସ୍ମାର୍ଟ ଯୋଜନାକୁ ପ୍ରାଥମିକତା ଦେବାକୁ ପ୍ରେରଣା ଦେଇଥିଲେ। ସେମାନଙ୍କୁ ଧ୍ୟାନ କେନ୍ଦ୍ରିତ ରହିବା ଏବଂ ସକାରାତ୍ମକ ମାନସିକତା ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ନମ୍ରତା, ମୂଲ୍ୟବୋଧ ଏବଂ ଉତ୍କର୍ଷତା ଉପରେ ବକ୍ତବ୍ୟ ରଖିଥିଲେ। ଇଞ୍ଜିନିୟରିଂ ଜ୍ଞାନ କିପରି ବିଭିନ୍ନ କ୍ଷେତ୍ରରେ ନେତୃତ୍ୱ ନେଇପାରେ, ସେନେଇ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ ଭୂମିକା ଓ କ୍ଷେତ୍ରରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ସୁଇଟ ଏକାଡେମିକ ବ୍ୟାପାର ଡିନ ଡ.କୃଷ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

# ରାଜପଥ ସମସ୍ୟା ନେଇ ରେଢ଼ାଖୋଲ ବନ୍ଦ ପାଳନ

ରେଢ଼ାଖୋଲ,୨୨।୮(ଅଚ୍ୟୁତାନନ୍ଦ ପୁରୋହିତ)



ରେଢ଼ାଖୋଲରେ ବିଜେଡି କର୍ମକର୍ତ୍ତା ଜାତୀୟ ରାଜପଥ ଅବରୋଧ କରିଛନ୍ତି।

**ଜାତୀୟ ରାଜପଥ ଅବରୋଧ**

ଚାରି ଥାକିଆ ରାସ୍ତା ନିର୍ମାଣାଧୀନ ସମ୍ବଲପୁର-କଟକ ୫୫ନଂ. ଜାତୀୟ ରାଜପଥର ବିଭିନ୍ନ ସମସ୍ୟା ସହ ରେଢାଖୋଲ ସହର ଦେଇ କଳକାରଖାନାରୁ ନିର୍ଗତ ବିଷାକ୍ତ ପାଉଁଶ ପରିବହନ ଓ ୩ଟି ସ୍ଥାନରେ ଟୋଲ ଟାକ୍ସ ଆଦାୟ ବନ୍ଦ କରିବା ନେଇ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଶୁକ୍ରବାର ରେଢାଖୋଲ ବନ୍ଦ କରାଯାଇଥିଲା। ସକାଳ ୬ଟାରୁ ବିଜେଡି କର୍ମକର୍ତ୍ତା ଭୀମଭୋଇ ଛକରେ ଜାତୀୟ ରାଜପଥ ଅବରୋଧ କରି ବସିରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଗାଡି ମୋଟର ଅଟକି ରହିଥିଲା। ସେହିପରି ସହରରେ ସମସ୍ତ ଦୋକାନ ବଜାର ସ୍ୱତପ୍ରବୃତ୍ତ ଭାବେ ବନ୍ଧ ରହିଥିବାବେଳେ ଦିନ ୧୦ଟା ବେଳେ ବିଜେଡି କର୍ମକର୍ତ୍ତା ସରକାରୀ କାର୍ଯ୍ୟାଳୟ, ଘରୋଇ ଓ ଜାତୀୟ କରଣ ବ୍ୟାଙ୍କଗୁଡିକୁ ପିକେଟିଂ କରି ବନ୍ଦ କରିବାକୁ କହିବାରୁ ସେଗୁଡିକ ବନ୍ଦ ରହିଥିଲା। ଭୋରରୁ ରେଢାଖୋଲରେ ଝିପି ଝିପି ବର୍ଷା ଦିନତମାମ ଲାଗି ରହିଥିବା ବେଳେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଜେଡି କର୍ମକର୍ତ୍ତା ଛତାଧରି ଜାତୀୟ ରାଜପଥ ଅବରୋଧ କରି ବସିରହିଥିଲେ। ତେବେ ଦିନ ପ୍ରାୟ ସାଢେ ୧୨ଟାବେଳେ ଏନ୍‌ଏଚଏଆଇର ପ୍ରକଳ୍ପ ନିର୍ଦ୍ଦେଶକ ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ, ପୋଲିସ ଏସଡିପିଓ ପ୍ରଶାନ୍ତ ମେହେର ପ୍ରମୁଖ ପହଞ୍ଚି ବିଧାୟକ ଓ ବିଜେଡି କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବାସହ ଦାବିଗୁଡିକର ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ତେବେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ଅନୁଗୋଳ ଜିଲାର ବାମୁର ଠାରେ ଥିବା ଟୋଲଗେଟ, ରେଢାଖୋଲ -ବୌଦ୍ଧ ରାସ୍ତାର କଦଳିଗଡ ଠାରେ ଥିବା ଟୋଲଗେଟ ଯାହାକି ରେଢାଖୋଲ ଠାରୁ ମାତ୍ର ୧୫ କିମି ଦୁର ଓ ସମ୍ବଲପୁର ରାସ୍ତାର ହାତୀବାରୀରେ ଥିବା ଟୋଲଗେଟରୁ ଟୋଲଟେକ୍ସ ଆଦାୟ ବନ୍ଦ କରିବା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ପଦକ୍ଷେପ ନିଆଯିବ ବୋଲି ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କରିଥିଲେ। ବିଷାକ୍ତ ପାଉଁଶ ପରିବହନ କରୁଥିବା ଟ୍ରକଗୁଡିକୁ ସହର ମଧ୍ୟରେ ଚଳାଚଳ ପାଇଁ ଦାବି ଅନୁଯାଇ ସମୟ ଧାର୍ଯ୍ୟ କରାଯାଇଥିବା ପ୍ରକାଶ କରିଥିଲେ। ସେହିପରି ସାଧୁମୁଣ୍ଡା ଗ୍ରାମକୁ ରାସ୍ତା ଓ ଚାରମାଳ ଛକରୁ ଖୁବେଲ ମନ୍ଦିରକୁ ଫ୍ଲାଏ ଓଭର ନିର୍ମାଣ ଓ ହାତୀକରିଡର ଆପ୍ରୋଚ ରୋଡ ନିର୍ମାଣ ପାଇଁ ପ୍ରସ୍ତାବ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଦିନ ପ୍ରାୟ ୧ଟାବେଳେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ବରିଷ୍ଠ ବିଜେଡି ନେତା ଅନାଦି ସାହୁ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ପୂର୍ବତନ କାଉନସିଲର ରାଜୀବଲୋଚନ ପ୍ରଧାନ, ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ, କାଉନସିଲର ସୁଧାଂଶୁ ଅମାତ, ରାଜକିଶୋର ପ୍ରଧାନଙ୍କ ସମେତ ଶତାଧିକ ବିଜେଡି କର୍ମକର୍ତ୍ତା ବନ୍ଦ ପାଳନରେ ଅଂଶଗ୍ରହଣ କରିଥିଲେ।

# ଆସନ୍ନ ମରୁଡ଼ି ଚିନ୍ତାରେ ଚାଷୀ

**ଲୋଇସିଂହା,୨୨।୮ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକରେ ଚଳିତବର୍ଷ ଚାଷପୋଯୋଗୀ ବର୍ଷାଭାବ ଯୋଗୁ ମରୁଡ଼ି ପରିସ୍ଥିତି ଦେଖାଦେଇଛି। ଫଳରେ ଚାଷୀମାନଙ୍କ ମଧ୍ୟରେ ହତାଶଭାବ ପରିଲକ୍ଷିତ ହୋଇଛି। ଅଗଷ୍ଟ ମାସରେ ୩୬୨ ମିମି ବର୍ଷାର ଆବଶ୍ୟକତା ଥିବା ବେଳେ ଅଦ୍ୟାବଧି ମାତ୍ର ୫୨ ମିମି ବର୍ଷା ହୋଇଛି। ଅଗଷ୍ଟ ୭ ତାରିଖରେ ସର୍ବାଧିକ ୧୬ ମିମି ବର୍ଷା ହୋଇଛି। ଫଳରେ ଖରିଫ ଚାଷ ବାଧାପ୍ରାପ୍ତ ହୋଇଛି। ପାଣି ଅଭାବରୁ ଅଧିକାଂଶ ଚାଷଜମି ଫାଟି ଆଁ କରିଥିବା ବେଳେ କେତେକ ସ୍ଥାନରେ ଜମିରେ ଘାସ,ଲତା ମାଡି ଗଲାଣି। ବର୍ଷାଭାବ ଯୋଗୁ ଚାଷୀ ଦ୍ୱିତୀୟ ତୋଳ ସାର ଜମିରେ ପ୍ରୟୋଗ କରିପାରୁନାହିଁ। ବ୍ଲକ କୃଷି ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ଲୋଇସିଂହା ବ୍ଲକରେ ୧୦ ହଜାର ୧୮୮ ହେକ୍ଟର ଜମିରେ ଧାନ ଚାଷ ପାଇଁ ବ୍ଲକ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ୧୦ ହଜାର ୪୩୪ ହେକ୍ଟର ଜମିରେ ଚାଷ ହୋଇଛି। ତଥ୍ୟ ଅନୁଯାୟୀ ଲୋକାଲ ଧାନ ୩୦ ହେକ୍ଟର ଜମିରେ ଚାଷ ହୋଇଛି। ଶଙ୍କର କିସମ ୧ ଶହ ହେକ୍ଟର ଜମିରେ ଚାଷ ହୋଇଛି। ସେହିପରି ୧୦ ହଜାର ୫୮ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ ଚାଷ ଲକ୍ଷ୍ୟ ରହିଥିଲା। କିନ୍ତୁ ଏହି କିସମ ଧାନ ୧୦ ହଜାର ୩୦୪ ହେକ୍ଟର ଜମିରେ ଚାଷ କରାଯାଇଛି। ତେବେ ଦେଖିବାକୁ ଗଲେ ପ୍ରାୟ ୨୪୬ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନଚାଷ କରାଯାଇଛି।

ରାଜ୍ୟ ସରକାର ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି। ସେଥିରୁ ୮୦୦ ଟଙ୍କା ଇନପୁଟ ସବସିଡି ହୋଇଛି। ଏଣୁ ଅଧିକ ଅମଳକ୍ଷମ ଧାନ ଚାଷ ପାଇଁ ଚାଷୀଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି। ଗତ ଜୁଲାଇ ମାସରେ ୩୬୨ ମିମି ବର୍ଷା ଆବଶ୍ୟକ ଥିବା ବେଳେ ୨୫୪ ମିମି ବର୍ଷା ହୋଇଥିଲା। ଫଳରେ ଅଧିକାଂଶ ଜମିରେ ଚାଷ ହୋଇପାରିନାହିଁ। ଯାହାକି ପହ୍ଲାଗାରିରେ ରହିଯାଇଥିବା ପହ୍ଲାରୁ ସ୍ପଷ୍ଟ ଅନୁମେୟ। ଚାଷ ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରିଥିଲେ ହେଁ ବର୍ଷାଭାବରୁ ଚାଷ କରି ନ ପାରିବା କାରଣରୁ ଚାଷୀ ମହଲରେ ନୈରାଶ୍ୟ ପ୍ରକାଶ ପାଇଛି।



ଚାଷ ହୋଇ ନ ପାରି ଘାରିରେ ପଡି ରହିଛି ପହ୍ଲା।

**ଲୋଇସିଂହା ବ୍ଲକ**

**ଇନପୁଟ ସହାୟତା ପାଇଁ ବୃଦ୍ଧି ପାଇଛି ଅଧିକ ଅମଳକ୍ଷମ ଧାନଚାଷ**

ଏପରିକି ଶୁଖିଲା ପଡିଥିବା ଜମିରେ ଧାନଗଛରେ ଉଇ ଲାଗି ଯାଉଥିବା ଦେଖିବାକୁ ମିଳିଛି। ଜମିରେ ପାଣି ନ ଥିବାରୁ ସାର ପ୍ରୟୋଗ କିମ୍ବା ଘାସ ଦମନ କରିପାରୁନାହାନ୍ତି ଚାଷୀ। ପୂର୍ବରୁ ଏଭଳି ସମୟରେ ଗ୍ରାମାଞ୍ଚଳ ଜଳାଶୟ ଚାଷରେ ସହାୟକ ହେଉଥିଲା। ହେଲେ ଜଳାଶୟଗୁଡ଼ିକୁ ପଞ୍ଚାୟତ ପକ୍ଷରୁ ମାଛ ଚାଷ ପାଇଁ ଲିଜରେ ପ୍ରଦାନ କରାଯାଇଛି। ଜଳସେଚନ ପାଇଁ ଏହି ଲିଜ୍ ଦେବା ବାଧକ ସାଜିଛି। କା ଭାଁ ସ୍ଥାନରେ ଧାର ଜମିରେ ପାଣି ରହିଛି। ଆସନ୍ନ ମରୁଡ଼ିକୁ ସାମନା କରୁଥିବା ଚାଷୀ କେବଳ ଆକାଶକୁ ଚାହିଁ ରହିଛନ୍ତି। ଅପରପକ୍ଷେ ଅଞ୍ଚଳରେ ଅଧାଧୁ ବେପାରୀଙ୍କ ସାର କଳାବଜାର ଚାଷୀଙ୍କ ନିଦ ହଜାଇ ଦେଇଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ମାମିନୀ ଭୋଇ ଓ ସହକାରୀ କୃଷି ଅଧିକାରୀ ରୋହନ କୁମାର ସାହୁଙ୍କୁ ଫୋନ ଯୋଗେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇନାହିଁ।

# 'ଶବ୍ଦନୃତ୍ୟ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ସମ୍ପତ୍ତି'



ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର,୨୨।୮ (ବୀରେନ୍ଦ୍ର କୁମାର ଝାଙ୍କର)**

**ଗୁରୁ ଭଗବାନ ସାହୁଙ୍କ ୯୫ତମ ଜନ୍ମବାର୍ଷିକୀ ସମାରୋହ**

ବଲାଙ୍ଗୀର ଟାଉନ ବାଳିକା ଉଚ୍ଚବିଦ୍ୟାଳୟଠାରେ ଗୁରୁ ଭଗବାନ ସାହୁଙ୍କ ୯୫ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୁରୁ ଭଗବାନ ସାହୁ କଳା ନିକେତନ ପକ୍ଷରୁ ସଭାପତି ଡ. ବାସନ୍ତୀ ମଞ୍ଜରୀ ହନୁମାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଡ. ଶ୍ରୀକର ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର, ଆଲୋଚକ ଭାବେ ଭାଗବତ ପ୍ରଧାନ, ସମ୍ମାନିତ ଅତିଥି ଭାବେ କବି ଡ. ବନବାସ ମେହେର ଓ କବି ସଚ୍ଚିଦାନନ୍ଦ ପଧାନ ମଞ୍ଚାସୀନ ଥିଲେ। ବରଗଡ ଜିଲ୍ଲାର କୁମ୍ଭାରୀ ଗାଁ ହେଉଛି ଶବ୍ଦନୃତ୍ୟର ଏନ୍ତୁଡିଶାଳ। ଗୁରୁ ଭଗବାନ ସାହୁ ଶବ୍ଦନୃତ୍ୟକୁ ଲୋକପ୍ରିୟ କରିଥିଲେ। ଏହାର ପ୍ରାଚୀନତା ଓ ଶାସ୍ତ୍ରୀୟତା ସମ୍ପର୍କରେ ଲୋକଲୋଚନକୁ ଆଣି ଏହାକୁ ପଶ୍ଚିମ ଓଡିଶାର ସାଂସ୍କୃତିକ ଐତିହ୍ୟ ଏବଂ ଅସ୍ମିତାର ପ୍ରତୀକ ଭାବେ ବର୍ଣ୍ଣନା କରିଥିଲେ ବୋଲି ଆଲୋଚକ, ବକ୍ତା ଓ ଅତିଥିମାନେ କହିଥିଲେ। ଆଲୋଚକ ପ୍ରଧାନ ଶବ୍ଦନୃତ୍ୟ ଶୈଳୀର ବର୍ଣ୍ଣନା କରି ଓଡିଶୀ ନୃତ୍ୟ ଓ ଗୋଟିପୁଅ ନୃତ୍ୟଠାରୁ ମଧ ଏହା ପ୍ରାଚୀନ ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ସାହୁଙ୍କ ଭଳି ଜଣେ ଉତ୍ସର୍ଗୀକୃତ କଳାକାରଙ୍କ ଜୀବନୀ ବିଷୟରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟଅତିଥି ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ସାହୁଙ୍କ ପ୍ରତି ଯେଉଁଭଳି ଅବହେଳା ପ୍ରଦର୍ଶନ କରାଯାଉଛି ତାକୁ ଇତିହାସ କ୍ଷମା ଦେବନାହିଁ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ନାଟ୍ୟଶ୍ରୀ ନିଶାର ଅହମ୍ମଦ ନିସାରଙ୍କ କବିତା ସଂକଳନ 'ଭାବ' ଉନ୍ମୋଚନ କରିଥିଲେ। ଶବ୍ଦନୃତ୍ୟ ଉପରେ ଅନୁଷ୍ଠିତ ଆଲୋଚନାରେ ଆଲୋଚକ ପ୍ରଧାନ ଗୁରୁ ସାହୁଙ୍କ ସଂଘର୍ଷମୟ ଏବଂ ତ୍ୟାଗପୂତ ଜୀବନ ଉପରେ କହିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଲଗାତାର ୩ ହଜାର ରାତି ନାଟକ ମଞ୍ଚସ୍ଥ କରି ସେ କରିଥିବା ରେକର୍ଡ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସନ୍ଦୀପ କୁମାର କୁଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କବୟିତ୍ରୀ ରଶ୍ମି ପାତ୍ର ଓ ସବିତା ମହରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଅନୁଷ୍ଠାନ ଉପଦେଷ୍ଟା ଉମାକାନ୍ତ ହୋତା ଓ ଅଧ୍ୟାପକ ଧର୍ମେନ୍ଦ୍ର ପଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ଖୁସି ସାଂସ୍କୃତିକ ଓ ଗବେଷଣା ଅନୁଷ୍ଠାନ ପକ୍ଷରୁ ଜ୍ୟୋତିରେଖା ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଗବେଷକ ଦିଲୀପ ଦୀପ ହଲିଆ ଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର, ସୋନପୁର , ବରଗଡ ଜିଲ୍ଲାର ବହୁ ସାହିତ୍ୟିକ ଓ କଳାପ୍ରେମୀ ଯୋଗଦାନ କରିଥିଲେ।


## BHUBANESWAR MUNICIPAL CORPORATION
SOUTH WEST ZONE
Phone: 0674-2552715, Fax: 0674-2432895, E-mail: info@bmc.gov.in, Web: www.bmc.gov.in

No. 5158 — Date: 14.08.25

### ନୋଟିସ

No. C-934: ଏତଦ୍ଦ୍ୱାରା ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମ ମଣ୍ଡଳ ଅନ୍ତର୍ଗତ ନିମ୍ନଲିଖିତ ପାର୍କର ରକ୍ଷଣା ବେକ୍ଷଣ ନିମନ୍ତେ SHG ଯେଉଁମାନେ ଇଚ୍ଛୁକ ଅଛନ୍ତି ସାଦା କାଗଜରେ ନିମ୍ନ ପ୍ରମାଣ ପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା୨୦।୦୮।୨୦୨୫ରିଖଠାରୁ ତା୨୫।୦୮।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଦାଖଲ କରିପାରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

| କ୍ର.ନଂ. | ୱାର୍ଡ ନଂ. | ପାର୍କର ନାମ | ପାର୍କ କ୍ଷେତ୍ରଫଳ | ପାର୍କର ଠିକଣା |
|---|---|---|---|---|
| 1 | 65 | Labour Stand, Dumuduma | Ac.045 decimal | Labour Stand, Dumuduma |

୧. ରେଜିଷ୍ଟ୍ରେସନ କପି  ୨. ମେମ୍ବରମାନଙ୍କ ତାଲିକା  ୩. ବୈଠକ ବିବରଣୀ

OIPR-13002/11/0238/2526 — ସ୍ୱା./– ଭାରପ୍ରାପ୍ତ ମଣ୍ଡଳ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ, ଭୁବନେଶ୍ୱର ମହାନଗର ନିଗମ

## ROURKELA DEVELOPMENT AUTHORITY
## UDITNAGAR : ROURKELA - 769012
No. 2250/RDA., dated 16.08.2025

### PROCLAMATION

**No.CAD-1539** : It is hereby informed to the General public that **Md. Hasib Ahmed, S/O - Late Hafiz Samsuddin** has applied for allottee for transfer of **House No. L/5, Block-7, under JNHS, Nala Road Rourkela in favour of Md Naushad, S/O - Md Idresh,** Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
OIPR-13250/11/0094/2526 — Rourkela Development Authority

## ODISHA PUBLIC SERVICE COMMISSION, CUTTACK
### NOTICE
No.6012/PSC (1R-19-24/25) (DR-V) — Dt.21.08.2025

**Assistant Professor (Stage-I) in Sociology (Advertisement No. 27 of 2023-24)**

No. D-181: It is for information of all concerned that, document verification of **166 (One hundred sixty six)** candidates having **PPSAN** mentioned below for the post of **Assistant Professor (Stage-I) in "Sociology",** pursuant to advertisement No. 27 of 2023-24 shall be held from **29.08.2025 to 04.09.2025 (except Govt. holiday)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 29.08.2025 | 10.30 A.M. | P220007747, P240304503, P240308833, P240308906, P240309557, P240298093, P240301347, P240311967, P230113520, P240307923, P240307032, P240302238, P220042465, P220005854, P240303968 & P240306135 = **16 Candidates** |
| | 02.30 P.M. | P230133116, P230151137, P230152801, P240284908, P220075344, P230120623, P240292840, P240301421, P230155733, P240299565, P240301788 & P240311846 = **12 Candidates** |
| 30.08.2025 | 10.30 A.M. | P240303862, P240278146, P220082972, P240295996, P240309589, P230102257, P220067629, P240284727, P240298449, P240308041, P240307536, P240294851, P230110511, P240288262, P240300122 & P220062158 = **16 Candidates** |
| | 02.30 P.M. | P230158015, P240306796, P240248137, P240308812, P240299018, P240285416, P240237082, P240271701, P220068011, P240290271, P240263514 & P240281775 = **12 Candidates** |
| 01.09.2025 | 10.30 A.M. | P240307311, P240290397, P240304563, P240296656, P240306246, P240296222, P230163501, P240309922, P220045532, P220080060, P240296811, P240278178, P220082506, P240304267, P240297870 & P240293884 = **16 Candidates** |
| | 02.30 P.M. | P240311460, P220063011, P240306471, P240299978, P240254815, P240294271, P220085745, P240283001, P240293646, P230118185, P240304358 & P220075641 = **12 Candidates** |
| 02.09.2025 | 10.30 A.M. | P240302834, P240270475, P220041800, P230139364, P230104025, P220053933, P240253080, P240270624, P230121719, P240263228, P240276084, P230133760, P240301469, P240288619, P220072423 & P240304672 = **16 Candidates** |
| | 02.30 P.M. | P220074281, P230115793, P220070593, P230134335, P220046487, P240296475, P240279574, P230101565, P240306515, P230133391, P220074655 & P230104334 = **12 Candidates** |
| 03.09.2025 | 10.30 A.M. | P240253358, P220070777, P230147382, P220032501, P240308599, P240308540, P240250396, P240289115, P240296636, P240292852, P230126877, P230120088, P220040880, P240283575, P230116861 & P230145045 = **16 Candidates** |
| | 02.30 P.M. | P220051245, P240264609, P220062112, P230100821, P230098657, P230129801, P240256458, P240255252, P230109720, P230113737, P240312111 & P230127726 = **12 Candidates** |
| 04.09.2025 | 10.30 A.M. | P220087753, P240279196, P230106281, P220055274, P240288786, P230117219, P230121669, P240256373, P230217537, P230116136, P240272018, P220082367, P220035574, P220085569, P230142013 & P220055320 = **16 Candidates** |
| | 02.30 P.M. | P230130765, P220019026, P240248244, P230158896, P240309271, P240263088, P230122254, P240290794, P240253404 & P220006581 = **10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0296/2526 — Sd./- Secretary

## OFFICE OF THE SUPERINTENDING ENGINEER
## BALASORE (ROADS & BUILDINGS) DIVISION-II
AT/PO - BHASKARGANJ, BALASORE
CONTACT NO. : 06782-263149, E MAIL ID : eepwdbls2@gmail.com

### SHORT TENDER CALL NOTICE
BID INVITATION NO. EE (R AND B) BLS-II-16 / 2025-26
No.B-434 — No.5393 dt.20.08.2025

| | | |
|---|---|---|
| 1 | The Superintending Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in **ONLINE MODE** only for Roads & Buildings works. | |
| 2 | No. of Work | : 6 Nos |
| 3 | Nature of work | : Road Work |
| 4 | Class of Contractor | : **"D", "C" & "B"** |
| 5 | Approx. value of work | : **Rs.26.77 Lakhs to 9.60 Lakhs** |
| 6 | Tender Cost | : Rs.4000.00 (Sl. No. 5, 6) & Rs.6000.00 (Sl. No. 1, 2, 3 & 4) |
| 7 | Availability of Bid Documents in the website | : From 10.00 AM of 25.08.2025 to 1.00 PM of 03.09.2025 |
| 8 | Date of Opening of Bid | : Dt.03.09.2025 at 1.30 PM |
| 9 | Other details can be seen in the Bidding documents from the website : https://tendersorissa.gov.in. | |

Sd./- Superintending Engineer, Balasore (R&B) Division-II
OIPR-34155/11/0026/2526

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର–୭୫୧୦୦୧
ପତ୍ର ସଂଖ୍ୟା 15533/ଭୁ.ଉ.କ., ଭୁବନେଶ୍ୱର — ତା.11.08.2025 ରିଖ
CPM-II-1571/84

### ସୂଚନା

**No.CAD-1526:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍–୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ–**MIG-II-F-14/16**କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୭୧୨୩, ତା.୧୫.୦୭.୨୦୨୨ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ସର୍ବେଶ୍ୱର ପାଇକରାୟ, ପିତା–ଅନ୍ତର୍ଯ୍ୟାମୀ ପାଇକରାୟ, ଗ୍ରାମ–ଶ୍ୟାମଘନପୁର, ପୋଷ୍ଟ–ବ୍ରଜରାଜପୁର, ଥାନା–ରଣପୁର, ଜିଲ୍ଲା–ନୟାଗଡ଼, ଓଡ଼ିଶାଙ୍କ** ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ **ଶ୍ରୀ ସର୍ବେଶ୍ୱର ପାଇକରାୟ** ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ପ୍ରଦୀପ କୁମାର ମଲିକ, ପିତା–ସୁନାକର ମଲିକ, ଗ୍ରାମ– ପ୍ଲଟ୍ ନଂ.୭୨୯ ନୟାପଲ୍ଲୀ ଭୋଇସାହି, ପୋଷ୍ଟ/ଥାନା–ନୟାପଲ୍ଲୀ, ଜିଲ୍ଲା–ଖୋର୍ଦ୍ଧା, ଓଡ଼ିଶାଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./– ଆବଣ୍ଟନ ଅଧିକାରୀ–୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0352/2526

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର–୭୫୧୦୦୧
ପତ୍ର ସଂଖ୍ୟା 16085/ଭୁ.ଉ.କ., ଭୁବନେଶ୍ୱର — ତା.14.08.25 ରିଖ
KNS(07)08/13

### ସୂଚନା

**No.CAD-1545:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ମାର୍କେଟ କମ୍ପ୍ଲେକ୍ସ, କେ–୭, ଭୁବନେଶ୍ୱର ଅନ୍ତର୍ଗତ ଦୋକାନ ଗୃହ ନଂ–୦୨କୁ ବିଦ୍ୟୁତ ପ୍ରଭା ତ୍ରିପାଠୀ, ସ୍ୱାମୀ–ଅଶୋକ କୁମାର ତ୍ରିପାଠୀ, ବାସସ୍ଥାନ–ପ୍ଲଟ ନଂ–୮୭/୨୩୨୨, ଲେନ୍ ନଂ–୨, ନିଗମାନନ୍ଦ ନଗର, ପୋଷ୍ଟ–ରସୁଲଗଡ, ଥାନା–ଶହିଦନଗର, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ବିଦ୍ୟୁତ ପ୍ରଭା ତ୍ରିପାଠୀ ଗତ ତା.୨୧.୦୬.୨୦୨୨ ରିଖରେ ମୃତ୍ୟୁବରଣ କରିଅଛନ୍ତି । (**Death Certificate Issue No. 7422/2022/2003** dated 05.09.2022.

**Legal heir certificate Misc.Case No. E-LHC/2022/184324 dated 23.10.2022** ଅନୁଯାୟୀ ବିଦ୍ୟୁତପ୍ରଭା ତ୍ରିପାଠୀଙ୍କର ଉତ୍ତରାଧିକାରୀ (୧) ଅଶୋକ କୁମାର ତ୍ରିପାଠୀ (ସ୍ୱାମୀ), (୨) ଅଭିଷେକ ତ୍ରିପାଠୀ (ପୁତ୍ର) ଓ (୩) ଅଭିଜିତ୍ ତ୍ରିପାଠୀ (ପୁତ୍ର) ଅଟନ୍ତି ।

**Court of the Permanent and continuous Lok Adalat Khordha at Bhubaneswar P.L.L.A. No.02 of 2024**ର ଚୂଡାନ୍ତ ଫଏସଲା ଅନୁଯାୟୀ ଅଭିଜିତ୍ ତ୍ରିପାଠୀ ତାଙ୍କ ନାମରେ **ସମ୍ପୂର୍ଣ୍ଣ** ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଦୋକାନଗୃହର ମାଲିକାନାସ୍ୱତ୍ୱ **ଅଭିଜିତ୍ ତ୍ରିପାଠୀଙ୍କ ନାମରେ** ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଦୋକାନ ଗୃହର **ସମ୍ପୂର୍ଣ୍ଣ** ମାଲିକାନା ସ୍ୱତ୍ୱ **ଅଭିଜିତ୍ ତ୍ରିପାଠୀଙ୍କ** ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./– ଆବଣ୍ଟନ ଅଧିକାରୀ–୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0353/2526

## ODISHA COOPERATIVE TASAR & SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751 007, Tel : 2545586/2545852, email- serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**
Bid identification no:- VI-06(10)/SERIFED/2025-26/1073/ Dt.21.08.2025

**No.CAD-1542** : The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 1 no. of work in Keonjhar district. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 25.08.2025 to 5.00 PM up to 02.09.2025. Tender shall be received till 5.00 PM on 02.09.2025 & shall be opened at 11.30 AM on 03.09.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0014/2526 — Sd./- Managing Director

## ZILLA SWASTHYA SAMITI, (NHM) ANGUL
O/o - The CDM & PHO cum District Mission Director, Angul

### TENDER CALL NOTICE
No. : 1884 — Date : 19.08.2025

**No.E-335** : Sealed tenders are invited from reputed Agencies/Firms/bidder for the service as mentioned below:

**1. Accommodation facility for different training/ workshop/ meeting under NHM, Angul,**

**2. Supply of Working Lunch for training/ workshop/meeting under NHM.**

Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.angul.odisha.gov.in. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

Sd./- CDM & PHO cum DMD, Angul
OIPR-10142/11/0014/2526

## ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା
ସଂଖ୍ୟା: ୨୯୬୯ — ତା: ୨୦।୦୮।୨୦୨୫

### ନିଲାମ ନୋଟିସ

No. C-932: ଏତଦ୍ଦ୍ୱାରା ସମସ୍ତ ଏସ୍.ଏଚ୍.ଜି./ଏ.ଏଲ୍.ଏଫ୍/ମହାସଂଘ ଏବଂ ସି.ଏଲ୍.ଏଫ୍‌ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌର ପରିଷଦ ଅଧୀନରେ ଖାଲିଥିବା ମିଶନଶକ୍ତି କାଫେ ଆବଣ୍ଟନ ନିମନ୍ତେ ନିର୍ଦ୍ଦିଷ୍ଟ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନ କରିବାପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ପୌର ପରିଷଦର website: **(www.sunabedamunicipality.in)**ରୁ ଆବେଦନ ଫର୍ମ ଏବଂ ସର୍ତ୍ତାବଳୀ download କରିପାରିବେ ଯାହାକି ତା୨୦।୦୮।୨୦୨୫ରିଖ ପୂର୍ବାହ୍ନ ୧୦.୦୦ଘଟିକାଠାରୁ ତା୦୧।୦୯।୨୦୨୫ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ websiteରେ ଉପଲବ୍ଧ ରହିବ। ଉକ୍ତ ଫର୍ମଟିକୁ download କରି ନିର୍ଭୁଲ ଭାବେ ପୂରଣ କରି ଡାକ କିମ୍ବା କୋରିଅର ଯୋଗେ ସର୍ତ୍ତାବଳୀ ମୁତାବକ ଅନ୍ୟାନ୍ୟ କାଗଜ ପତ୍ର ସହିତ ଏକ ବନ୍ଦ ଲଫାପାରେ ଭର୍ତ୍ତିକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ପଠାଇବେ ଯାହାକି ୦୨।୦୯।୨୦୨୫ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ। ତା୦୨।୦୯।୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଆବେଦନକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଆବେଦନ ଫର୍ମ ଗୁଡ଼ିକ ଖୋଲାଯିବ।

ସ୍ୱା./– ନିର୍ବାହୀ ଅଧିକାରୀ, ପୌର ପରିଷଦ, ସୁନାବେଡ଼ା
OIPR-13076/11/0028/2526

## OFFICE OF THE DEPUTY DIRECTOR RESEARCH
Research Development & Quality Promotion (R & B), Odisha
Sachivalaya Marg, Unit-IV, Bhubaneswar
E-mail : eeqcrandbbbsr@gmail.com
"e"-Procurement Notice
Government Of Odisha
No.B-432

### WORKS DEPARTMENT
Bid Identification No. 01/DDR-RDQP/25-26

1. The Deputy Director Research, RD & QP (R&B), Odisha, Bhubaneswar on behalf of Governor of Odisha invites online bids / tenders in double cover system from eligible and reputed / ISO Certified laboratory equipment manufacturers or their Authorized distributors / dealers in double cover system for supply, installation and commissioning of different laboratory equipment / machineries, Battery-Operated Core Cutter & Power Tools & Spark Based Optical Emission Spectrometer for the laboratories under Research Development & Quality Promotion (RD&QP) (R&B) wing
2. Nature of work : Procurement of Machineries / Equipment
3. No. of work : 3 Nos.
4. Tender Paper cost : Rs.10000.00
5. Type of bidder : Original Equipment Manufacturer (OEM)/ Authorized Distributor / Dealer of OEM
6. Availability of bid document on the website : From 10.00 A.M. of 25.08.2025 to 5.30 P.M. of 15.09.2025
7. Date of opening of Bid : Dt.16.09.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Deputy Director Research, RD&QP (R&B), Bhubaneswar
OIPR-34167/11/0007/2526

## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ
ଢେଙ୍କାନାଳ (ଓଡ଼ିଶା), ପିନ କୋଡ–୭୫୯୦୦୧
ଇ–ମେଲ: dhenkanalm.hud@gmail.com
ପତ୍ର ସଂଖ୍ୟା–3178 — ତା.19.8.25 ରିଖ

### ନିଲାମ ନିମନ୍ତେ ବିଜ୍ଞାପନ

No.C–936: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଢେଙ୍କାନାଳ ପୌରପାଳିକା ଅଧୀନରେ ଥିବା ରାସ୍ତାକଡ ବିକ୍ରି ଉତ୍ସଟିକୁ ଆଗାମୀ ଆର୍ଥିକ ବର୍ଷ ୨୦୨୫–୨୬ (ତା.୦୧.୦୯.୨୦୨୫ ଠାରୁ ୩୧.୦୮.୨୦୨୬) ଆର୍ଥିକ ବର୍ଷ ନିମନ୍ତେ, ଉଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପଟ୍ଟାଦାରି ନିମନ୍ତେ ଆଗ୍ରହୀ ବ୍ୟକ୍ତି/ସଂସ୍ଥାଠାରୁ ମୁଦବିଆ ଟେଣ୍ଡର ଆହ୍ୱାନ କରାଯାଉଛି,ଟେଣ୍ଡର ଦାଖଲ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଆସନ୍ତା ତା.୨୫.୦୮.୨୫ ରିଖ ଅପରାହ୍ନ ୫ (ପାଞ୍ଚ) ଘଟିକା ସୁଦ୍ଧା ପୌର କାର୍ଯ୍ୟାଳୟରୁ ଟ.୩୦୦୦.୦୦ (ତିନି ହଜାର)ଙ୍କାର ଟେଣ୍ଡର ପେପର କ୍ରୟ କରି ସେମାନଙ୍କର ଟେଣ୍ଡର ଅର୍ପଣ କରିପାରିବେ । ଉପରୋକ୍ତ ଟେଣ୍ଡର ଆସନ୍ତା ତା.୨୬.୦୮.୨୫ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ପୌରପାଳିକାର ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ଏହି ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ । ଯଦି କୌଣସି ଟେଣ୍ଡରଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ମଧ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି ।

| କ୍ର. ନଂ. | ଉତ୍ସର ନାମ | ସମୟ ଅବଧି | ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|
| ୧ | ରାସ୍ତାକଡ ବିକ୍ରି | ୧ ବର୍ଷ (ତା.୦୧.୦୯.୨୦୨୫ ଠାରୁ ତା.୩୧.୦୮.୨୦୨୬ ପର୍ଯ୍ୟନ୍ତ) | ୧୨,୨୪,୦୮୦.୦୦/– | |

ସ୍ୱା./– ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
OIPR-13146/11/0046/2526

## GOVERNMENT OF ODISHA
## DEPARTMENT OF WATER RESOURCES
No.A-537

"e" Procurement Notice - BAID 01 OF 2025-26
**Bid Identification No. BAID 01 OF 2025-26**

**No.A-537** : The Superintending Engineer, Baitarani Irrigation Division, Salapada on behalf of Govt. of Odisha invites bid in Single Cover system from registered and established Manpower Service Provider to provide manpower as detailed below :

| | | |
|---|---|---|
| 1 | Nature of the work | : Manpower supply |
| 2 | No. of Works | : 1 (One) no. |
| 3 | Value of Works | : Rs.8.66 Lakhs |
| 4 | Tender paper cost | : Refer to DTCN |
| 5 | EMD/Bid Security | : Refer to DTCN |
| 6 | Period of Completion | : Refer to DTCN |
| 7 | Class of Contractors | : Refer to DTCN |
| 8 | Procurement officer | : Superintending Engineer, Baitarani Irrigation Division, Salapada |
| 9 | Bid Identification no. | : BAID-01/2025-26 |
| 10 | Availability of Tender for Online Bidding | : From 11.00 A.M. Dt. 25.08.2025 to 5.30 P.M. Dt.08.09.2025 |
| 11 | Date and Time for Tender Opening | : Dt.09.09.2025 @ 11.30 AM onwards in O/o the Superintending Engineer, Baitarani Irrigation Division, Salapada |
| 12 | Date and Time for lottery (If required) | : Dt.12.09.2025 @ 11.00 AM onwards in O/o the Superintending Engineer, Baitarani Irrigation Division, Salapada |

The Bidders have to participate in ONLINE bidding only. Further details can be seen from the e-procurement portal : www.tendersodisha.gov.in Any addendum / corrigendum / cancellation of tenders can be seen from the above portal.

Sd./- Superintending Engineer, Baitarani Irrigation Division
OIPR-32439/11/0003/2526

See Career Appointment on every Wednesday & Saturday

# ବିଷ ପିଇ ବିବାହିତ ଯୁବକଙ୍କ ଆତ୍ମହତ୍ୟା

ଅମରପାଲି, ୨୨।୮ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅମରପାଲି(ଫଦସିପାଲି) ଗ୍ରାମରେ ବିଷ ପିଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ଗ୍ରାମର ନାରାୟଣ ମାଝୀଙ୍କ ଦିତୀୟ ପୁତ୍ର ପ୍ରଶାନ୍ତ(୨୨)। ଗୁରୁବାର ବିଳମ୍ବିତ ରାତ୍ରିରେ ଘରୋଇ କଳିକୁ କେନ୍ଦ୍ର କରି ପରିବାର ଲୋକଙ୍କ ସହିତ ତାଙ୍କର କଥା କଟାକଟି ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଶାନ୍ତ କପା ଚାଷ ପାଇଁ ଘରେ ଥିବା କୀଟନାଶକ ପିଇ ଦେଇଥିଲେ। ଏନେଇ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ତାଙ୍କ ଘର ପର୍ଯ୍ୟନ୍ତ କୌଣସି ରାସ୍ତା ନ ଥିବାରୁ ତାଙ୍କୁ ଏକ ଖଟିଆରେ ପ୍ରାୟ ଦେଢ଼ କିଲୋମିଟର ଦୂର ପର୍ଯ୍ୟନ୍ତ ରାସ୍ତାକୁ ବୋହି ଅଣା ଯାଇଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ପୁଣି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ତାଙ୍କୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ମୃତ ଯୁବକ ଜଣକ ଜଣେ ଶ୍ରମିକ ହୋଇଥିବା ବେଳେ ସେ ପ୍ରତ୍ୟହ ମୂଲ ଲାଗି ପରିବାର ଚଳାଉଥିଲେ। ଯୁବକ ଜଣକ ବିବାହିତ ହୋଇଥିବା ବେଳେ ତାଙ୍କର ଚାରି ବର୍ଷ ଓ ଦୁଇ ବର୍ଷର ଦୁଇଟି ଝିଅ ଅଛନ୍ତି ଏବଂ ତାଙ୍କର ସ୍ତ୍ରୀ ଏବେ ଛଅ ମାସର ଗର୍ଭବତୀ ମଧ୍ୟ ଅଛନ୍ତି। ଏନେଇ ବୀରମହାରାଜପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୨/୨୦୨୫)ରେ ରୁଜୁହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଅବିନାଶ ପ୍ରଧାନ ପ୍ରକାଶ କରିଛନ୍ତି।

# ବିଲୁପ୍ତହେବାକୁ ବସିଲାଣି କାଠଘୋଡ଼ା, ହାତୀ କାରୁକାର୍ଯ୍ୟ



ସପ୍ତପୁରୀ ଅମାବାସ୍ୟା ପାଇଁ ବଜାରରେ ବିକ୍ରି ହେଉଛି ଘୋଡ଼ା ହାତୀ।

ବୀରମହାରାଜପୁର, ୨୨।୮ (ଯୁଗଳ କିଶୋର ମିଶ୍ର)

ଏବେ ସୁବର୍ଣ୍ଣପୁର ଜିଲା କାରିଗର ଓ କୁମ୍ଭକାର ପରିବାର ଲୋକେ କାଠରେ ତିଆରି ଘୋଡ଼ା ହାତୀ, ମାଟିରେ ତିଆରି ଘୋଡ଼ା ହାତୀ, କୁଣ୍ଢୀ, କାଞ୍ଚି ନିର୍ମାଣ କରି ଓଡ଼ିଶାରେ ବେଶ ସଫଳତା ପାଇ ପାରିଥିଲେ। କିନ୍ତୁ ସରକାରୀ ସହାୟତା ବା ପ୍ରୋତ୍ସାହନ ଅଭାବରୁ ଏହା ବିଲୁପ୍ତ ହେବାକୁ ବସିଲାଣି। ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ପୂର୍ବରୁ ସପ୍ତପୁରୀ ଅମାବାସ୍ୟା ଯାହାକୁ କୋଶଳି ଭାଷାରେ ପୁରା ଉଆଁସ ଭାବରେ ପାଳନ କରାଯାଇଥାଏ। ଏହିଦିନ ବିଶେଷ ଭାବରେ ଗାଁରେ ଠାକୁର, ଗ୍ରାମ ଦେବାଦେବୀଙ୍କୁ ପୂଜା ପାଠ କଲା ପରେ ଝିଅ ପୁଅମାନଙ୍କୁ ମା'ମାନେ ବନ୍ଦାପନା କରିବା ସହିତ କାଠରେ ଓ ମାଟିରେ ତିଆରି ଘୋଡ଼ା, ହାତୀ, କୁଣ୍ଢୀ କାଞ୍ଚି ସହ ଚଣା, ଡାଲିରି ଖଜା,ବାଦାମ ଲଡୁ, ଲିଆ ଓ ମୁଢ଼ି ଲଡୁ ଆଦି ଝିଅ ପୁଅ ମାନଙ୍କୁ ଦେଇଥାନ୍ତି। ସେମାନେ ଘୋଡ଼ା ହାତୀମାନଙ୍କୁ ଦାଣ୍ଡରେ ବୁଲାଇବା ସହିତ ଏ ସବୁ ସାମଗ୍ରୀ ଖାଇବାକୁ ଦେଇଥାନ୍ତି ପିଲାମାନଙ୍କୁ। କିନ୍ତୁ ଦୁଃଖର କଥା ଏହି କାଠ କାରୁକାର୍ଯ୍ୟ କରୁଥିବା ମହାରଣା ଓ ବଢ଼େଇମାନେ ଏବେ ପ୍ରୋତ୍ସାହନ ଅଭାବ ଓ ସରକାରୀ ସହାୟତା ମିଳୁ ନ ଥିବାରୁ ଏହାକୁ ନିର୍ମାଣ କଲେ ମଧ୍ୟ ତାକୁ ବିକ୍ରି କରିପାରୁ ନାହାଁନ୍ତି। ସେ ଭଳି ଭାବରେ କୁମ୍ଭାରମାନେ ମଧ୍ୟ ତାଙ୍କର ମାଟିରେ ତିଆରି ଘୋଡ଼ା ହାତୀ କୁଣ୍ଢୀ କାଞ୍ଚି ତିଆରି କଲେ ମଧ୍ୟ ତାଙ୍କ ସାମଗ୍ରୀ ଉଚିତ ମୂଲ୍ୟରେ ବିକ୍ରି କରି ପାରୁନାହାନ୍ତି। ଫଳରେ ଏହି କାରୁକାର୍ଯ୍ୟ କେବଳ ପାଠ ପୁସ୍ତକରେ ଏକ ଛବି ହୋଇ ରହିଯିବ ବୋଲି ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଉଛି। କେବଳ ସପ୍ତପୁରୀ ଅମାବାସ୍ୟାରେ ବୀରମହାରାଜପୁର ଦୈନିକ ବଜାରରେ ୨-୩ ପାଇଁ ବିକ୍ରି ହେଉଥିବାବେଳେ ଅନ୍ୟ ସମୟରେ ସେମାନେ ହାତ ବାନ୍ଧି ବସିଥିବା କହୁଛନ୍ତି। ଏଣୁ ସରକାରୀ ପ୍ରୋତ୍ସାହନ ନିହାତି ଆବଶ୍ୟକତା ରହିଛି ବୋଲି କହିଛନ୍ତି ଚମ୍ପାମାଳର ବରିଷ୍ଠ ମହାରଣା ଭିକାରୀ ମହାରଣା।

# ବର୍ଷା ପାଇଁ ଉତ୍ସବ ଫିକା ଆଶଙ୍କା

ସୋନପୁର, ୨୨।୮ (ମୃତ୍ୟୁଞ୍ଜୟ ଶତପଥୀ)

ଆସନ୍ତା କାଲି ଶନିବାର ସପ୍ତପୁରୀ ଅମାବାସ୍ୟା ବା ପୁରା ଉଆଁସ। ଏଥିପାଇଁ ପୁରାତନ ସୋନପୁର ଗଡ଼ରେ ଉତ୍ସବ ମୁଖର। ତେବେ ଲଗାତ ବର୍ଷା କାରଣରୁ ଶୁକ୍ରବାର ଲୋକେ ଘରୁ ବାହାରି ପାରିନାହାନ୍ତି। ଶନିବାର ପାଗ ପରିବର୍ତ୍ତନ ନ ହେଲେ ଚଳିତବର୍ଷ ଏହି ଉତ୍ସବ ଫିକା ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଟେରୋକୋଟା ହନୁମାନ ବିକ୍ରି ମାନ୍ଦା ଥିବାରୁ ଜିଲାର କୁମ୍ଭକାର ପରିବାର ଚିନ୍ତାରେ ଅଛନ୍ତି। ସୁବର୍ଣ୍ଣପୁର ଜିଲାର ସଂସ୍କୃତି ଓ ପରମ୍ପରା ବେଶ ସମୃଦ୍ଧ। ଦ୍ୱିତୀୟ ବାରଣାସୀ କୁହାଯାଉଥିବା ସୁବର୍ଣ୍ଣପୁର ସହରରେ ବାର ମାସରେ ତେର ପର୍ବ ଅନୁଷ୍ଠିତ ହୋଇଥାଏ। ଏଠାରେ ଏମିତି କିଛି ପର୍ବ ପାଳନ କରାଯାଏ ଯାହାକି ଅନ୍ୟ କେଉଁ ସ୍ଥାନରେ ପାଳିତ ହେଉଥିବା ଦେଖିବାକୁ ମିଳେନାହିଁ। ଲଙ୍କା ପୁଡି ଏକ ସ୍ୱତନ୍ତ୍ର ଏବଂ ନିଆରା ପରମ୍ପରା। ସପ୍ତପୁରୀ ଅମାବାସ୍ୟା ବା ପୁରା ଉଆଁସ ସନ୍ଧ୍ୟା ସମୟରେ ବାଳକମାନେ ମାଟି ହନୁମାନ ଲାଞ୍ଜରେ ଅଗ୍ନି ସଂଯୋଗ କରି ସହର ପରିକ୍ରମା କରିବାର ପରମ୍ପରା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇଆସୁଛି। ପ୍ରତ୍ୟେକ ଘରର ଛୋଟ ପିଲା ଏହି ସ୍ୱତନ୍ତ୍ର ଧରଣର ହନୁମାନ କିଣି ଲାଞ୍ଜରେ ଅଗ୍ନି ସଂଯୋଗ କରି ଅତି ଆନନ୍ଦରେ ରାସ୍ତାରେ ଟାଣିଥାନ୍ତି। ପୁରା ଉଆଁସ ପାଇଁ ସ୍ଥାନୀୟ କୁମ୍ଭକାର ସମ୍ପ୍ରଦାୟର ଲୋକେ ଏକ ନିଆରା ଢଙ୍ଗରେ ଟେରାକୋଟା ହନୁମାନ ତିଆରି କରନ୍ତି। କୌଳିକ ବୃତ୍ତି ହିସାବରେ ସେମାନେ ଏହି ସାମଗ୍ରୀ ବହୁ ୧ ମାସ ପୂର୍ବରୁ ତିଆରି କରନ୍ତି। ସାନ ଟେରାକୋଟା ହନୁମାନ ଗୋଟାକୁ ୧୦୦ ଟଙ୍କା ଓ ବଡ ଗୁଡିକୁ ୩୦୦ରୁ ୪୦୦ ଟଙ୍କାରେ ବିକ୍ରି କରନ୍ତି। ତେବେ ଲଘୁଚାପ ବର୍ଷା ଲାଗି ରହିବା କାରଣରୁ ଚଳିତ ବର୍ଷ ହନୁମାନ ବିକ୍ରି ଆଶାଜନକ ହୋଇନଥିବା କହିଛନ୍ତି ସୁବର୍ଣ୍ଣପୁର ସହର କୁମ୍ଭାରପଡାର କୁମ୍ଭକାର ସାବିତ୍ରୀ ରଣା କହିଛନ୍ତି। ଭଲ ରୋଜଗାର ଆଶାରେ ଥିବା କୁମ୍ଭକାର ପରିବାର ପ୍ରତିକୂଳ ପାଗ ପାଇଁ ନିରାଶ ହୋଇଥିବା ପ୍ରକାଶ କରିଛନ୍ତି। ସେହିପରି ଛୋଟ ପିଲାମାନଙ୍କ ଖେଳିବା ଲାଗି ରଙ୍ଗ ବେରଙ୍ଗର କାଠ ତିଆରି ହାତୀ, ଘୋଡା ଓ ବଳଦ ବିକ୍ରି କରାଯାଉଛି। ମହାରଣାପଡାର କାଠ କାରିଗର ମନୋରଞ୍ଜନ ମହାରଣାଙ୍କ ସୂଚନା ଅନୁଯାୟୀ କାଠ ତିଆରି ହାତୀ ଓ ଘୋଡାର ଦାମ ଗୋଟି ପ୍ରତି ୨୦୦ ରୁ ୩୦୦ ଟଙ୍କା ରହିଛି। ପୁରା ଉଆଁସ୍ ପାଳନ ପାଇଁ ଜିଲାର ଲୋକଙ୍କ ମଧ୍ୟରେ ସ୍ୱତନ୍ତ୍ର ଉତ୍ସାହ ରହିଛି। ଗୁରୁବାର ଓ ଶୁକ୍ରବାର ସହରର ବିଜୁ ପଟ୍ଟନାୟକ ଛକ, ମଙ୍ଗଳବାର ବଜାର, ଘୋଡ଼ାଘାଟପଡା ଓ ବ୍ଲକ ଛକ ରାସ୍ତା ପାର୍ଶ୍ୱରେ ଭିନ୍ନ ଭିନ୍ନ ପ୍ରକାର ସାମଗ୍ରୀର ପସରା ମେଲିଥିଲା। ମାଟି ହନୁମାନ ସହ ବାଳିକା ମାନେ ଖେଳିବା ପାଇଁ ବିଭିନ୍ନ ପ୍ରକାର ମାଟି ପାତ୍ର(କୁଣ୍ଡି କାଞ୍ଚି) ମଧ୍ୟ ବିକ୍ରି ହୋଇଥିଲା। କିସମ କିସମର ଲଡୁ, ଚଣା, ଚିନାବାଦାମ, ମଟର ଭଜା ଓ ଲିଆ ଆଦିର ପସରା ୪ ରୁ ୫ ଦିନ ଧରି ବସିଥିଲା। ଏହା ସହ ରଙ୍ଗ ବେରଙ୍ଗର କାଠ ତିଆରି ଘୋଡା, ହାତୀ ଲୋକଙ୍କୁ ଆକର୍ଷିତ କରିଥିଲା। ଗ୍ରାମାଞ୍ଚଳରେ ଏହି ପାରମ୍ପରିକ ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଥାଏ। ବାଳିକାମାନେ ଗାଁ ମଧ୍ୟବର୍ତ୍ତୀ ସ୍ଥାନରେ ଅସ୍ଥାୟୀ ମାଟି ଘର ତିଆରି କରନ୍ତି। ସେମାନେ ବାଉଁଶରେ ତିଆରି ଟୋକେଇ, କୁଲେଇ, ମାଟିରେ କୁଣ୍ଡି ଓ କାଞ୍ଚି ଆଦି ସାମଗ୍ରୀ ନେଇ ରୋଷେଇ ଖେଳଖେଳନ୍ତି। ତେବେ ବର୍ଷା ଯୋଗୁ ଚଳିତ ବର୍ଷର ଏହି ଉତ୍ସବକୁ ପିଲାମାନେ କିଭଳି ପାଳନ କରିବେ ଚିନ୍ତାରେ ଅଛନ୍ତି।



କୁମ୍ଭକାର ସମ୍ପ୍ରଦାୟର ଜଣେ ମହିଳା ସୋନପୁର ବିଜୁ ପଟ୍ଟନାୟକ ଛକରେ ଟେରାକୋଟା ହନୁମାନ ବିକ୍ରି କରୁଛନ୍ତି।

ଆଜି ସପ୍ତପୁରୀ ଅମାବାସ୍ୟା


## BHUBANESWAR MUNICIPAL CORPORATION
SOUTH WEST ZONE
Phone: 0674-2552715, Fax: 0674-2432895, E-mail: info@bmc.gov.in, Web: www.bmc.gov.in

No. 5158 Date: 14.08.25

### ନୋଟିସ

No. C-934: ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମ ମଣ୍ଡଳ ଅନ୍ତର୍ଗତ ନିମ୍ନଲିଖିତ ପାର୍କର ରକ୍ଷଣା ବେକ୍ଷଣ ନିମନ୍ତେ SHG ଯେଉଁମାନେ ଇଚ୍ଛୁକ ଅଛନ୍ତି ସାଦା କାଗଜରେ ନିମ୍ନ ପ୍ରମାଣ ପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା୨୦।୦୮।୨୦୨୫ରିଖଠାରୁ ତା୨୫।୦୮।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଦାଖଲ କରିପାରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ।

| କ୍ର.ନଂ. | ୱାର୍ଡ ନଂ. | ପାର୍କର ନାମ | ପାର୍କ କ୍ଷେତ୍ରଫଳ | ପାର୍କର ଠିକଣା |
|---|---|---|---|---|
| 1 | 65 | Labour Stand, Dumuduma | Ac.045 decimal | Labour Stand, Dumuduma |

୧. ରେଜିଷ୍ଟ୍ରେସନ କପି ୨. ମେମ୍ବରମାନଙ୍କ ତାଲିକା ୩. ବୈଠକ ବିବରଣୀ

OIPR-13002/11/0238/2526 ସ୍ୱା./- ଭାରପ୍ରାପ୍ତ ମଣ୍ଡଳ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ, ଭୁବନେଶ୍ୱର ମହାନଗର ନିଗମ

## ROURKELA DEVELOPMENT AUTHORITY
UDITNAGAR : ROURKELA - 769012
No. 2250/RDA., dated 16.08.2025

### PROCLAMATION

**No.CAD-1539** : It is hereby informed to the General public that **Md. Hasib Ahmed, S/O - Late Hafiz Samsuddin** has applied for allottee for transfer of **House No. L/5, Block-7, under JNHS, Nala Road Rourkela in favour of Md Naushad, S/O - Md Idresh,** Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
OIPR-13250/11/0094/2526 Rourkela Development Authority

## ODISHA PUBLIC SERVICE COMMISSION, CUTTACK
### NOTICE

No.6012/PSC Dt.21.08.2025
(1R-19-24/25) (DR-V)

**Assistant Professor (Stage-I) in Sociology**
**(Advertisement No. 27 of 2023-24)**

No. D-181: It is for information of all concerned that, document verification of **166 (One hundred sixty six)** candidates having **PPSAN** mentioned below for the post of **Assistant Professor (Stage-I) in "Sociology",** pursuant to advertisement No. 27 of 2023-24 shall be held from **29.08.2025 to 04.09.2025 (except Govt. holiday)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 29.08.2025 | 10.30 A.M. | P220007747, P240304503, P240308833, P240308906, P240309557, P240298093, P240301347, P240311967, P230113520, P240307923, P240307032, P240302238, P220042465, P220005854, P240303968 & P240306135 = **16 Candidates** |
| | 02.30 P.M. | P230133116, P230151137, P230152801, P240284908, P220075344, P230120623, P240292840, P240301421, P230155733, P240299565, P240301788 & P240311846 = **12 Candidates** |
| 30.08.2025 | 10.30 A.M. | P240303862, P240278146, P220082972, P240295996, P240309589, P230102257, P220067629, P240284727, P240298449, P240308041, P240307536, P240294851, P230110511, P240288262, P240300122 & P220062158 = **16 Candidates** |
| | 02.30 P.M. | P230158015, P240306796, P240248137, P240308812, P240299018, P240285416, P240237082, P240271701, P220068011, P240290271, P240263514 & P240281775 = **12 Candidates** |
| 01.09.2025 | 10.30 A.M. | P240307311, P240290397, P240304563, P240296656, P240306246, P240296222, P230163501, P240309922, P220045532, P220080060, P240296811, P240278178, P220082506, P240304267, P240297870 & P240293884 = **16 Candidates** |
| | 02.30 P.M. | P240311460, P220063011, P240306471, P240299978, P240254815, P240294271, P220085745, P240283001, P240293646, P230118185, P240304358 & P220075641 = **12 Candidates** |
| 02.09.2025 | 10.30 A.M. | P240302834, P240270475, P220041800, P230139364, P230104025, P220053933, P240253080, P240270624, P230121719, P240263228, P240276084, P230133760, P240301469, P240288619, P220072423 & P240304672 = **16 Candidates** |
| | 02.30 P.M. | P220074281, P230115793, P220070593, P230134335, P220046487, P240296475, P240279574, P230101565, P240306515, P230133391, P220074655 & P230104334 = **12 Candidates** |
| 03.09.2025 | 10.30 A.M. | P240253358, P220070777, P230147382, P220032501, P240308599, P240308540, P240250396, P240289115, P240296636, P240292852, P230126877, P230120088, P220040880, P240283575, P230116861 & P230145045 = **16 Candidates** |
| | 02.30 P.M. | P220051245, P240264609, P220062112, P230100821, P230098657, P230129801, P240256458, P240255252, P230109720, P230113737, P240312111 & P230127726 = **12 Candidates** |
| 04.09.2025 | 10.30 A.M. | P220087753, P240279196, P230106281, P220055274, P240288786, P230117219, P230121669, P240256373, P230217537, P230116136, P240272018, P220082367, P220035574, P220085569, P230142013 & P220055320 = **16 Candidates** |
| | 02.30 P.M. | P230130765, P220019026, P240248244, P230158896, P240309271, P240263088, P230122254, P240290794, P240253404 & P220006581 = **10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0296/2526 Sd./- Secretary

## OFFICE OF THE SUPERINTENDING ENGINEER BALASORE (ROADS & BUILDINGS) DIVISION-II
AT/PO - BHASKARGANJ, BALASORE
CONTACT NO. : 06782-263149, E MAIL ID : eepwdbls2@gmail.com

### SHORT TENDER CALL NOTICE

BID INVITATION NO. EE (R AND B) BLS-II-16 / 2025-26
No.B-434 No.5393 dt.20.08.2025

| | | |
|---|---|---|
| 1 | The Superintending Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in **ONLINE MODE** only for Roads & Buildings works. | |
| 2 | No. of Work | : 6 Nos |
| 3 | Nature of work | : Road Work |
| 4 | Class of Contractor | : **"D", "C" & "B"** |
| 5 | Approx. value of work | : **Rs.26.77 Lakhs to 9.60 Lakhs** |
| 6 | Tender Cost | : Rs.4000.00 (Sl. No. 5, 6) & Rs.6000.00 (Sl. No. 1, 2, 3 & 4) |
| 7 | Availability of Bid Documents in the website | : From 10.00 AM of 25.08.2025 to 1.00 PM of 03.09.2025 |
| 8 | Date of Opening of Bid | : Dt.03.09.2025 at 1.30 PM |
| 9 | Other details can be seen in the Bidding documents from the website : https://tendersorissa.gov.in. | |

Sd./- Superintending Engineer
OIPR-34155/11/0026/2526 Balasore (R&B) Division-II

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 15533/ଭୁ.ଉ.କ., ଭୁବନେଶ୍ୱର ତା.11.08.2025 ରିଖ
CPM-II-1571/84

### ସୂଚନା

**No.CAD-1526:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-**MIG-II-F-14/16**କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୭୧୨୩, ତା.୧୫.୦୭.୨୦୨୨ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ସର୍ବେଶ୍ୱର ପାଇକରାୟ, ପିତା-ଅନ୍ତର୍ଯ୍ୟାମୀ ପାଇକରାୟ, ଗ୍ରାମ-ଶ୍ୟାମଘନପୁର, ପୋଷ୍ଟ-ବ୍ରଜରାଜପୁର, ଥାନା-ରଣପୁର, ଜିଲ୍ଲା-ନୟାଗଡ଼, ଓଡ଼ିଶାଙ୍କ** ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

